
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୨୫ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 25 September 2025
Vol.No. 36 ■ No.254 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଲେହ-ଲଦାଖରେ ତାତିଲେ 'ଜେନ୍-ଜି'

### ■ପୋଲିସ-ଛାତ୍ର ମୁହାଁମୁହିଁ, ଜାଳିଦେଲେ ଗାଡ଼ି
### ■୪ ମୃତ, ୭୦ରୁ ଅଧିକ ଆହତ, କର୍ଫ୍ୟୁ ଜାରି



ନୂଆଦିଲ୍ଲୀ,୨୪/୯ : ଲେହରେ 'ଜେନ୍-ଜି' କେନ୍ଦ୍ର ସରକାରଙ୍କ ବିରୋଧରେ ପ୍ରତିବାଦ ଆରମ୍ଭ କରିଛନ୍ତି। ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କ ସମର୍ଥନରେ ଛାତ୍ରମାନେ ଏକ ବିଶାଳ ପ୍ରତିବାଦ କରିଛନ୍ତି। ପ୍ରତିବାଦ ସମୟରେ ଛାତ୍ରମାନେ ଏକ ସିଆରପିଏଫ ଗାଡ଼ି ଜାଳି ଦେଇଥିଲେ। ପୋଲିସ ଏବଂ ଛାତ୍ରମାନଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ୱାଙ୍ଗଚୁକ କିଛି ମାସ ଧରି ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବି କରି ଆସୁଛନ୍ତି, କିନ୍ତୁ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ କୌଣସି ଠୋସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାଁନ୍ତି। ସାମାଜିକ ଏବଂ ଜଳବାୟୁ କର୍ମୀ ସୋନମ ୱାଙ୍ଗଚୁକ କିଛି ଦିନ ଧରି ଲଦାଖରେ ଅନଶନରେ ବସିଛନ୍ତି। ସେ ଲଦାଖକୁ ଷଷ୍ଠ ଅନୁସୂଚୀରେ ଅନ୍ତର୍ଭୁକ୍ତ କରିବା ଏବଂ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବି କରୁଛନ୍ତି। ବୁଧବାର ଲେହରେ ଛାତ୍ରମାନେ ୱାଙ୍ଗଚୁକଙ୍କ ସମର୍ଥନରେ ପ୍ରତିବାଦ ଆରମ୍ଭ କରିଥିଲେ। ଛାତ୍ର ପ୍ରତିବାଦ ଏତେ ହିଂସାତ୍ମକ ହୋଇଯାଇଥିଲା ଯେ, ସେମାନଙ୍କର ପୋଲିସ ସହିତ ସଂଘର୍ଷ ହୋଇଥିଲା। ପୋଲିସ ପରିସ୍ଥିତିକୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲା, କିନ୍ତୁ ପ୍ରତିବାଦ ଆହୁରି ତୀବ୍ର ହୋଇଥିଲା। ସୋନମ ୱାଙ୍ଗଚୁକଙ୍କ ନେତୃତ୍ୱରେ ଲଦାଖର ସର୍ବୋଚ୍ଚ ସଂଗଠନ ଷଷ୍ଠ ଅନୁସୂଚୀ ଅନ୍ତର୍ଭୁକ୍ତ କରିବା ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବି କରୁଛି। ୱାଙ୍ଗଚୁକ ମଧ କିଛି ଦିନ ପାଇଁ ଅନଶନରେ ବସିଥିଲେ। ସେ ପ୍ରଥମେ ନୂଆଦିଲ୍ଲୀ ଅଭିମୁଖେ ଏକ ଲମ୍ବା ମାର୍ଚ୍ଚର ନେତୃତ୍ୱ ନେଇଥିଲେ ଏବଂ ତା'ପରେ ଅନଶନରେ ବସିଥିଲେ। ଏବେ, ଜେନେରେସନ-ଜି ତାଙ୍କ ସମର୍ଥନରେ ରାସ୍ତାକୁ ଓହ୍ଲାଇଛନ୍ତି। ଏହା ଉଲ୍ଲେଖନୀୟ ଯେ, ୫ ଅଗଷ୍ଟ, ୨୦୧୯ରେ ଧାରା ୩୭୦ ପ୍ରତ୍ୟାହାର ପରେ ଜମ୍ମୁ ଏବଂ କଶ୍ମୀରକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଥିଲା। ଜମ୍ମୁ ଏବଂ କଶ୍ମୀର ଏକ ପୃଥକ କେନ୍ଦ୍ରଶାସିତ ଅଞ୍ଚଳ ହୋଇଥିଲା। ଲେହ ଏବଂ କାର୍ଗିଲକୁ ନେଇ ଗଠିତ ଲଦାଖ ଏକ ପୃଥକ କେନ୍ଦ୍ରଶାସିତ ଅଞ୍ଚଳ ହୋଇଥିଲା। ଏହି ଲଦାଖକୁ ପୂର୍ଣ୍ଣ ମାନ୍ୟତା ପାଇଁ ଦାବି ଉଠାଯାଉଛି।

## ପୂର୍ବ ନିର୍ଦ୍ଧାରିତ ଦିନକ ପୂର୍ବରୁ ସରିଲା ବିଧାନସଭାର ମୌସୁମୀ ଅଧିବେଶନ




ଭୁବନେଶ୍ୱର, ୨୪/୯ (ନି.ପ୍ର): ପୂର୍ବ ନିର୍ଦ୍ଧାରିତ ଦିନକ ପୂର୍ବରୁ ସରିଲା ବିଧାନସଭାର ମୌସୁମୀ ଅଧିବେଶନ। ସେପ୍ଟେମ୍ବର ୧୬ରୁ ଅଧିବେଶନ ଆରମ୍ଭ ହୋଇଥିଲା। ସୂଚୀ ଅନୁସାରେ ସେପ୍ଟେମ୍ବର ୨୫ ଯାଏଁ ଗୃହ ଚାଲିବାର ଥିଲା। ବାଚସ୍ପତି ସୁରମା ପାଢ଼ୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗୃହ କାର୍ଯ୍ୟ ମୁଲତବି ରଖିଛନ୍ତି । କିଛି ସରକାରୀ କାର୍ଯ୍ୟ ନଥିବାରୁ ଓ ନବରାତ୍ର ପୂଜା ପାଇଁ ସରକାରୀ ଦଳ ମୁଖ୍ୟ ସଚେତକ ଗୃହ କାର୍ଯ୍ୟକୁ ବନ୍ଦ ପ୍ରସ୍ତାବ ଆଣିଛନ୍ତି । ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନ ଗତ ୧୬ ତାରିଖ ଦିନ ଆରମ୍ଭ ହୋଇଥିଲା । ଏହି ଅଧିବେଶନ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବାର ଥିଲା । କିନ୍ତୁ କିଛି ସରକାରୀ କାର୍ଯ୍ୟ ନଥିବାରୁ ଓ ନବରାତ୍ର ପୂଜା ପାଇଁ ଆଜି ସରକାରୀ ଦଳ ମୁଖ୍ୟ ସଚେତକ ଗୃହ କାର୍ଯ୍ୟକୁ ବନ୍ଦ ପ୍ରସ୍ତାବ ଆଣିଥିଲେ । ଫଳରେ ଦିନକ ପୂର୍ବରୁ ବିଧାନସଭାର ମୌସୁମୀ ଅଧିବେଶନ ଶେଷ କରାଯାଇଛି। ତେବେ ମୌସୁମୀ ଅଧିବେଶନରେ ସାତଟି କାର୍ଯ୍ୟ ଦିବସ ଥିବା ବେଳେ ଛଅଟି କାର୍ଯ୍ୟ ଦିବସ ଅନୁଷ୍ଠିତ ହୋଇଛି।

▶▶ପୃଷ୍ଠା ୭

## ଆଜି ସୃଷ୍ଟି ହେବ ଆଉ ଏକ ଲଘୁଚାପ : ୨୬ତାରିଖରେ ନେଇପାରେ ଅବପାତର ରୂପ

ଭୁବନେଶ୍ୱର, ୨୪/୯ (ନି.ପ୍ର): ଆସନ୍ତାକାଲି ସୃଷ୍ଟି ହେବ ଆଉ ଏକ ଲଘୁଚାପ , ୨୬ତାରିଖରେ ନେଇପାରେ ଅବପାତର ରୂପ । ୨୭ବେଳକୁ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ଉପକୂଳ ଅତିକ୍ରମ ସମ୍ଭାବନା । ଆସନ୍ତାକାଲି ଉତ୍ତର ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ନୂତନ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଅଛି । ପରେ ଏହା ପଶ୍ଚିମ ଦିଗକୁ ଗତି କରିବା ସହ ସେପ୍ଟେମ୍ବର ୨୬ ତାରିଖ ରେ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ଏହା ସେପ୍ଟେମ୍ବର ୨୭ ତାରିଖ ପାଖାପାଖି ଦକ୍ଷିଣ ଓଡ଼ିଶା ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି । ଉଭୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ବିଶେଷ କରି ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷିବ । ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ରେ ସାରା ଓଡ଼ିଶାରେ ବିଜୁଳି ଘଡଘଡି ବର୍ଷାକୁ ନେଇ ହଳଦିଆ ଚେତାବନୀ ଦେଇଛି ବିଭାଗ । ମାଲକାନଗିରିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ସହ ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଗଜପତି ଜିଲ୍ଲାରେ ପ୍ରବଳ ବର୍ଷା ନେଇ ହଳଦିଆ ଚେତାବନୀ ଜାରି କରାଯାଇଛି । ଲଘୁଚାପ ପ୍ରଭାବରେ ଆହୁରି ୪ ଦିନ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା । ସାରା ରାଜ୍ୟରେ ବିଜୁଳି ଘଡଘଡି ପାଇଁ ସତର୍କତା ଜାରି କରାଯାଇଛି ।

## ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର: ପୂଜା ପାଇଁ ମିଳିବ ଆଗୁଆ ଦରମା

ଭୁବନେଶ୍ୱର, ୨୪/୯ (ନି.ପ୍ର): ଶାରଦୀୟ ଦୁର୍ଗାପୂଜା ପାଇଁ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ଆଗୁଆ ମିଳିବ ଦରମା। ଚଳିତ ସେପ୍ଟେମ୍ବର ମାସର ଦରମା ୨୬ ତାରିଖରେ ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ମାସର ଶେଷ କାର୍ଯ୍ୟ ଦିବସରେ ଦରମା ମିଳୁଥିବା ବେଳେ, ଦୁର୍ଗାପୂଜା ପାଇଁ ଆସନ୍ତା ୨୭ ତାରିଖରୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଛୁଟି ରହିବ। ଦଶହରା ପରି ପାର୍ବଣ ଋତୁରେ ବିଭିନ୍ନ ସାମଗ୍ରୀ କିଣାକିଣି ହୋଇଥାଏ ଏବଂ ଏବର୍ଷ ସାରା ଦେଶରେ ଜିଏଏସଟି-୨.୦ ସଂସ୍କାର ପରେ ସାରା ଦେଶରେ ସଞ୍ଚୟ ଉତ୍ସବ ମଧ ପାଳନ କରାଯାଉଛି।

▶▶ପୃଷ୍ଠା ୭

## ପ୍ରଥମ ପତ୍ନୀଙ୍କୁ ହତ୍ୟା କରିଥିଲା ସଇତାନ ଦୀପକ: ବିଧାନସଭାରେ ଗୁମର ଖୋଲିଲେ ଆଇନମନ୍ତ୍ରୀ



ଭୁବନେଶ୍ୱର, ୨୪/୯ (ନି.ପ୍ର): ରାଜଧାନୀରେ ମହିଳା କନେଷ୍ଟବଳ ଶୁଭମିତ୍ରାଙ୍କ ହତ୍ୟା ଘଟଣାରେ କମ୍ପିଲା ଗୃହ । ପତ୍ନୀହନ୍ତା ଦୀପକ ତାର ପ୍ରଥମ ପତ୍ନୀ ଅପର୍ଣ୍ଣା ପ୍ରିୟଦର୍ଶିନୀଙ୍କୁ କରିଥିଲା ହତ୍ୟା । ବୀମା ଟଙ୍କା ହଡ଼ପ ପାଇଁ ହୋଇଥିଲା ଷଡ଼ଯନ୍ତ୍ର । ୨୦୨୨ମସିହାର ଏହି ଘଟଣାକୁ ମିଳିମିଶି ଚାପି ଦେଇଥିବା ଖୋଲାଖୋଲି ଭାବରେ ଅଭିଯୋଗ କରିଛନ୍ତି ଆଇନମନ୍ତ୍ରୀ। କହିଛନ୍ତି, ସେତେବେଳେ ଅର୍ଥାତ ୧୭ ମାର୍ଚ୍ଚ ରାତି ପ୍ରାୟ ୯ ଟା ବେଳେ ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲା ଅଭିଯୁକ୍ତ ଦୀପକ । ଓଡ଼ି-୦୨-୩୮୪୬ ନମ୍ବର ଥିବା ଏକ ଟ୍ରକ ଧକ୍କାରେ ପତ୍ନୀଙ୍କ ମୃତ୍ୟୁ ହୋଇଥିବା ଥାନାରେ

▶▶ପୃଷ୍ଠା ୭

## ମହାନଦୀରେ ବନ୍ୟା : ୨୭ ତାରିଖ ସକାଳୁ ମୁଣ୍ଡଳିରେ ପହଞ୍ଚିବ ୭ ଲକ୍ଷ କ୍ୟୁସେକ ବନ୍ୟାଜଳ

ଭୁବନେଶ୍ୱର, ୨୪/୯ (ନି.ପ୍ର): ମହାନଦୀରେ ବନ୍ୟା । ୨୭ ତାରିଖ ସକାଳୁ ମୁଣ୍ଡଳିରେ ପହଞ୍ଚିବ ୭ ଲକ୍ଷ କ୍ୟୁସେକ ବନ୍ୟାଜଳ, ଫୁଲିବ ଶାଖାନଦୀ । ୨୭ ତାରିଖ ସକାଳୁ ୭ ଲକ୍ଷ କ୍ୟୁସେକ ବନ୍ୟାଜଳ ମୁଣ୍ଡଳିରେ ପ୍ରବାହିତ ହେବ । ମୁଣ୍ଡଳିରେ ଯଦି ବର୍ଷା ହୁଏ ପାଣି ଅଧିକ ଆସିବ । ଏବେ ୧ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି ।

▶▶ପୃଷ୍ଠା ୭

## ଶ୍ରୀମୟୀଙ୍କ ନୂଆ ବାଣ: ନବୀନ ଛାନିଆ



ଭୁବନେଶ୍ୱର, ୨୪/୯ (ନି.ପ୍ର): ଚଳିତ ମାସରେ ଚର୍ଚ୍ଚାରେ ଅଛନ୍ତି ଶ୍ରୀମୟୀ ମିଶ୍ର। ମହାଭାରତର ଧୃତରାଷ୍ଟ୍ର ଓ ଦୁର୍ଯ୍ୟୋଧନ ଚରିତ୍ର, ପ୍ରକାଶ ଝା'ଙ୍କ ଓଟିଟି ୱେବସିରିଜ୍ 'ଆଶ୍ରମ'ର 'ଭଣ୍ଡ ସନ୍ୟାସୀ' ଉପାଖ୍ୟାନ କଥା ସୋଶାଲ ମିଡିଆରେ ପୋଷ୍ଟ କରି ଶ୍ରୀମୟୀ ବିଜେଡି ରାଜନୀତିରେ କମ୍ପନ ସୃଷ୍ଟି କରିଥିଲେ । ଶ୍ରୀମୟୀ କାହାରି ନାଁ ଉଲ୍ଲେଖ କରିନଥିଲେ ମଧ ବିଜେଡି ଏକ ସାମ୍ବାଦିକ ସମ୍ମିଳନୀ କରି ତାଙ୍କୁ ସୋଶାଲ ମିଡିଆରେ ଏ ପ୍ରକାର ପୋଷ୍ଟ କରିବାରୁ ବିରତ ରହିବାକୁ ଚେତାବନୀ ଦେଇଥିଲା। ଫଳରେ ଶ୍ରୀମୟୀଙ୍କ 'ଧୃତରାଷ୍ଟ୍ର' ଓ 'ଭଣ୍ଡ ସନ୍ୟାସୀ' ଆକ୍ଷେପ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ଦଳ ପରୋକ୍ଷରେ ସ୍ୱୀକାର କରିଥିଲା ବୋଲି ଆଲୋଚନା ହୋଇଥିଲା। ଆଉ ଗତକାଲି ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡି ଶ୍ରୀମୟୀଙ୍କୁ ନିଲମ୍ବନ କଲା ପରେ ତାହା ପ୍ରମାଣିତ ହୋଇଗଲା ବୋଲି ଆଲୋଚନା ହେଉଛି। ନିଲମ୍ବନ ଆଦେଶ ପରେ ବିଜେଡି ବିପକ୍ଷରେ ଶ୍ରୀମୟୀ ତାଙ୍କ ଆକ୍ରମଣକୁ ଆହୁରି ଶାଣିତ କରିଛନ୍ତି। ନିଲମ୍ବନ ଆଦେଶକୁ ହାସ୍ୟସ୍ପଦ ବୋଲି କହିଛନ୍ତି ଶ୍ରୀମୟୀ। ନିଲମ୍ବନ ଆଦେଶ ଆସିବା ପରେ ପରେ ଗତକାଲି ଏକ ସୋଶାଲ ମିଡିଆ ପୋଷ୍ଟରେ ସେ କହିଛନ୍ତି, ଦୀର୍ଘ ଏକ ବର୍ଷ ଧରି ଯେଉଁ ଦଳରେ ନାହିଁ ଓ ନିଜର ସଦସ୍ୟତା ନବୀକରଣ କରିନାହିଁ, ସେ ଦଳ ମୋତେ ନିଲମ୍ବନ କରିବା ଜଗତେ କେବଳ ଜଣେ ହସିବେ। ଏହା ସହିତ ସେ ନାଁ ନନେଇ ଭିକେ ପାଣ୍ଡିଆନ ଓ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରିଛନ୍ତି। ଜଣେ ଜନନାୟକଙ୍କର ଦାୟାଦ ନିଜେ ନିଷ୍ପତ୍ତି

▶▶ପୃଷ୍ଠା ୭

## ରେଳ କର୍ମଚାରୀଙ୍କୁ ପାର୍ବଣ ଭେଟି: ୭୮ ଦିନର ବୋନସ୍‌କୁ ମିଳିଲା କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ

ନୂଆଦିଲ୍ଲୀ,୨୪/୯ : ରେଳକର୍ମଚାରୀଙ୍କୁ ପୂଜା ଭେଟି । ୧୦ଲକ୍ଷ ୯୧ ହଜାର ୧୪୬ଜଣ କର୍ମଚାରୀଙ୍କୁ ମିଳିବ ୭୮ଦିନର ବୋନୋସ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ଆଜି ୧୦ ଲକ୍ଷ ୯୧ ହଜାର ୧୪୬ ଜଣ ରେଳ କର୍ମଚାରୀଙ୍କୁ ୭୮ ଦିନର ଉତ୍ପାଦକତା ଆଧାରିତ ବୋନସ ବା ପ୍ରଡକ୍ଟିଭିଟି ଲିଙ୍କଡ୍ ବୋନସ ବା ପିଏଲବି ବାବଦରେ ୧୮୬୫.୮୬ କୋଟି ଟଙ୍କା ପ୍ରଦାନ କରିବା ପ୍ରସ୍ତାବକୁ ଅନୁମୋଦନ କରିଛି । ପ୍ରତିବର୍ଷ ଦୁର୍ଗା ପୂଜା ଛୁଟି ପୂର୍ବରୁ ଯୋଗ୍ୟ ରେଳ କର୍ମଚାରୀଙ୍କୁ ପିଏଲବି ପ୍ରଦାନ କରାଯାଏ । ଚଳିତ ବର୍ଷ ମଧ୍ୟ ପ୍ରାୟ ୧୦.୯୧ ଲକ୍ଷ ଅଣ-ଗେଜେଟେଡ୍ ରେଳ କର୍ମଚାରୀଙ୍କୁ ୭୮ଦିନର ମଜୁରୀ ସମକକ୍ଷ ପିଏଲବି ପ୍ରଦାନ କରାଯାଉଛି ।

## ୨୭ରୁ ଓଟିଇଟି ପରୀକ୍ଷା: ଏଥର କଡ଼ା ସୁରକ୍ଷାରେ ରହିବ ପ୍ରଶ୍ନପତ୍ର

ଭୁବନେଶ୍ୱର, ୨୪/୯ (ନି.ପ୍ର): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଆସନ୍ତା ୨୭ ତାରିଖରୁ ଠାରୁ ଆରମ୍ଭ ହେବାକୁ ଯାଉଛି । ପ୍ରଶ୍ନପତ୍ର ସହ ପରୀକ୍ଷା ପରିଚାଳନା ସୁରକ୍ଷିତ ଭାବେ କରିବା ପାଇଁ ବୋର୍ଡ ପକ୍ଷରୁ କଡା ପଦକ୍ଷେପ ନିଆଯାଇଛି । ପ୍ରଶ୍ନ ପତ୍ର ଲିକ୍ ନହେବା ଲାଗି ପ୍ରଶ୍ନପତ୍ରରେ ୱାଟର ମାର୍କ ଏବଂ ପ୍ରତି ପ୍ରଶ୍ନରେ ସିରିଏଲ କୋଡ୍ ନମ୍ବର ରହିଛି । ଏହାଦ୍ୱାରା ପ୍ରଶ୍ନପତ୍ର ଲିକ୍ ହେଲେ କେଉଁ ସେଣ୍ଟର କିମ୍ବା ଏବଂ କାହାଠାରୁ ଲିକ୍ ହେଲା ଜାଣିହେବ । ପ୍ରଶ୍ନପତ୍ର ସେଣ୍ଟରକୁ ଯିବାବେଳେ, ଟିଣ ବାକ୍ସରେ ଦୁଇଟି ମାନୁଆଲ ଚାବି ସହିତ ଡିଜିଟାଲ ଲକ୍ ବ୍ୟବସ୍ଥା କରାଯାଇଛି ।

▶▶ପୃଷ୍ଠା ୭

## ବିହାର କଂଗ୍ରେସ ମଙ୍ଗ ଧରିବେ ପ୍ରିୟଙ୍କା



ନୂଆଦିଲ୍ଲୀ,୨୪/୯ : ନିର୍ବାଚନ ତାରିଖ ଘୋଷଣା ହୋଇନାହିଁ , ହେଲେ ବିହାରରେ ନିର୍ବାଚନୀ ରାଜନୀତି ସରଗରମ । ଏନଡିଏ ତରଫରୁ ପ୍ରଧାନମନ୍ତ୍ରୀଙ୍କ ଘନ ଘନ ଗସ୍ତ, ବିହାର ପାଇଁ ଯୋଜନା ପରେ ଯୋଜନା ଘୋଷଣା କରୁଛନ୍ତି। ଅର୍ଥାତ ବିହାର ଏନଡିଏରେ ଏଥର ମଙ୍ଗ ଧରିଛନ୍ତି ସିଧା ପ୍ରଧାନମନ୍ତ୍ରୀ । ଗୃହମନ୍ତ୍ରୀ ପହଂଚୁଛନ୍ତି, ଅନ୍ୟାନ୍ୟ ବିଜେପିର କେନ୍ଦ୍ରୀୟନେତାମାନେ ବି ଡେରା ପକାଇଲେଣି । ଗତ ନିର୍ବାଚନରେ ବହୁମତରୁ ଟିକେ ଆଗକୁ ଯାଇ ଏନଡିଏ ସରକାର ଗଠନ କରିଥିଲା । ଏବଂ ମହାଗଠବନ୍ଧନ ବହୁମତରୁ ଅଳ୍ପ କିଛି ଦୂରରେ ରହିଯାଇଥିଲା । ହେଲେ ଏଥର ସହଜରେ ବହୁମତ ହାସଲ କରିବାକୁ ଏନଡିଏ ମେଣ୍ଟ କଳ ବଳ କୌଶଳ ସବୁ ପ୍ରୟୋଗ କରିବା ଆରମ୍ଭ କରିଦେଇଥିବା ବେଳେ ମହାଗଠବନ୍ଧନ ବହୁମତ ଛୁଇଁବାକୁ ପୂରା ଦମ୍ ଲଗାଇ ଦେଇଛି । କିଛିଦିନ ପୂର୍ବରୁ କଂଗ୍ରେସ ସାଂସଦ ତଥା ବିରୋଧୀଦଳର ନେତା ରାହୁଲ ଗାନ୍ଧୀ ବିହାରରେ ଭୋଟ ଅଧିକାର ଯାତ୍ରା କରି ଦଳର ନେତା ଓ କର୍ମୀଙ୍କ ଭିତରେ ଯୋଶ ଭରିଛନ୍ତି। ହେଲେ ଏହି ଯାତ୍ରାରେ ପୂରା ମହାଗଠବନ୍ଧନର ସବୁ ସହଯୋଗୀ ଦଳ ସାମିଲ ଥିଲେ । ରାହୁଲଙ୍କ ପ୍ରଚାର ଗାଡ଼ିରେ ଆରଜେଡିର ତେଜସ୍ୱୀ ଯାଦବ ଓ ବାମମେଣ୍ଟର ଦୀପଙ୍କର ଭଟ୍ଟାଚାର୍ଯ୍ୟଙ୍କୁ ଦେଖିବାକୁ ମିଳିଥିଲା। ଆଉ ପ୍ରସଙ୍ଗ ଥିଲା ବିଜେପିର ଭୋଟ ଚୋରି ଏବଂ ବିହାରର ଏସଆଇଆର । ଏହାପରେ ଆଇଜେଡି ତରଫରୁ ବ୍ୟକ୍ତିଗତ ଭାବେ ବିହାରରେ ବିହାର ଅଧିକାର ଯାତ୍ରା ଚାଲିଛି । ରାହୁଲଙ୍କ ଭୋଟର ଅଧିକାର ଯାତ୍ରା ହେଉ କି ତେଜସ୍ୱୀଙ୍କ ବିହାର ଅଧିକାର ଯାତ୍ରା ହେଉ । ଏହି ଯାତ୍ରାରେ ଲୋକଙ୍କ ଖଚାଖଚ୍ ଭିଡ଼ ଦେଖିବାକୁ ମିଳିଥିଲା । ରାହୁଲଙ୍କ ଦେଶୀ ଅନ୍ଦାଜ ବିହାର ଏନଡିଏର ହୋସ ଉଡାଇଦେଇଥିଲା । ଏବେ ତେଜସ୍ୱୀଙ୍କ ତରଫରୁ ଚାଲିଥିବା ବିହାର ଅଧିକାର ଯାତ୍ରାରେ ବି ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି । ଦର୍ଶକ ବନ୍ଧୁ ମିଳିତ ଯାତ୍ରା ପରେ ଏବେ ମହାଗଠବନ୍ଧନର ସହଯୋଗୀ ଦଳମାନେ ସେମାନଙ୍କର ବ୍ୟକ୍ତିଗତ ପ୍ରଦର୍ଶନ ଆରମ୍ଭ କରିଦେଇଛନ୍ତି । ଆରଜେଡିର ବିହାର ଅଧିକାର ଯାତ୍ରା ଚାଲିଥିବା ବେଳେ କଂଗ୍ରେସ ବିହାରର ବିଭିନ୍ନ ସ୍ଥାନରେ ଜନସଭା ନାମରେ ଶକ୍ତି ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ହେଉଛି । ଆଉ ସବୁଠାରୁ ବଡ଼ କଥା ବିହାର ରାଜନୀତିରେ ପ୍ରଥମଥର ପ୍ରିୟଙ୍କା ଗାନ୍ଧୀ ଏଣ୍ଟ୍ରି ମାରୁଛନ୍ତି । ୨୬ ତାରିଖରେ ବିହାରର ମୋତିହାରିରେ ପ୍ରିୟଙ୍କା ଜନସଭାରେ ସମ୍ବୋଧିତ କରିବେ। ଏହାସହ ମୋତିହାରୀର କିଛି ଅଞ୍ଚଳକୁ ଯାଇ ଲୋକଙ୍କୁ ଭେଟିବେ।

▶▶ପୃଷ୍ଠା ୭




ପୂଜା ସଂଖ୍ୟା ସାଗରିକାର
ଶୁଭ ଉନ୍ମୋଚନ ଉତ୍ସବ

ମହାଶୟ/ ମହାଶୟା
ଶାରଦୀୟ ଅଭିନନ୍ଦନ । ସାହିତ୍ୟ ପତ୍ରିକା ସାଗରିକା ଶାରଦୀୟସଂଖ୍ୟାର ଶୁଭ ଉନ୍ମୋଚନ ଉତ୍ସବ ଆସନ୍ତା ତା୨୮/୦୯/୨୦୨୫ରିଖ ରବିବାର ଦିବା ୧୦ ଘଟିକା ସମୟରେ ବାଲେଶ୍ୱରସ୍ଥିତ ଷ୍ଟେସନ କ୍ଲବ (ଦୁର୍ଗା ମେଡିସିନ୍ ଷ୍ଟୋର ନିକଟ) ସଭାଗୃହରେ ଅନୁଷ୍ଠିତ ହେବ । ଏହି ଉତ୍ସବରେ ଆପଣମାନଙ୍କର ସଦୟ ଉପସ୍ଥିତି ଏକାନ୍ତ କାମ୍ୟ ।

ଆପଣଙ୍କ ଅପେକ୍ଷାରେ
ସୃଷ୍ଟିଧର ପରିଡା
ପରିଚାଳନା ସଂପାଦକ
ଧ୍ୱନି ପ୍ରତିଧ୍ୱନି ଓ ସାଗରିକା
ବାଲେଶ୍ୱର

# ସେଲ, ରାଉରକେଲା ଇସ୍ପାତ କାରଖାନା ର ୩୭ ଟି ଗୁଣବତ୍ତା ମଣ୍ଡଳୀଙ୍କ ସିସିକ୍ୟୁସିରେ ଚିତ୍ତାକର୍ଷକ ପ୍ରଦର୍ଶନ




ରାଉରକେଲା , ୨୪/୦୯ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନା ର ସମସ୍ତ ୩୭ ଟି ଗୁଣବତ୍ତା ମଣ୍ଡଳୀ ସେପଟ୍ମେର ୨୦ ଓ ୨୧ ତାରିଖରେ ରାଉରକେଲାରେ ଚାପ୍ଟର ସ୍ତରୀୟ ଗୁଣବତ୍ତା ମଣ୍ଡଳୀ ସମ୍ମିଳନୀ ଅନ୍ତର୍ଗତ ଆୟୋଜିତ ଗୁଣବତ୍ତା ମଣ୍ଡଳୀ ପ୍ରତିଯୋଗିତା ୨୦୨୫ ରେ ବିଭିନ୍ନ ବର୍ଗରେ ପୁରସ୍କୃତ ହୋଇଛନ୍ତି । ଏହି ସମ୍ମିଳନୀ ରାଉରକେଲା ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍ (ରିମସ) ସହଭାଗିତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଝାଡ଼ଖଣ୍ଡ ଓ ଓଡିଶାର ବିଭିନ୍ନ ସଂଗଠନର ୧୬୬ଟି ଦଳ ଭାଗ ନେଇଥିଲେ ।

ସେପଟ୍ମେର ୨୧ ତାରିଖରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଆରଏସପି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲ ଚୌଧୁରୀ ଏବଂ ଜେଏସଡବ୍ଲୁ, ବିପିଏସଏଲ, ସମ୍ବଲପୁରର ସିନିୟର ଭାଇସ ପ୍ରେସିଡେଣ୍ଟ ଶ୍ରୀ ପ୍ରକାଶ ସସ୍ତା ଅତିଥି ଭାବରେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ କ୍ୟୁସିଏଫଆଇ, ରାଉରକେଲା ଚାପ୍ଟରର ସଚିବ ଶ୍ରୀ ଏସ ସି ପ୍ରସାଦ ଏବଂ ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିପୂର୍ବରୁ ସେପଟ୍ମେର ୨୦ ତାରିଖରେ କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ଆରଏସପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ ଏବଂ ଡିବିସିଏଲ, ରାଜଗାଙ୍ଗପୁରର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଚେତନ ଶ୍ରୀବାସ୍ତବ ସମ୍ମିଳନୀର ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ଆରଏସପି ଏବଂ ଅନ୍ୟାନ୍ୟ ଅଂଶଗ୍ରହଣକାରୀ ସଂଗଠନର ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଗୁଣବତ୍ତା ମଣ୍ଡଳୀ ବର୍ଗରେ ସର୍ବାଧିକ ଦଳର ଅଂଶଗ୍ରହଣ ପାଇଁ ରାଉରକେଲା ଇସ୍ପାତ କାରଖାନା ପ୍ଲାଟିନମ ପୁରସ୍କାର ଲାଭ କରିଥିଲା। ଉଲ୍ଲେଖଯୋଗ୍ୟ ଯେ ଏହି ପ୍ରତିଯୋଗିତାରେ ରାଉରକେଲା ଇସ୍ପାତ କାରଖାନାର ମୋଟ ୩୭ ଟି ଦଳ ଅଂଶଗ୍ରହଣ କରିଥିଲେ ଓ ସେଥିମଧ୍ୟରୁ ୩୪ ଟି ଦଳ ସ୍ୱର୍ଣ୍ଣ ପୁରସ୍କାର ବିଜେତା ହୋଇଥିବା ବେଳେ ୩ ଟି ଦଳ ରୌପ୍ୟ ପୁରସ୍କାର ବିଜେତା ହୋଇଥିଲେ । ହଟ ଷ୍ଟ୍ରିପ ମିଲ-୨ ବିଭାଗର ଆରୋହଣ ଗୁଣବତ୍ତା ମଣ୍ଡଳୀ ଓ ଅକ୍ସିଜେନ ପ୍ଲାଣ୍ଟର ସୃଷ୍ଟି ଗୁଣବତ୍ତା ମଣ୍ଡଳୀ ଯଥାକ୍ରମେ ଗୁଣବତ୍ତା ମଣ୍ଡଳୀ ଷ୍ଟ୍ରିମ ଓ ଆନୁଷଙ୍ଗିକ ଷ୍ଟ୍ରିମରେ ଉତ୍କର୍ଷ ପ୍ରଦର୍ଶନ ନିମନ୍ତେ ସମ୍ମାନଜନକ ଜେ କେ ଦାସ ରୋଲିଂ ଟ୍ରଫି ପୁରସ୍କାର ଅନ୍ତର୍ଗତ ଦ୍ୱିତୀୟ ପୁରସ୍କାର ହାସଲ କରିଥିଲେ। ଆରସିଏଲ ବିଭାଗର ଜିଏମ୍ ଶ୍ରୀ ଆର କିରଣ ଆରଏସପି ଦଳ ର ସଂଚାଳନ କରିଥିଲେ। ସ୍ୱର୍ଣ୍ଣ ପୁରସ୍କାର ପାଇଥିବା ଦଳଗୁଡ଼ିକ ହେଲେ ଆରଏମଏଚପି ବିଭାଗରୁ ଅଗ୍ରଣୀ, ଅନନ୍ୟା ଓ ସଞ୍ଜୀବନୀ, କୋକ୍ ଓଭେନ୍ସ ବିଭାଗରୁ କର୍ମବୀର, ଆର ଏଣ୍ଡ ସି ଲାବୋରେଟୋରୀ ବିଭାଗରୁ ଆରମ୍ଭ, ଲକ୍ଷ୍ୟମ ଓ ଲୋଟସ୍, ସିଇଏମ(ଏସି) ବିଭାଗରୁ ପ୍ରେରଣା, ଏଚଏସଏମ-୨ ବିଭାଗରୁ ସମୃଦ୍ଧି, ଆରୋହଣ ଓ ସ୍ପନ୍ଦନ, ଏସପି-୨ ବିଭାଗରୁ ସୃଜନ, ଏସ ପି -୧ ବିଭାଗରୁ ବିଜେତା, ଯୋଗାଯୋଗ ଇଞ୍ଜିନିୟରିଂ ବିଭାଗରୁ ଶବ୍ଦମ୍, ଆଇ ଏଣ୍ଡ ଏ ବିଭାଗରୁ ପ୍ରଗତି, ଉର୍ଜା ଓ ପାୟୋନିୟର, ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗ ରୁ ଉନ୍ନତି, ସମ୍ବର୍ଦ୍ଧନ ଓ ପରିବର୍ତ୍ତନ, ପାଇପ୍ ପ୍ଲାଣ୍ଟ (ଇ ଆର ଡବ୍ଲ୍ୟୁ) ବିଭାଗ ରୁ ଆବିଷ୍କାର, ସି ଏଣ୍ଡ ଆଇ ଟି ବିଭାଗରୁ ଏକାମ୍, ଅକ୍ସିଜେନ ପ୍ଲାଣ୍ଟରୁ ଇଗ୍ନାଇଟ୍, ପ୍ରୟାସ ଓ ସୃଷ୍ଟି, ବିଦ୍ୟୁତ ବଣ୍ଟନ ବିଭାଗରୁ ଶକ୍ତି, ଏସଏମଏସ -୧ ବିଭାଗ ରୁ ସମର୍ପଣ, ନୂତନ ପ୍ଲେଟ୍ ମିଲ୍ ବିଭାଗରୁ ତେଜସ୍, ରୋଲ୍ ସପ୍ ବିଭାଗ ର ଭିଜନ୍ ଏବଂ ପାଥ୍ ଫାଇଣ୍ଡର୍, ସି ଇ ଏମ ଆର ଏସ (ଇ) ବିଭାଗ ରୁ ସୁଧାର, ପ୍ଲେଟ୍ ମିଲ୍ ବିଭାଗର ଡାଇନାମିକ ଓ ଧାରା ଏବଂ ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗ ରୁ ଉଡ଼ାନ ଗୁଣବତ୍ତା ମଣ୍ଡଳୀ।

ରିଫ୍ରାକ୍ଟୋରୀ ବିଭାଗରୁ ସଫଳତା ଓ ଅଭିବୃଦ୍ଧି ଏବଂ ଏସଏମଏସ-୨ ବିଭାଗରୁ କ୍ରିଏଟିଭ୍ କ୍ୱାଲିଟି ସର୍କଲ୍ ଦଳ ପ୍ରତିଯୋଗିତାରେ ରୌପ୍ୟ ପୁରସ୍କାର ହାସଲ କରିଥିଲେ।

ଉଦଯାପନୀ ଅଧିବେଶନରେ ଶ୍ରୀ ଏସ ସି ପ୍ରସାଦ ଧନ୍ୟବାଦ ଜ୍ଞାପନ କରିଥିଲେ। ଆରସିଏଲ ବିଭାଗର ସିନିୟର ମ୍ୟାନେଜର ସୁଶ୍ରୀ ଖୁସବୁ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

# ଆତ୍ମ ନିର୍ଭର ଭାରତ ସଂକଳ୍ପ ଅଭିଯାନ

କେନ୍ଦ୍ରାପଡ଼ା, ୨୪/୦୯ (ନି.ପ୍ର): କେନ୍ଦ୍ରାପଡ଼ା ଭାରତୀୟ ଜନତା ପାର୍ଟି ପକ୍ଷରୁ ଗରପୁର୍ ସ୍ଥିତ ସ୍ୱୟଂସିଦ୍ଧ ମଣ୍ଡପ ଠାରେ ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠିଙ୍କ ନେତୃତ୍ୱରେ ଆତ୍ମନିର୍ଭର ଭାରତ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ସାରଦା ଶତପଥୀ ନିଜର ବକ୍ତବ୍ୟରେ ଆଗାମୀ ଦିନରେ ଭାରତ ବର୍ଷ ସ୍ୱଦେଶୀ ଜାଗରଣ ପାଇଁ ନିଜ ଦେଶ ମାତୃକାରେ ଉତ୍ପାଦିତ ହେଉଥିବା ସାମଗ୍ରୀର ବ୍ୟବହାର କରିବା ସହ ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠା କରିବା ସହ ନିଜକୁ ସ୍ୱାବଲମ୍ବୀ କରିବା ସହ ଅନ୍ୟମାନଙ୍କୁ ନିଯୁକ୍ତ ଦେବା ନିମନ୍ତେ ଆଗଭର ହେବା। ଏହାସହ ବିଦେଶୀ ଦ୍ରବ୍ୟକୁ ବର୍ଜନ କରି ଦେଶର ଆର୍ଥିକ ସ୍ଥିତିକୁ ମଜବୁତ୍ କରିବା ନିମନ୍ତେ ନିଜକୁ କିପରି ସାମିଲ କରିବା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲାର ପ୍ରତ୍ୟେକ ମଣ୍ଡଳରେ କରିବା ସହ ଲୋକମାନଙ୍କ ନିକଟରେ ପହଂଚିବ। ଦେଶ ଆଜି ବିକାଶ ର ପଥରେ ଅଗ୍ରଗତି କରିବାରେ ସହାୟକ ହେବା ଭାରତ ବର୍ଷ ବିଶ୍ୱ ଗୁରୁ ସ୍ୱପ୍ନ କୁ ସାକାର କରିବା। ବିଦେଶୀମାନେ ଭାରତର ଅଗ୍ରଗତିକୁ ନେଇ ଚିନ୍ତା ପ୍ରକଟ କରୁଅଛନ୍ତି। ଏହି ମନ୍ଦ ଉଦ୍ଦେଶ୍ୟକୁ ଭାଙ୍ଗିବା ନିମନ୍ତେ ଆମେ ସମସ୍ତେ ଆଜି ସଂକଳ୍ପ ନେବା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ବିଧାୟିକା ପ୍ରଥିନୀ ଗୀତାଞ୍ଜଳୀ ସେଥି, ତେଜେଶ୍ୱର ପାଟକୁରା ବିଧାୟକ ପାର୍ଥ ପରିଡ଼ା, ରାଜ୍ୟ ପ୍ରବକ୍ତା ଉମାକାନ୍ତ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ସୁନାକର ବେହେରା, ରାଜ୍ୟ ପରିଷଦ ସଭ୍ୟ ଦୁର୍ଯୋଧନ ସାହୁ, ରାଜ୍ୟ ସାଂଖ୍ୟାଲଘୁ ମୋର୍ଚ୍ଚାର ସଲିମ୍ ଖାଁ, ଅମିତାଭ ସୁଆର, ମାନସ ଦାସ ଏବଂ ଜିଲ୍ଲାର ସମସ୍ତ ପଦାଧିକାରୀ ଓ ଜିଲ୍ଲାର ସମସ୍ତ ମଣ୍ଡଳ ସଭାପତି ଓ ସଂଯୋଜକ ଉପସ୍ଥିତ ରହିଥିଲେ।

# ଛାତ୍ର ସଂସଦ ନିର୍ବାଚନ ଦାବି ଓ ବିପର୍ଯ୍ୟସ୍ତ ଶିକ୍ଷା ସ୍ଥିତି ବିରୁଦ୍ଧରେ ଏବିଭିପିର ରାଜ୍ୟ ବ୍ୟାପୀ ଆନ୍ଦୋଳନ

ଭୁବନେଶ୍ୱର, ୨୪/୦୯ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ, ଓଡ଼ିଶା ତରଫରୁ ସମସ୍ତ କ୍ୟାମ୍ପସ ୟୁନିଟ ଦ୍ୱାରା କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ କ୍ୟାମ୍ପସର ସମସ୍ତ ପ୍ରକାର ସମସ୍ୟାକୁ ନେଇ କଲେଜରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ସ୍ଥାନରେ ଆନ୍ଦୋଳନ ହୋଇଛି ।ଏହା ସହିତ ସାରା ଓଡ଼ିଶାରେ ୫୦୦ ରୁ ଉର୍ଦ୍ଧ କ୍ୟାମ୍ପସରେ ବିପର୍ଯ୍ୟସ୍ତ ଶିକ୍ଷା ସ୍ଥିତି ବିରୁଦ୍ଧରେ ଆନ୍ଦୋଳନ କରିବ ଏବିଭିପି ।ବିଭିନ୍ନ ଦାବି ଦ୍ୱାରା ବିକ୍ଷୋଭ ପ୍ରଦର୍ଶନ କରିବ ଏବିଭିପି । ଦାବି ଗୁଡ଼ିକ ମଧ୍ୟରେ ପ୍ରତ୍ୟେକ କ୍ୟାମ୍ପସ ପାଇଁ ଉପଯୁକ୍ତ ସୁରକ୍ଷା ଏବଂ ସମ୍ପୂର୍ଣ୍ଣ ବାଡ଼ ଆବଶ୍ୟକ । କଲେଜର ଉପଯୁକ୍ତ ପରିମଳକରଣ ସହିତ ପୁଅ ଏବଂ ଝିଅ ଉଭୟଙ୍କ ପାଇଁ ସଫା ଶୌଚାଳୟ ଏବଂ କମନ ରୁମ୍ ଆବଶ୍ୟକ । ପାଠାଗାରରେ ପର୍ଯ୍ୟାପ୍ତ ପୁସ୍ତକ ସହିତ ଇ-ଲାଇବ୍ରେରୀ ସ୍ଥାପନ। ପୋଷ୍ଟ ମାଟ୍ରିକ ମେଧାବୃତ୍ତି ଠିକ୍ ସମୟରେ ନ ମିଳିବା କାରଣରୁ ବହୁତ୍ ଗରିବ ବିଦ୍ୟାର୍ଥୀ କଷ୍ଟ ଅନୁଭବ କରୁଛନ୍ତି । ଏହା ଉଚିତ୍ ସମୟ ମଧ୍ୟରେ ପ୍ରଦାନ କରାଯିବା ଉଚିତ। ଛାତ୍ର ଛାତ୍ରୀଙ୍କ ସୁରକ୍ଷା ନିମିତ୍ତ କଲେଜ ପରିସରରେ ସିସିଟିଭି ବ୍ୟବସ୍ଥା କରାଯିବା ଦରକାର । ଏଥି ସହିତ ଦୀର୍ଘଦିନ ଧରି ବନ୍ଦ ଥିବା ଛାତ୍ର ସଂସଦ ନିର୍ବାଚନର ତାରିଖକୁ ତୁରନ୍ତ ଘୋଷଣା କରାଯାଉ।

# ଗୋଚର ଓ ଜଙ୍ଗଲ ଜମିକୁ ଜବରଦଖଲ: ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ଜୟପୁର, ୨୪/୦୯ (ନି.ପ୍ର): ଗୋଚର ଓ ଜଙ୍ଗଲ ଜମିକୁ ଜବରଦଖଲ ହୋଇଥିବା ନେଇ ଜୟପୁର ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ । ସମାଜସେବି ବି ହରି ରାଓଙ୍କ ନେତୃତ୍ୱରେ ଗ୍ରାମବାସୀ ମାନେ ପ୍ରଶାସନର ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଥିଲେ ।

ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବୋରିଗୁମ୍ମା ତହସିଲ ଅନ୍ତର୍ଗତଃ ଶଶାହାଣ୍ଡି ରାଜସ୍ୱ ମଣ୍ଡଳ ଅଧିନସ୍ଥ ବାମୁଣୀଆଗୁଡା ଗ୍ରାମବାସୀ ସମୂହ ଭାବେ ଲେଖି ଜଣାଇଥିବା ଅଭିଯୋଗ ଦରଖାସ୍ତ ଏହି କି, ଆମ୍ଭ ବୈରାଗିପଦର ମୌଜାରେ ପ୍ରାୟ ରଛବା ଏ. ୧୦୦.୦୦ ସେଂଟରୁ ଉର୍ଦ୍ଧ ଗୋଚର ଓ ଜଙ୍ଗଲ ଜମି ରହିଅଛି । ଉକ୍ତ ଜମିରେ ଗାଇ ଗୋରୁ ଚରାଇ ଜୀବିକା ନିର୍ବାହ କରି କରୁଛନ୍ତି । ଜଙ୍ଗଲ ଜମିକୁ ମଧ୍ୟ ଗ୍ରାମବାସୀ ସୁରକ୍ଷା ଦେଇଛନ୍ତି । କିନ୍ତୁ, ବୈରାଗିପଦର ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି ପଂଚାୟତ ରୋପଣ କରିଥିବା ଲେମ୍ବୁ ଗଛ, ଆମ୍ବ ଗଛ, ନିମ୍ବ ଗଛ ଓ ପିଜୁଳି ଗଛ ଇତ୍ୟାଦିକୁ ଉପାଡି ଦେଇ ଉକ୍ତ ଜମି ମଧ୍ୟରେ ପ୍ରାୟ ଦଶ ଏକର ଜମି ଉପରେ ମକା ଚାଷ କରି ଆସୁଛନ୍ତି । ଫଳତଃ ଆମ୍ଭେ ଗ୍ରାମବାସୀ ଗାଇ ଗୋରୁ ଚରାଇବାରୁ ବଂଚିତ ହେଉଅଛୁ । ଏମିତିକି ଗାଈ ଚରାଇବାକୁ ମଧ୍ୟ ଜମି ନାହିଁ । ସେମାନେ ବିନା ଅନୁମତିରେ କିଭଳି ଦଖଲ କରୁଛନ୍ତି ତାହା ତଦନ୍ତ ସାପେକ୍ଷ । ଏହି ବିଷୟ ନେଇ ପଚାରିଲେ ଗଣ୍ଡଗୋଳକୁ ଆସୁଛନ୍ତି । ଏହି ବିଷୟରେ ଆଗରୁ ମଧ୍ୟ ଆମ୍ଭେ ମାନେ ତହସିଲଦାର, ବୋରିଗୁମ୍ମାଙ୍କୁ ଜଣାଇଥିଲେହେଁ ଏ ପର୍ଯ୍ୟନ୍ତ ଏହାରି ଉପରେ କିଛି ତଦନ୍ତ ନକରିବାରୁ ଗ୍ରାମବାସୀ ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ସୂଚନା ଦେଇ ଥିଲେ । ଏହାର ଉପଯୁକ୍ତ ତଦନ୍ତ କରି ତୁରନ୍ତ ସେମାନେ ଜବରଦଖଲ କରିଥିବା ଗୋଚର ଓ ଜଙ୍ଗଲ ଜମିକୁ ମୁକ୍ତ କରି ଉଚିତ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି । ଏହାର ଏକକିତା ନକଲ ଜିଲ୍ଲାପାଳ, କୋରାପୁଟଙ୍କ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇଛି ।

# ଅଭୟପୁର ପ୍ରାଥମିକ ସେବା ସମବାୟ ସମିତି ଆଗରେ ସାର ପାଇଁ ଚାଷୀଙ୍କ ଭିଡ଼ : ଆବଶ୍ୟକ ମୁତାବକ ମିଳୁନି ସାର

ଧର୍ମଶାଳା, ୨୪/୦୯ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀମାନଙ୍କୁ ପ୍ରାଥମିକ ସେବା ସମବାୟ ସମିତି ଜରିଆରେ ସାର ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ରହିଛି । ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଭୟପୁର ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ଚାଷୀମାନଙ୍କୁ ସାର ପ୍ରଦାନ କରାଯାଇଥିବା ବେଳେ ସେଠାରେ ଶହ ଶହ ସଂଖ୍ୟାରେ ଚାଷୀ ରୁଣ୍ଡ ହୋଇଥିବା ଦେଖିବାକୁ ମିଳିଥିଲା । ସରକାରଙ୍କ ପକ୍ଷରୁ ଅଭୟପୁର ସମବାୟ ସମିତିକୁ ୨ଶହ ପ୍ୟାକେଟ ୟୁରିଆ ସାର ଯୋଗାଇ ଦିଆଯାଇଥିବା ବେଳେ ଉକ୍ତ ସାର ନେବାକୁ ସେଠାରେ ୨ ଶହରୁ ଉର୍ଦ୍ଧ୍ୱ ଚାଷୀ ସେଠାରେ ପହଁଚିଥିଲେ । ସମବାୟ ସମିତି ପକ୍ଷରୁ ଜଣେ ଚାଷୀକୁ ୧ ପ୍ୟାକେଟ ଲେଖାଏଁ ୟୁରିଆ ସାର ଦେବାକୁ ସ୍ଥିର କରିଥିବା ବେଳେ ଅନେକ ଚାଷୀ ଆଜି ସାର ନପାଇ ହତାସ ହୋଇ ଫେରିଥିବା ଦେଖିବାକୁ ମିଳିଥିଲା । ଫଳରେ ସାର ପାଇନଥିବା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ସାର ଦେବାରେ ବାଧା ଉପୁଜିଥିଲା । ସମବାୟ ସମିତିର ମୁଖ୍ୟ କାର୍ଯ୍ୟନିର୍ବାହୀ ସଞ୍ଜୟ କୁମାର ସେଠି ଚାଷୀମାନଙ୍କୁ ବୁଝାସୁଝା କରି ଦ୍ୱିତୀୟ ପର୍ଯ୍ୟାୟରେ ସରକାରଙ୍କ ପକ୍ଷରୁ ସାର ଆସିଲେ ଦିଆଯିବ ବୋଲି କହିଥିଲେ । ଏବେ ଧାନ ବିଲରେ ପାଣି ଥିବାରୁ ୟୁରିଆ ସାର ପକାଯିବାର ଏହା ଉପଯୁକ୍ତ ସମୟ । ମାତ୍ର କୌଣସି ଦୋକାନ ବଜାରରେ ୟୁରିଆ ସାର ମିଳୁନଥିବାରୁ ଚାଷୀମାନେ ସରକାରୀ ସାର ଉପରେ ନିର୍ଭର କରିଛନ୍ତି । ସରକାରଙ୍କ ତରଫରୁ ଚାଷୀମାନଙ୍କୁ ସମବାୟ ସମିତି ମାଧ୍ୟମରେ ସାର ଯୋଗାଇ ଦିଆଯିବ ବୋଲି ଘୋଷଣା କରାଯାଇଥିବାରୁ କୌଣସି ଦୋକାନରେ ୟୁରିଆ ସାର ଉପଲବ୍ଧ ହେଉନାହିଁ । ଯାହା ଫଳରେ ଚାଷୀମାନେ ୟୁରିଆ ସାର ନପାଇ ଚାଷ କାର୍ଯ୍ୟ ଆଗେଇ ପାରୁ ନଥିବା କହିଛନ୍ତି । ବିଲରେ ସାର ପକାଇବା ବିଳମ୍ବ ହେଲେ ଫସଲ ହାନି ଘଟିବାର ସମ୍ଭାବନା ଥିବାରୁ ସେମାନେ ଚିନ୍ତାରେ ପଡିଛନ୍ତି । ପ୍ରକାଶ ଥାଉକି, ଧର୍ମଶାଳା ଶାଖା ଅଧୀନରେ ୧୩ଗୋଟି ସମବାୟ ସମିତି ରହିଛି । ସମବାୟ ସମିତିରେ ପଞ୍ଜିକୃତ ଚାଷୀମାନଙ୍କୁ ହିସାବକୁ ନିଆଯାଇ ଯଦି ରାଜ୍ୟ ସରକାର ପକ୍ଷରୁ ସମବାୟ ସମିତିକୁ ସାର ଯୋଗାଇ ଦିଆଯାଆନ୍ତା ତେବେ ଉପଯୁକ୍ତ ସମୟରେ ଚାଷୀମାନେ ସାର ପାଇପାରନ୍ତେ ବୋଲି ବିଭିନ୍ନ ଚାଷୀ ସଂଗଠନ ପକ୍ଷରୁ ଦାବି କରାଯାଇଛି ।

# ରେଳ ଷ୍ଟେସନରୁ ବାଇକ୍ ଚୋରି

ବାରିପଦା, ୨୪/୦୯ (ନି.ପ୍ର): ବାରିପଦା ଷ୍ଟେସନ ବଜାର ସ୍ଥିତ ରେଳ ଷ୍ଟେସନରୁ ବାଇକ ଚୋରି ହୋଇଛି । ଏନେଇ ଝାରଖଣ୍ଡ ରାଜ୍ୟ ଡୁମୁରିଆ ଅଂଚଳର ମୋହନ ସୋରେନ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ସେ ଷ୍ଟେସନ ସମ୍ମୁଖରେ ବାଇକ ପାର୍କିଂ କରି ଯାଇଥିଲେ । ତେବେ ଫେରି ଦେଖିବା ବେଳକୁ ବାଇକ୍ ନଥିଲା । ବହୁ ଖୋଜା ଖୋଜି କରିବା ପରେ ମଧ୍ୟ ନପାଇ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି ।

# ଆଦିବାସୀ ସଂସ୍କୃତିର ସୁରକ୍ଷା ପାଇଁ ଶିକ୍ଷକଙ୍କ ଅଭିନବ ପ୍ରୟାସ

ମାଲକାନଗିରି, ୨୪/୦୯ (ନି.ପ୍ର): ମାଲକାନଗିରି ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳ ଏଠାରେ କୋୟା, ବଣ୍ଡା, ଦିଦାୟୀ, ପରଜା ଭଳି ୧୬ଟି ଆଦିବାସୀ ଜନଜାତି ବସବାସ କରୁଥିବା ବେଳେ ଏମାନଙ୍କ କଳା, ପରମ୍ପରା ଓ ସଂସ୍କୃତି ଅତ୍ୟନ୍ତ ନିଆରା । ତେବେ ବର୍ତ୍ତମାନ ଆଧୁନିକତାର ଚାକଚକ୍ୟରେ ଆଦିବାସୀ କଳା ସଂସ୍କୃତି ଲୋପ ପାଉଥିବା ବେଳେ ଏହାକୁ ବଂଚାଇ ରଖିବା ପାଇଁ ମାଲକାନଗିରି ଜିଲା ତଣ୍ଡିକି ଆଶ୍ରମ ବିଦ୍ୟାଳୟର ସ ?ହକାରୀ ଶିକ୍ଷକ ଡି. ଜଗନ୍ନାଥ ରାଓ ଅଭିନବ ଉପାୟ ଆପଣେଇଛନ୍ତି । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଶିକ୍ଷାଦାନ ସହ ଏକ ଲୋକକଳା ସଂଗଠନ ଗଠନ କରି ଆଦିବାସୀ ପରମ୍ପରା ନୃତ୍ୟ, ସଙ୍ଗୀତ, ପର୍ବପର୍ବାଣି, ପରମ୍ପରା ବିଧିକୁ ସେମାନଙ୍କ ପାରମ୍ପରିକ ପୋଷାକ, ବାଦ୍ୟଯନ୍ତ୍ର ଆଦି ସମ୍ପର୍କରେ ଶିକ୍ଷା ଦେଉଛନ୍ତି । ଏଥିସହ ବିରତି ସମୟରେ ସେମାନଙ୍କୁ ସଙ୍ଗୀତ, ନାଟକ, ଶିକ୍ଷା ମଧ୍ୟ ଦେଉଛନ୍ତି । ନିଜସ୍ୱ ଖର୍ଚ୍ଚରେ ଏହି ପରମ୍ପରା ସମ୍ପର୍କରେ ସଚେତନତା କରୁଥିବାବେଳେ ମାଲ୍ୟବନ୍ତ ମହୋତ୍ସବ ଠାରୁ ଆରମ୍ଭ କରି ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ରାଜ୍ୟ ସ୍ତରରେ ଏହି ଛାତ୍ରଛାତ୍ରୀଙ୍କୁ ନେଇ ଆଦିବାସୀ ପରମ୍ପରାର ପରିବେଷଣ କରାଇ ପୁରସ୍କୃତ ମଧ୍ୟ ହୋଇଛନ୍ତି । ଶ୍ରୀ ରାଓଙ୍କ କହିବା କଥା, ତାଙ୍କ ତିନିପୁରୁଷ ଧରି ମାଲକାନଗିରିରେ ବସବାସ କରୁଛନ୍ତି । ପୂର୍ବରୁ ମାଲକାନଗିରି ଜିଲାରେ ଯେଉଁ ଆଦିବାସୀ ସଂସ୍କୃତି ରହିଥିଲା ତାହା ଏବେ ଲୋପ ପାଇବାକୁ ବସିଛି । ଆଦିବାସୀ ନିଜ ପରମ୍ପରାକୁ ସମ୍ପୂର୍ଣ୍ଣ ଭୁଲି ଯାଇ ସହରୀ ପରମ୍ପରାକୁ ଆପଣାଉଥିବାରୁ ତାଙ୍କୁ ବିବ୍ରତ କରିଛି । ସେ ମଙ୍ଗଳ ବିଭାଗରେ ଶିକ୍ଷକତା କରୁଥିବା ବେଳେ ଆଗାମୀ ପିଢ଼ି ଯେଭଳି ଆଦିବାସୀ ସଂସ୍କୃତିକୁ ଭୁଲି ନ ଯାଆନ୍ତି ସେଥିପାଇଁ ସେ ଏହି ଛାତ୍ରଛାତ୍ରୀଙ୍କୁ ନେଇ ମାଲକାନଗିରି ଜିଲାରେ ଆଦିବାସୀ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ପ୍ରୟାସ ଜାରି ରଖିଥିବା କହିଛନ୍ତି। ଆଗାମୀ ଦିନରେ ଯଦି ଏହି ଲୋକ ସଂଗଠନକୁ ସରକାରୀ ମାନ୍ୟତା ଓ ସହାୟତା ମିଳିଲା ଏହାକୁ ରାଜ୍ୟ ଠାରୁ ଅନ୍ୟ ରାଜ୍ୟକୁ ମଧ୍ୟ ପ୍ରଚାର ପ୍ରସାର କରିବେ ବୋଲି ପ୍ରକାଶ କରିଛନ୍ତି ଶ୍ରୀ ରାଓ । ତାଙ୍କର ଏହି ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି ।

# ପାଟଣା ଷ୍ଟେଟ ପ୍ରଥମ ମେଟ୍ରିକୁଲେଟ ରବିଚନ୍ଦ୍ର ସାଏଙ୍କ ୧୩୭ ତମ ଜୟନ୍ତୀ ପାଳନ

ବଲାଙ୍ଗିର, ୨୪/୦୯ (ନି.ପ୍ର): ସ୍ଥାନୀୟ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାର ସମ୍ମିଳନୀ କକ୍ଷରେ ଜୟ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ପାଟଣା ଷ୍ଟେଟ ର ପ୍ରଥମ ମେଟ୍ରିକ୍ୟୁଲେଟ ରାଜ୍ୟ ଭୂଷଣ ରବିଚନ୍ଦ୍ର ସାଏ ଙ୍କ ୧୩୭ତମ ଜୟନ୍ତୀ ପାଳନ କରାଯାଇଛି । ପ୍ରଥମେ ସାଧାରଣ ସଂପାଦକ ଦିବାକର ହୋତା ସ୍ୱାଗତ ସମ୍ଭାଷଣ ଦେବା ପରେ ଧିରେନ୍ଦ୍ର ନାରାୟଣ ସିଂହଦେଓ ମଂଚ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଶିବ ପ୍ରସାଦ ନନ୍ଦ, ମୁଖ୍ୟବକ୍ତା ମଧୁସୁଦନ ନାୟକ ଏବଂ ଅନ୍ୟାନ୍ୟ ଅତିଥିବୃନ୍ଦ ଦେବୀ ସରସ୍ୱତୀ ଏବଂ ସ୍ୱର୍ଗତ ରବିଚନ୍ଦ୍ର ସାଏଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ପରେ ଡ. ଅଶୋକ କୁମାର ସେଠି, ରାମଚନ୍ଦ୍ର ପଟେଲ, ଭବାନୀ ଶଙ୍କର ପଟେଲ, କସ୍ତୁରୀ ରଥ, ରଶ୍ମିତା ମହାନ୍ତିଙ୍କୁ ଜୀବନ ବ୍ୟାପି ସାଧାନା ପାଇଁ ସ୍ୱର୍ଗତ ରବିଚନ୍ଦ୍ର ସାଏ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ନିହାରିକା ମିଶ୍ର, ରାଜଶ୍ରୀ ତ୍ରିପାଠି, ମଧୁ ସାହୁ, ରାମ ଶଙ୍କର ଶତପଥୀ ଏବଂ ନମ୍ରତା ପାଣିଗ୍ରାହୀ ମାନପତ୍ର ପଠନ କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିବା କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ୧୮୭୮ ରେ ଜନ୍ମିତ ସ୍ୱର୍ଗତ ରବିଚନ୍ଦ୍ର ସାଏ ତତ୍କାଳିନ ପାଟଣା ମହାରାଜଙ୍କ ସହାୟତାରେ କଲିକତା ବିଶ୍ୱ ବିଶ୍ୱ ବିଦ୍ୟାଳୟ ପରିଚାଳିତ ସମ୍ବଲପୁର ଜିଲ୍ଲା ସ୍କୁଲରୁ ମେଟ୍ରିକ୍ୟୁଲେସନ ପାସ କରିଥିଲେ ।

ଏହି ଜୟନ୍ତୀ ସମାରୋହରେ କିଶୋର ମୋହନ ମିଶ୍ର, ଶ୍ୟାମ ସୁନ୍ଦର ଦାଶ, ଆକୁଳ ବେହେରା, ମନୋରଂଜନ ସାହୁ, ମଦନ ମୋହନ ରଥ, କେଶବ ଚନ୍ଦ୍ର ମିଶ୍ର, ମହେଶ୍ୱର ସାହୁମ ପବିତ୍ର ମୋହନ ଦାଶ, ବଳିଷ୍ଠ ପ୍ରଧାନ, ଦେବବ୍ରତ ମିଶ୍ର, କୃଷ୍ଣଚନ୍ଦ୍ର ମହାକୁର, ମାଳତି ଉଦଗାତା, ସାଗରିକା କର, ସତ୍ୟ ନାରାୟଣ ସିଂହ ଦେଓ ପ୍ରମୁଖ ଉପସ୍ଥିତ ଥିଲେ । ଧର୍ମବ୍ରତ ରଥ, ଚୁଡେନ୍ଦ୍ର ବେହେରା, ସୁନାଧର ବନଛୋର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଉପସଭାପତି ପ୍ରଶନ୍ନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଷ୍ଟ୍ରିଟ ଲାଇଟ ମରାମତି ପାଇଁ ଦାବି

ବାରିପଦା, ୨୪/୦୯ (ନି.ପ୍ର): ବାରିପଦା ପୌର ପରିଷଦ ଉପକଣ୍ଠ ବିର୍ସାମୁଣ୍ଡା ଛକ ଠାରେ ଅଚଳ ହୋଇ ପଡିଥିବା ବଡ ଷ୍ଟ୍ରିଟ ଲାଇଟ ଗୁଡ଼ିକ ମରାମତି ପାଇଁ ଦାବି ହୋଇଛି। ଏନେଇ ଭଞ୍ଜସେନା ପକ୍ଷରୁ ରୁରାଲ୍ ଇଲେକ୍ଟ୍ରିକାଲ୍ ସବଡିଭିଜନ୍ ଏସଡିଓ ଇଂ. ସତ୍ୟବ୍ରତ ସେଠିଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି। ବିଗତ ୬ ମାସ ହେଲାଣି ଏହା ଅକାମି ହୋଇଯାଇଛି। ଯାହା ଫଳରେ ସନ୍ଧ୍ୟା ସମୟରେ ଛାତ୍ରଛାତ୍ରୀ ଓ ଜନସାଧାରଣ ଅନ୍ଧାର ଦ୍ୱାରା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅଂଚଳଟି ଜନଗହଳି ପୂର୍ଣ୍ଣ ରହୁଥିବାରୁ ଏବଂ ଉଦଳା ଓ ଲୁଲୁଙ୍ଗ ରୋଡକୁ ସଂଯୋଗ କରୁଥିବା ହେତୁ ତୁରନ୍ତ ଏହି ଲାଇଟର କାର୍ଯ୍ୟକ୍ଷମ ଆବଶ୍ୟକତା ରହିଛି।

# ସୁଲତାନ ଜୋହର କପ୍-୨୦୨୫ ପାଇଁ ଭାରତୀୟ ଦଳରେ ସେଲ୍, ହକି ଏକାଡେମୀର ଦୁଇ ପୂର୍ବତନ କ୍ୟାଡେଟ୍







ରାଉରକେଲା, ୨୪/୦୯ (ନି.ପ୍ର): ଆଗାମୀ ସୁଲତାନ ଜୋହର କପ୍-୨୦୨୫ ପାଇଁ ଭାରତୀୟ ଜୁନିଅର ପୁରୁଷ ହକି ଦଳରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଦୁଇ ପୂର୍ବତନ କ୍ୟାଡେଟଙ୍କ ଚୟନ ଇସ୍ପାତ ସହର ଏବଂ ସାରା ଓଡ଼ିଶା ପାଇଁ ଖୁସି ଆଣିଦେଇଛି। ହକି ଇଣ୍ଡିଆ ଦ୍ୱାରା ଘୋଷିତ ୧୮ ଜଣିଆ ଭାରତୀୟ ଦଳରେ ଅନମୋଲ ଏକ୍କାଙ୍କୁ ସ୍ଥାନ ଦିଆଯାଇଛି ଏବଂ ଅନ୍ୟ ଜଣେ ପୂର୍ବତନ କ୍ୟାଡେଟ୍ ଥୋକଚମ୍ କିଙ୍ଗସନ୍ ସିଂହଙ୍କୁ ଷ୍ଟାଣ୍ଡବାଏ ଭାବରେ ନାମିତ କରାଯାଇଛି।

ଅନମୋଲ ୨୦୧୯ ରୁ ୨୦୨୨ ପର୍ଯ୍ୟନ୍ତ ସେଲ ହକି ଏକାଡେମୀରେ ପ୍ରଶିକ୍ଷଣ ନେଇଥିବା ବେଳେ ଥୋକଚୋମ ୨୦୧୭ ରୁ ୨୦୨୦ ପର୍ଯ୍ୟନ୍ତ ସେଲ ହକି ଏକାଡେମୀର କ୍ୟାଡେଟ ଥିଲେ। ଉଭୟ ଯୁବ ଖେଳାଳି ମାଲେସିଆରେ ସୁଲତାନ ଜୋହର କପର ପୂର୍ବ ସଂସ୍କରଣରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳରେ ସାମିଲ ଥିଲେ ଏବଂ ୨୦୨୪ ରେ ଓମାନର ମସ୍କଟରେ ଅନୁଷ୍ଠିତ ଜୁନିଅର ଏସିଆ କପରେ ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ଦଳର ପ୍ରତିନିଧିତ୍ୱ କରିଥିଲେ।

୧୮ ଜଣିଆ ଦଳରେ ସ୍ଥାନ ପାଇଥିବା ଅନମୋଲ ଏକ୍କା ସୁନ୍ଦରଗଡ଼ ଜିଲ୍ଲାର କେଶରାମଲ ବାସିନ୍ଦା ଅଟନ୍ତି। ଶ୍ରୀମତୀ ମମତା ଏକ୍କା ଏବଂ ଶ୍ରୀଯୁକ୍ତ ତୋସିଲ ଏକ୍କାଙ୍କ ସୁପୁତ୍ର ଅନମୋଲ ତାଙ୍କ ପିତାଙ୍କଠାରୁ ହକି ପ୍ରତି ଆଗ୍ରହ ପାଇଥିଲେ। ତାଙ୍କ ପିତା ମଧ୍ୟ ସେଲ ହକି ଏକାଡେମୀର ପୂର୍ବତନ କ୍ୟାଡେଟ ଥିଲେ ଏବଂ ୧୯୯୮ ରେ ଜୁନିଅର ଜାତୀୟ ଚାମ୍ପିଅନସିପରେ ପ୍ରତିନିଧିତ୍ୱ କରିଥିଲେ। ଉଭୟ ଅନମୋଲ ଏବଂ ଥୋକଚୋମ ଆରଏସପିର ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ବିଶିଷ୍ଟ ହକି ପ୍ରଶିକ୍ଷକ ଶ୍ରୀ ରାଜୁକାନ୍ତ ସାଇନି ଏବଂ ଶ୍ରୀ ପିଟର ତିର୍କୀଙ୍କ ତତ୍ତ୍ୱାବଧାନରେ ସେମାନଙ୍କର ହକି ପ୍ରତିଭା ବିକଶିତ କରିଥିଲେ ।

# ଜିଲ୍ଲା ଦଳିତ ଶିକ୍ଷକ ସଂଘର ନୂଆଁଖାଇ ଜୁହାର ଭେଟ ଶିକ୍ଷା ବିନା ସମାଜ ପରିକଳ୍ପନା ଅସମ୍ଭବ

ବଲାଙ୍ଗୀର, ୨୪/୦୯ (ନି.ପ୍ର): ସ୍ଥାନୀୟ ସରକାରୀ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲା ଦଳିତ ଶିକ୍ଷକ ସଂଘର ଜିଲ୍ଲା ସ୍ତରୀୟ ନୂଆଁଖାଇ ଜୁହାର ଭେଟ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କୃଷ୍ଣ ଚନ୍ଦ୍ର ବାଗ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ତରଣୀ ସୁନା ମୁଖ୍ୟ ଅତିଥି, ବଲାଙ୍ଗୀର ସରକାରୀ ମହାବିଦ୍ୟାଳୟ ର ଇଂରାଜୀ ଅଧ୍ୟାପିକା ପ୍ରଫେସର ଡ଼କ୍ଟର ରମଣୀ ନାଏକ ବିଶେଷ ଅତିଥି, ଉପଦେଷ୍ଟା ବସୁଦେବ ମୁଗ୍ରୀ,ଲୋଚନ ଛତ୍ରିଆ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଶିକ୍ଷା ପ୍ରଗତିର ମୂଳ ଏବଂ ଶିକ୍ଷା ବିନା ସମାଜ ର ପରିକଳ୍ପନା ଅସମ୍ଭବ। ତେଣୁ ସମସ୍ତେ ଶିକ୍ଷା ଗ୍ରହଣ କରି ଦେଶ ପ୍ରଗତିରେ ଭାଗୀଦାରୀ ହେବାକୁ ଆହ୍ୱାନ ଦେଇଥିଲେ। ଦେଶର ପ୍ରଥମ ଶିକ୍ଷୟତ୍ରୀ ସାବିତ୍ରୀ ବାଈ ଫୁଲେ, ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ବି. ଆର୍. ଆମ୍ବେଦକର ଓ ତଥାଗତ ଗୌତମ ବୁଦ୍ଧଙ୍କ ତୈଳ ଚିତ୍ରରେ ଦୀପ ପ୍ରଜ୍ୱଳନ ଓ ବୁଦ୍ଧ ବନ୍ଦନା ପରେ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଜିଲାସ୍ତରୀୟ ଉକ୍ତ ନୂଆଁଖାଇ ଜୁହାର ଭେଟ କାର୍ଯ୍ୟକ୍ରମ ରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରି ସମାଜ ପାଇଁ ଗୌରବ ଆଣିଥିବା ପ୍ରତିଭା ଯଥା : ସାହିତ୍ୟ ଓ ସମାଜ ସେବା କ୍ଷେତ୍ରରେ ରତିନ୍ଦ୍ର କୁମାର ରାୟ, ଲୋକନାଥ ସୁନା, ଖେଳ କୁଦରେ ପ୍ରିୟବ୍ରତ ନାଗ, ରୁକ୍ମିଣୀ ରାଣୀ ସୁନା, ସାହିଳ କୁମ୍ଭାର, ଦିୟା ସାଗର, ଉଚ୍ଚ ଶିକ୍ଷା କ୍ଷେତ୍ରରେ ଡାକ୍ତରୀ ଛାତ୍ର ଚୂଡ଼ାମଣି ବାଗ, ଏନଆଇଟି ଛାତ୍ରୀ ପ୍ରତିଭାଶ୍ରୀ ବାଗ, ଆଇଆଇଟି ଛାତ୍ର ଶୈଳୀନ କୁମ୍ଭାର,ଆଇଆଇଏଫଟି ଛାତ୍ରୀ ପ୍ରିୟଙ୍କା ଦୀପ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ଛତ୍ରିଆ, ମୁକେଶ ବାରିକ, ସାଂସ୍କୃତିକ ଓ ସଂଗୀତ କ୍ଷେତ୍ରରେ ଡ. ନୀଳାଂଚଳ ନନ୍ଦଙ୍କୁ ପୁଷ୍ପଗୁଚ୍ଛ ,ଉପଢୌକନ ଓ ମାନପତ୍ର ଦେଇ ସମ୍ମାନୀତ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନ ରୁ ନେତୃତ୍ୱ ନେଉଥିବା ବ୍ୟକ୍ତିବିଶେଷ ଯଥା ଜିଲ୍ଲା ଦଳିତ ସମାଜ ବଲାଙ୍ଗୀରର ଆବାହକ ବିଜୟ ଚନ୍ଦ୍ର ବାରିକ, ଜିଲ୍ଲା ଅଭିଭାବକ ସଂଘ ସଭାପତି ସୀତାରାମ କୁମ୍ଭାର, ଜ୍ୟୋତିଷ ମୁଗ୍ରୀ, ପଶ୍ଚିମ ଓଡିଶା ମହିଳା ସଂଗଠନ ସଭାନେତ୍ରୀ ସବିତା ନନ୍ଦ, ଜ୍ଞାନ ଜ୍ୟୋତି ମାତା ସାବିତ୍ରୀ ବାଈ ଫୁଲେ ସଂଗଠନ ର ସଭାନେତ୍ରୀ ରୁପାଲୀ ମହାନନ୍ଦ, ଲକ୍ଷେ ଘର ଗଣ୍ଡା ସମାଜର ପ୍ରତିଷ୍ଠାତା ଉପଦେଷ୍ଟା ସତ୍ୟାନନ୍ଦ ସୁନା, ସର୍ବଭାରତୀୟ ଅନୁସୂଚିତ ଜାତି ଜନଜାତି ରେଳ କର୍ମଚାରୀ ସଂଗଠନର ସଭାପତି ସୁଶୀଳ ଛତ୍ରିଆ, ପୋଲିସ ସଂଘ ର ସଭାପତି ରମାକାନ୍ତ ସୁନା, ଗବେଷକ ତରଣୀସେନ ଦୀପ, ଉପଦେଷ୍ଟା ନେପାଳ ଚନ୍ଦ୍ର ବାଗ, ସମାଜସେବୀ ରବୀନ୍ଦ୍ର ସୁନା, ବଟୁ ନାଗ, ଡ. ବିପିନ କୁଶଳିଆ, ବରିଷ୍ଠ ସାମ୍ବାଦିକ କୁନା ବାଗ, ଆଡଭୋକେଟ ଦିନେଶ ନାଗ, କିଶୋର କୁମ୍ଭାର ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଧାରାବାହିକ:

ଭାଗ-୧୬

# ସଂକ୍ଷିପ୍ତ ଭାଗବତ କଥାମୃତ

**୧୦ମ ସ୍କନ୍ଧ, ଗୋପଲୀଳା**




ଡ. ଶ୍ରୀହରି ପଣ୍ଡା




### ୪୨ଶ ଅଧ୍ୟାୟ, କୁବୁଜା ଉଦ୍ଧାର ଓ ଧନୁ ଭଙ୍ଗ

ରାଜମାର୍ଗରେ ଯାଉ ଯାଉ ଶ୍ରୀକୃଷ୍ଣ ଦେଖିଲେ ଏକ କୁବୁଜା ନାରୀ ଦୁଇ କାଖରେ ଦୁଇଟି ସୁଗନ୍ଧ ପେଡିଧରି ନଇଁ ନଇଁ ଆସୁଛି । ଶ୍ରୀକୃଷ୍ଣଙ୍କୁ ଦେଖି ମଧୁର କଟାକ୍ଷରେ ଚାହିଁ ରହିଲା । ପିଠିରେ କୁବୁଜ ଥିଲେ ବି ମୁହଁଟି ତାର ସୁନ୍ଦର । ଭାବଗ୍ରାହୀ ତାର ମନକଥା ବୁଝିପାରି ତା ନିକଟକୁ ଯାଇ ପଚାରିଲେ, ଆଗୋ ତୁମେ କ'ଣ ନେଇ ଯାଉଛ ? ଚନ୍ଦନ ପରି ତ ବାସ୍ନା ହେଉଛି । ଏହାକୁ କାହାକୁ ଦିଅ ? ତୁମର ନାମ କ'ଣ ଓ କାହାର ସ୍ତ୍ରୀ ? ତୁମ ପିଠିରେ ଏ କୁବୁଜ କିପରି ହେଲା ? ଆମେ ରାଜାର ଭଣଜା, ଆମକୁ ଟିକିଏ ଚନ୍ଦନ ଦିଅ । କୁବୁଜାର ଅସୁନ୍ଦର ରୂପ ଦେଖି କେହି ତାହା ସହ କଥା ହୁଅନ୍ତି ନାହିଁ ମାତ୍ର ଭୁବନ ମୋହନ ରୂପଧାରୀ ସ୍ୱୟଂ ଭଗବାନ ତା ସହ କଥା ହେବାକୁ ସେ ବିଶ୍ୱାସ କରିପାରୁନି । ତାର ଜ୍ଞାନୋଦୟ କାରଣରୁ ଜାଣିସାରିଲାଣି ଇଏ ସ୍ୱୟଂ ଭଗବାନ ବୋଲି । ସେ କହିଲା, ପ୍ରଭୁ ମୁଁ ଯେ ତୁମର ଦାସୀ, ଏଇ ଜନ୍ମରେ ମୁଁ କଂସର ଗନ୍ଧନିଯୋଗୀ । ମୋର ସ୍ୱାମୀ କି ପୁତ୍ର ନାହିଁ ଏବଂ ଜନ୍ମରୁ କୁବୁଜି ଏକଥା କି ତୁମକୁ ଜଣା ନାହିଁ ? କଂସ ମୋର ସେବାରେ ଖୁସି ହୋଇ ତିନିଦେଶ ଜାଗିରୀ ଦେଇଛି ଏଣୁ ଧନସମ୍ପଦର ମୋର ଅଭାବ ନାହିଁ ହେଲେ ନାରୀ ଜନ୍ମ ମୋର ଅକାରଣ, ହୁଏତ ମୋ ଅର୍ଜିଲା କର୍ମର ଫଳ । ପ୍ରଭୁ ତୁମକୁ ଦେଖି ଏ ଜୀବନ ସାର୍ଥକ ହେଲା । ପାପ ଚକ୍ଷୁ ପବିତ୍ର ହେଲା । ଏହି ଚନ୍ଦନ ତୁମର ଯୋଗ୍ୟ, ଆସ ନାଥ ମୁଁ ତୁମକୁ ସ୍ୱ ହସ୍ତରେ ରୂପ କରିବି କହି ରାମ ଓ କୃଷ୍ଣଙ୍କୁ ନାଭିଠାରୁ ମସ୍ତକ ପର୍ଯ୍ୟନ୍ତ ଅତ୍ୟନ୍ତ ସୁନ୍ଦର ଭାବେ ଚନ୍ଦନ ଚର୍ଚ୍ଚିତ କରି ଆଖି ପୂରାଇ ଦେଖିବାକୁ ଲାଗିଲା, ତାର ଆଉ ଚକ୍ଷୁ ପଲକପାତ ହେଲା ନାହିଁ । ଦୟାସାଗର ଭଗବାନ କୁବୁଜାର ହସ୍ତକୁ ଧରି ତାର ଦୁଇ ଚରଣରେ ଦୁଇ ପାଦକୁ ଚାପି ଓଷ୍ଠରେ ଆଙ୍ଗୁଳୀ ଲଗାଇ ଅଣ୍ଟ ଟେକି ଦେବାରୁ କୁବୁଜାର କୁଜ କୁଆଡେ ଚାଲିଗଲା ଓ ସେ ଦେବକନ୍ୟା ଭଳି ସୁନ୍ଦର ଦିଶିଲା । କୁବୁଜା ନିଜର ରୂପକୁ ଦେଖି ଅତ୍ୟନ୍ତ ପୁଲକିତ ହେଲା ଏବଂ ମନରେ ବିଚାରିଲା ଇଏତ ଅନାଦି ବିଶ୍ୱକର୍ମା । ଏଇ ଚମତ୍କାର କେବଳ ଯାଙ୍କରି ପାଖରେ ସମ୍ଭବ । ମନରେ ବିଚାରିଲା ଏଇ ସୁନ୍ଦର ରୂପକୁ ମୁ କ'ଣ କରିବି ? କଉଠି ରଖିବି ? ଯିଏ ସର୍ଜନା କରିଛି ତାହାରି ପାଦତଳେ ଅଜାଡି ଦେବି ଭାବି ପ୍ରଭୁଙ୍କ ଉତ୍ତରୀୟ ଧରି କହିଲା ପ୍ରଭୁ, ଏବେ ମୋ ପୁରକୁ ବିଜେ କର । ଆଜି ଦିନଟି ମୋ ପୁରରେ ରହି କାଲି କଂସକୁ ଭେଟିବାକୁ ଯିବ । ମୋ ପ୍ରତି କୋପ କି ନିରାଶ କର ନାହିଁ, ତୁମରି ରୂପକୁ ତୁମ ପାଦତଳେ ସମର୍ପଣ କଲି । ଅଗ୍ରଜଙ୍କ ସମ୍ମୁଖରେ କୁବୁଜାର ଏପରି ବ୍ୟବହାରରେ କୃଷ୍ଣ ବ୍ୟଥିତ ହେଲେ ମଧ କହିଲେ ଦେଖ, କଂସ ଆମକୁ ଡକାଇ ଆଣିଛି । ପ୍ରଥମେ ତାକୁ ଭେଟିବୁ, ତାଛଡା ମୋ ସହ ଅଗ୍ରଜ ଏବଂ ସାଥୀମାନେ ଅଛନ୍ତି । ଏଣୁ କାଲି ମୁଁ ନିଶ୍ଚୟ ଏମାନେ ନଥିବା ସମୟରେ ଯିବି । କୁବୁଜା କହିଲା ଠିକ ଅଛି, ମୁଁ ମୋର ଗୃହକୁ ସଜ୍ଜିତ କରି ରଖିଥିବି । ତୁମେ ନ ଆସିଲେ ମୁଁ ନିଶ୍ଚୟ ପ୍ରାଣ ତ୍ୟାଗ କରିବି କହି ଉତ୍ତରୀୟ ଛାଡିଦେବାରୁ ରାମକୃଷ୍ଣ ସାଥୀମାନଙ୍କ ସହ ଆଗକୁ ଚାଲିଲେ । ମଥୁରା ନାରିମାନେ ରାମକୃଷ୍ଣଙ୍କର ରୂପ ଦେଖି କନ୍ଦର୍ପ ତାପରେ ଘାରିହେଲେ । ପଥ ପାର୍ଶ୍ୱରେ ଥିବା ବଣିକମାନେ ଏମାନଙ୍କ ରୂପରେ ମୋହିତ ହେବା ସହ ପୁଷ୍ପ, ତାମ୍ବୁଳ ଓ ଗନ୍ଧସାର ଦେଇ ସ୍ୱାଗତ କଲେ । ଶ୍ରୀକୃଷ୍ଣ ଲୋକମାନଙ୍କୁ ଧନୁଗୃହ ଦେଖାଇ ଦେବାକୁ କହିବାରୁ ସେମାନେ ସାଥୀରେ ଧନୁଗୃହକୁ ନେଇଗଲେ । ଧନୁଗୃହଟି ଅତ୍ୟନ୍ତ ସାଜସଜ୍ଜା ହୋଇ ଚମତ୍କାର ଦେଖାଯାଉଥିଲା । ରତ୍ନ ଖଚିତ ବିରାଟ ଚନ୍ଦ୍ରତାପର ତଳେ ସପ୍ତସ୍ତମ୍ଭ ଉପରେ ସୁବର୍ଣ୍ଣ ଘଣ୍ଟି ଓ ମୁକ୍ତାମାଳା ବନ୍ଧା ବିଶାଳ ଧନୁ ରଖା ଯାଇଥିଲା । ବାହାରେ ବୀର ବାଦ୍ୟ ବାଜୁଥାଏ ଏବଂ ବହୁ ଦେଶର ରାଜା ମହାରାଜାମାନେ ଧନୁ ଉତ୍ସବ ଦେଖିବାକୁ ନିମନ୍ତ୍ରିତ ହୋଇ ଆସିଥାନ୍ତି । ଜନଗହଳି ପୂର୍ଣ୍ଣ ସେହି ଧନୁ ଗୃହ ନିକଟରେ ରାମକୃଷ୍ଣ ପହଞ୍ଚି ଭିତରକୁ ଯିବାକୁ ଚେଷ୍ଟାକରିଥିଲେ ହେଁ ପ୍ରହରୀମାନେ ରାଜା ଆଜ୍ଞା ନାହିଁ କହି ବାଧା ଦେଲେ । ଶ୍ରୀକୃଷ୍ଣ କହିଲେ, ଆମେ ରାଜାଙ୍କର ଭଣଜା ଆମରି ପାଇଁ ଏ ଧନୁଯାତ୍ରା । ଆମକୁ ରାଜା ନିମନ୍ତ୍ରଣ କରି ଡକାଇ ଆଣିଛନ୍ତି, ପଥଛାଡ । ମାତ୍ର ପ୍ରହରୀମାନେ ଭିତରକୁ ନଛାଡି ବରଂ ବହୁ କଟୁକଥା କହିବାରୁ ବଳରାମ କ୍ରୋଧରେ ବାମହାତରେ ଚାପୁଡାଏ ପକାଇବାରୁ ସେମାନଙ୍କ ମସ୍ତକ ସ୍କନ୍ଧଚ୍ୟୁତ ହେଲା । ସେ ମଧ ସେମାନଙ୍କର ବାହୁ ଉପାଡି ପକାଇଲେ । ଅନ୍ୟ ପ୍ରହରୀମାନେ ଭୟରେ ପଳାଇଲେ ମାତ୍ର ପ୍ରଜାମାନେ ଏମାନଙ୍କର ପରାକ୍ରମ ଦେଖି କଂସର ପତନ ଆସନ୍ନ ଭାବି ଆନନ୍ଦିତ ହେଲେ । ଏହାପରେ ରାମକୃଷ୍ଣ ଧନୁଗୃହକୁ ପ୍ରବେଶ କଲେ । ଶ୍ରୀକୃଷ୍ଣ ସେହି ବିଶାଳ ଧନୁକୁ ଉଠାଇ ଆଣି ଗୁଣ ଚଢାଇ ଆକର୍ଣ୍ଣ ବିସ୍ତାର ଟାଣିବା ଫଳରେ ପ୍ରଚଣ୍ଡ ଶବ୍ଦକରି ଧନୁଟି ଭାଙ୍ଗିଗଲା । ସେହି ଶବ୍ଦ ବ୍ରହ୍ମଲୋକ ଭେଦ କରିବାରୁ ସେ ଖୁସି ହେଲେ ମାତ୍ର କଂସ ସେହି ଶବ୍ଦରେ ଭୟଭୀତ ହେଲା । ପ୍ରହରୀମାନେ ଧନୁଭଙ୍ଗ ଦେଖି ଆକ୍ରମଣ କରିବାରୁ ଭାଙ୍ଗି ଯାଇଥିବା ଧନୁର ଦୁଇଖଣ୍ଡକୁ ରାମ ଓ କୃଷ୍ଣ ଖଣ୍ଡେ ଲେଖାଏଁ ଧରି ପ୍ରହରିମାନଙ୍କୁ ପିଟିବାରୁ ଥୋକେ ମରିଗଲେ ଓ ଥୋକେ ଭୟରେ ପଳାୟନ କଲେ । ଏହିସମୟରେ ସୂର୍ଯ୍ୟ ଅସ୍ତହେବାରୁ ଦୁଇ ଭାଇ ଝାଡିଝୁଡି ହୋଇ ଗୋପବାଳକମାନଙ୍କ ସହ ତୋଟାକୁ ପ୍ରତ୍ୟାବର୍ତ୍ତନ କଲେ । ବାଳକମାନେ ଯଶୋଦାଙ୍କୁ ସମସ୍ତ ଘଟଣା କହିଲେ । ମାତା ଦୁଇ ପୁଅକୁ କୋଳରେ ବସାଇ ଚୁମ୍ବନ ଦେଲେ ଓ ସର ଲବଣୀ ଖୁଆଇଲେ । କଂସ ଏହି ସମସ୍ତ କଥା ଶୁଣି ଭୟରେ ଥରିବାକୁ ଲାଗିଲା ଓ ରାତ୍ରରେ ନିଦ୍ରା ହେଲା ନାହିଁ । ସାମାନ୍ୟ ଘୁମାଇ ପଡିବା ସମୟରେ ସ୍ୱପ୍ନରେ ଦେଖିଲା ତାର ମୁଣ୍ଡ ନାହିଁ । ଦର୍ପଣରେ ସୂର୍ଯ୍ୟଙ୍କର ପ୍ରତିବିମ୍ବ ଦେଖା ଯାଉନାହିଁ । ଗୃହରେ ଦୀପ ଓ ଆକାଶରେ ଚନ୍ଦ୍ର ଦୁଇ ଦୁଇଟି ଦେଖାଯାଉଛି । ଦେହର ଛାୟା କ୍ଷତବିକ୍ଷତ ଦେଖାଯାଉଛି ଓ ନିଶ୍ୱାସ ଶଙ୍ଖ ପରି ବାଜୁଛି । ହରିଣ, ଶୃଗାଳାଦି ପଶୁମାନେ ବୃକ୍ଷ ଡାଳରେ ଚଢି ଯାଉଛନ୍ତି । ସେ ନିଜେ ଗର୍ଦ୍ଧଭ ଉପରେ ଯାଉ ଯାଉ ଲୌହପାତ୍ରରେ ବିଷ ଭକ୍ଷଣ କରୁଛି । ତାର ସର୍ବାଙ୍ଗ ତୈଳସିକ୍ତ ହୋଇଛି ଓ ରଙ୍ଗମନ୍ଦାର ଫୁଲମାଳ ବେକରେ ଲମ୍ବିଛି ଏବଂ ସେ କେଶ ବିମୁକ୍ତ କରି ଦକ୍ଷିଣ ଦିଗକୁ ଯାଉଛି । ଏପରି ଦୁଃସ୍ୱପ୍ନ କାରଣରୁ ସେ ଭୟରେ ଅଚେତ ହୋଇପଡିଲା । ସକାଳ ହେବାରୁ କଂସ ଭାବିଲା ମୋର ମୃତ୍ୟୁ ସୁନିଶ୍ଚିତ ଏବଂ ରାମକୃଷ୍ଣଙ୍କୁ ଡକାଇ ଆଣି ସ୍ୱହସ୍ତରେ ମୃତ୍ୟୁକୁ ଡକାଇ ଥିବାରୁ ଅନୁତାପ କଲା । ଭାବିଲା ରାମକୃଷ୍ଣଙ୍କୁ ଗୋପପୁରକୁ ଫେରାଇଦେବ ମାତ୍ର ତାହା ଭୀରୁତା ହେବ, ତାର ଆଧିପତ୍ୟ ଓ ପ୍ରଭୁତ୍ୱର ବାଧକ ହେବ । ପୁଣି ଭାବିଲା କୃଷ୍ଣ ହାତରେ ମୃତ୍ୟୁ ଯଦି ବିଧି ପ୍ରେରିତ ତାହାଲେ ଭୟଭୀତ ହେବାର କଣ ଅଛି ? ପୂର୍ବରୁ ସେ ଯୋଗବଳରେ ଜାଣିଥିଲା ଯେ ଗୋବିନ୍ଦ ହାତରେ ମୃତ୍ୟୁଅଛି । ବହୁବାର ଜନ୍ମ ନେଇଥିଲେ ବି ତାକୁ ମୋକ୍ଷ ମିଳୁନଥିବା କାରଣରୁ ସ୍ୱୟଂ ଭଗବାନ ଦୟା ପୂର୍ବକ ତାକୁ ବଧ କରି ମୋକ୍ଷ ଦେବାକୁ ଅବତାର ନେଇଛନ୍ତି । ଏହିପରି ଚିନ୍ତାକରି ନିଜର ନିତ୍ୟକର୍ମ ସମାପନ କରି ବୀରୋଚିତ ଦମ୍ଭ ଓ ସାହସ ସହ ରଙ୍ଗସଭାରେ ଉପସ୍ଥିତ ହୋଇ ମଞ୍ଚାସୀନ ହେଲା ଏବଂ ନିଜର ଶ୍ୱଶୁର ଜରାସନ୍ଧ, ମିତ୍ର ଶିଶୁପାଳ, ନାରକା ଓ ବଜ୍ରକବଚ ଆଦି ବିଶ୍ୱସ୍ତ ବୀରଙ୍କୁ ମଞ୍ଚରେ ବସାଇଲା । ସେ କହିଲା ହେ ରାଜାଗଣ, ମୋର ଭଗ୍ନୀପତି ହୋଇ ବସୁଦେବ ମୋ ପ୍ରତି କପଟ କଲା ଓ ନିଜର ସନ୍ତାନମାନଙ୍କୁ ଗୋପରେ ଲୁଚାଇ ରଖିଲା । ସେମାନେ ମୋର ବହୁ ଅନୁଚରଙ୍କୁ ମାରିବା ସହ ଧନୁକୁ ମଧ ଭାଙ୍ଗି ପକାଇଲେ । ଏବେ ମୁଁ ସେମାନଙ୍କୁ ହସ୍ତୀ ଦ୍ୱାରା ମରାଇବି ବଳିଗଲେ ମଲ୍ଲମାନଙ୍କ ଦ୍ୱାରା ମରାଇବି । ତାଙ୍କର ପିତାମାତା ନିଜ ସନ୍ତାନର ମୃତ୍ୟୁ ସ୍ୱଚକ୍ଷୁରେ ଦେଖିବେ । ଏହାକହି ବୀରବାଦ୍ୟ ବଜାଇଲବାକୁ ନିର୍ଦ୍ଦେଶ ଦେଇ ଚାଣୁର, ମୁଷ୍ଟିକ ଆଦି ଏକଶତ ବୀରଙ୍କୁ ମଞ୍ଚତଳେ ସୁରକ୍ଷାରେ ନିୟୋଜିତ କରି ନନ୍ଦ ଯଶୋଦାଙ୍କୁ ଧରିଆଣି ମଞ୍ଚରେ ବସାଇଲା । ରାମ ଓ କୃଷ୍ଣଙ୍କୁ ଡାକିବାକୁ ଦୂତ ପ୍ରେରଣ କରି ଉନ୍ମୁକ୍ତ କୃପାଣ ହସ୍ତରେ ଧରି ମଞ୍ଚାସୀନ ହେଲା ।

### ୪୩ଶ ଅଧ୍ୟାୟ, କୁବଳୟା ଉଦ୍ଧାର ଓ ରଙ୍ଗ ସଭାରେ ପ୍ରବେଶ

ପରଦିନ ରାମ ଓ କୃଷ୍ଣ ଶଯ୍ୟା ତ୍ୟାଗକରି ନିତ୍ୟକର୍ମ ସମାପନ କରି ଭୋଜନ ଶେଷ କରି ନୀଳ ଓ ପୀତବସନ ପରିଧାନ ସହ ନାନା ଅଳଙ୍କାର ଭୂଷିତ ହୋଇ କନ୍ଦର୍ପ ଜିଣି ଶୋଭା ପ୍ରକାଶ କଲେ । କଂସର ଦୂତ ରଙ୍ଗସଭାକୁ ନେବାକୁ ଆସିବାରୁ ଦୁଇ ଭାଇ ସିଂହଠାଣୀ ପ୍ରକାଶ କରି ଗୋପବାଳକଙ୍କ ସହ ମଥୁରା ରାଜମାର୍ଗରେ ଗମନ କଲେ । ଦେବତାମାନେ ଭଗବାନଙ୍କର ଭାରା ନିବାରଣ ନିମିତ୍ତ ଘୋଷଯାତ୍ରାକୁ ଦର୍ଶନ କରି ଆନନ୍ଦରେ ଉତଫୁଲ୍ଲିତ ହେଲେ । ମଥୁରାର ନାରୀମାନେ ନିଜ ନିଜର କର୍ମଛାଡି ରାମକୃଷ୍ଣଙ୍କ ଦର୍ଶନ ପାଇଁ ଦୌଡିଆସି ହୁଳହୁଳି ପକାଇ ଦୁର୍ବାକ୍ଷତ ପକାଇଲେ । ରାମ ଓ କୃଷ୍ଣଙ୍କ ରୂପରେ ସେମାନେ ଏପରି ମୋହିତ ହେଲେ ଯେ ମନେ ମନେ କହିଲେ ଏହି ସୁନ୍ଦର, ନିଷ୍ପାପ ବାଳକ ଦ୍ୱୟଙ୍କୁ ନିର୍ଦ୍ଦୟୀ କଂସ ମାରିବାକୁ ଡକାଇ ଆଣିଛି, ଏହି ସୁନ୍ଦର ରୂପକୁ ମାରିବାକୁ ହାତ କିପରି ଯିବ ? ଦଇବ କିପରି ସହିବ ? ଏମାନଙ୍କୁ ମାରି କଂସ ଗୋପୁର ଧ୍ୱଂସ କରିବ । ନିଜ ଭିତର କୁହାକୁହି ହେଲେ ଏହି ଘଟଣା ଦେଖିବା ପୂର୍ବରୁ ଆମମାନଙ୍କର ମୃତ୍ୟୁ ହେଉ କିମ୍ବା ଚାଲ ମଥୁରା ଛାଡି ଅନ୍ୟତ୍ର ପଳାଇବା । ପୁଣି ଧର୍ମକୁ କହିଲେ ପ୍ରଭୁ ଆମମାନଙ୍କର ଆୟୁଷ ନେଇ ଏମାନଙ୍କୁ ବଞ୍ଚାଇ ରଖ । ରାମକୃଷ୍ଣ ଦୁଇ ଭାଇ କଂସର ସିଂହଦ୍ୱାର ନିକଟରେ ପହଞ୍ଚି ଦେଖିଲେ କୁବଳୟା ଦନ୍ତାହାତୀ ଦ୍ୱାର ଅବରୋଧ କରି ଛିଡା ହୋଇଛି । ମାହୁନ୍ତ ରାମକୃଷ୍ଣଙ୍କୁ ଦେଖି ହାତୀକୁ ଆକ୍ରମଣ କରିବାକୁ ସଙ୍କେତ ପ୍ରଦାନ କରିବାରୁ ଦୁଇ ଭାଇ ମାଲକଛା ମାରି ଚୁଳକୁ ବାନ୍ଧି ପକାଇ ଯୁଦ୍ଧପାଇଁ ପ୍ରସ୍ତୁତ ହୋଇଗଲେ । ପ୍ରଥମେ ଗୋଟାଏ ସୁଯୋଗ ଦେବାକୁ ଯାଇ ଶ୍ରୀକୃଷ୍ଣ ନିଜର ସାଥୀମାନଙ୍କୁ ଆଡେଇ ଦେଇ କହିଲେ, ହେ ମାହୁନ୍ତ ଭାଇ ହାତୀକୁ ଆଡାଅ, ଆମେ ରାଜାଙ୍କ ଭଣଜା । ରାଜାଙ୍କୁ ଦର୍ଶନ କରିବୁ । ମାତ୍ର ମାହୁନ୍ତ ହାତୀକୁ ଆକ୍ରମଣ କରିବାକୁ ଇଙ୍ଗିତ ଦେବାରୁ କୃଷ୍ଣ କହିଲେ ଆରେ ମାହୁନ୍ତ ତୋର କଣ ଜୀବନର ମୋହ ତୁଟିଗଲାଣି କି ? ତୁ ହାତୀକୁ ଆମକୁ ଆକ୍ରମଣ କରିବାକୁ ଇଙ୍ଗିତ ଦେଉଛୁ ? ହାତୀକୁ ହଟାଇ ନେ ନଚେତ ତୁ ଓ ତୋର ହାତୀ ଉଭୟ ମରିବ । ମାହୁନ୍ତ କ୍ରୋଧରେ ଏଥର ହସ୍ତୀକୁ ଚାଳିଦେବାରୁ ଦନ୍ତା ବାୟୁ ବେଗରେ ଆକ୍ରମଣ କରି ଦାନ୍ତରେ ଆଘାତ କରିବାକୁ ପ୍ରୟାସ କରିବାରୁ କୃଷ୍ଣ ହାତୀ ପେଟତଳେ ପଶିଯିବାରୁ ହାତୀ ସମ୍ମୁଖରେ ନ ପାଇ ଘୋର ଗର୍ଜନ କଲା । କୃଷ୍ଣ ପେଟତଳୁ ବାହାରି ଆସି ବାଳକ ଗୋ ବତ୍ସା ଲାଞ୍ଜ ଟାଣିବା ପରି ହାତୀର ଲାଞ୍ଜ ଟାଣି ଟାଣି ବହୁ ଦୂରକୁ ନେଇଗଲେ । ହାତୀର ଶୁଣ୍ଢ କୃଷ୍ଣଙ୍କୁ ଧରି ପାରୁନଥାଏ । ଏହି ସମୟରେ ଶ୍ରୀକୃଷ୍ଣ ହାତୀ ସମ୍ମୁଖକୁ ଆସି ତା ମସ୍ତକରେ ବଜ୍ରମୁଷ୍ଟି ପ୍ରହାର କରିବାରୁ ହାତୀ ତାଙ୍କୁ ଭୟଙ୍କର ଭାବେ ଆକ୍ରମଣ କରିବାକୁ ଦୌଡିଲା । କୃଷ୍ଣ ଦୌଡି ଦୌଡି ହଠାତ୍ ପଡିଯାଇ ଅନ୍ତର୍ଦ୍ଧାନ ହୋଇଯିବାରୁ ସେହି ଭୂମିକୁ ମାହୁନ୍ତର ନିର୍ଦ୍ଦେଶରେ ହାତୀ ଆଘାତ କଲା । ଲୋକମାନେ କୃଷ୍ଣ ଦନ୍ତରେ ଗୁନ୍ଥି ହୋଇଗଲେ ବୋଲି ବିକଳରେ ଚିତ୍କାର କଲେ ଓ ଧର୍ମକୁ ଡାକ ପକାଇଲେ । (କ୍ରମଶଃ)


+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮


## ସମ୍ପର୍କର ରାଗିଣୀ

# ପିତୃପକ୍ଷ ଓ ଶ୍ରଦ୍ଧାର ସମ୍ପର୍କ




ଶ୍ୱେତା ରାଉତ୍


'ଶ୍ରଦ୍ଧୟା ଯକ୍ରିୟତେ ତତ୍ତୁ ଶ୍ରାଦ୍ଧଂ'

ସମ୍ପର୍କ କେବଳ ଏହି ଜନ୍ମରେ ସୀମିତ ହୋଇନଥାଏ, ସମ୍ପର୍କ ଆମ ପୂର୍ବଜଙ୍କ ସହ ମଧ ନିବିଡ ହୋଇ ଅଦୃଶ୍ୟ ଭାବେ ରହିଥାଏ । ସେମାନଙ୍କ ଆଶୀର୍ବାଦ ଆମ ପାଇଁ ବରଦାନ ହୋଇଥାଏ । ପିତୃପକ୍ଷରେ ଶ୍ରାଦ୍ଧ ଦେଇ ଆମେ ସେମାନଙ୍କ ଆଶୀର୍ବାଦ ପାଇବାର ସୌଭାଗ୍ୟ ଅର୍ଜନ କରିବାକୁ ସୁଯୋଗ ପାଆନ୍ତି ।

ମହାଭାରତରେ ଏକ ଅଦ୍ଭୁତ କଥା ରହିଛି ମହା ଦାନୀ କର୍ଣ୍ଣଙ୍କୁ ନେଇ । କର୍ଣ୍ଣ ଯେତେବେଳେ ଦେହ ତ୍ୟାଗ କରି ସ୍ୱର୍ଗରେ ପହଞ୍ଚିଲେ, ତାଙ୍କୁ ଭୋଜନ କରିବାକୁ ସୁନା, ରୂପା, ହୀରା ନୀଳା ଦିଆଗଲା । କର୍ଣ୍ଣ ଆଶ୍ଚର୍ଯ୍ୟ ହୋଇ ଦେବରାଜ ଇନ୍ଦ୍ରଙ୍କୁ କାରଣ ପଚାରିଲେ । ଦେବରାଜ କହିଲେ 'ତୁମେ ଜୀବନ ସାରା ସବୁବେଳେ ସୁନା, ରୂପା, ହୀରା, ମୋତି, ମାଣିକ ଦାନ କରିଛ, ହେଲେ କେବେ ଅନ୍ନ କି ଆହାର ଦାନ କରିନାହଁ କିମ୍ବା ନିଜ ପିତୃ ପୁରୁଷଙ୍କୁ ପିଣ୍ଡ ଦାନ କରିନାହଁ, ତେଣୁ ତୁମକୁ ଅନ୍ନ ମିଳିବ ନାହିଁ' । ଏକଥା ଶୁଣି କର୍ଣ୍ଣ ପଶ୍ଚାତାପ କଲେ ଓ ଲଜ୍ଜିତ ହୋଇ କ୍ଷମା ପ୍ରାର୍ଥନା କଲେ । ଦେବରାଜ ତାଙ୍କୁ କ୍ଷମା କରି କହିଲେ - ତୁମକୁ ବରଦାନ ଦେଲି , ତୁମେ ମର୍ତ୍ତ୍ୟକୁ ଯାଇ ପନ୍ଦର ଦିନ ରହି ନିଜ ପୂର୍ବଜଙ୍କ ଆତ୍ମାକୁ ଶାନ୍ତି ଦେବାପାଇଁ ପିଣ୍ଡ ଦାନ, ଅନ୍ନ ଦାନ କର' ।

ଦେବରାଜ ଇନ୍ଦ୍ରଙ୍କ ପରାମର୍ଶରେ କର୍ଣ୍ଣ ମର୍ତ୍ତ୍ୟକୁ ଯାଇ ପିତୃପୁରୁଷଙ୍କୁ ଶ୍ରଦ୍ଧା ପୂର୍ବକ ପିଣ୍ଡଦାନ କଲେ ।ସେହି ପନ୍ଦର ଦିନକୁ 'ପିତୃପକ୍ଷ' କୁହାଯାଏ । ଆଉ ଏକ କିମ୍ବଦନ୍ତୀ ରହିଛି ମହାନ ତପସ୍ୱୀ ଅଗସ୍ତ୍ୟ ଆରେଶିଙ୍କ ବିଷୟରେ । ଏକଦା ସେ ତାଙ୍କ ପିତୃଗଣଙ୍କୁ ପାତାଳଲୋକରେ ଓଲଟା ଟଙ୍ଗା ଯାଇଥିବାର ଦେଖିଲେ ଓ ଖୁବ୍ ମର୍ମାହତ ହୋଇ ପଚାରିଲେ ଆପଣମାନେ ଏ ଦୁଃଖଦ ଅବସ୍ଥାରେ କାହିଁକି ? ପିତୃଗଣ ଉତ୍ତର ଦେଲେ 'ଋଷି ତୁମର ପୁତ୍ର ନାହିଁ, ପୁତ୍ର ଶ୍ରାଦ୍ଧ ଦେଇଥିଲେ ଆମକୁ ମୁକ୍ତି ମିଳିଥାନ୍ତା, ନହେଲେ ଏ କଷ୍ଟ ଭୋଗିବାକୁ ପଡ଼ିବ । ଋଷି ଅଗସ୍ତ୍ୟ ସେମାନଙ୍କ ଦୁଃଖର ନିବାରଣ ପାଇଁ ବିବାହ କଲେ ଓ ତାଙ୍କ ପୁତ୍ର ଦ୍ୱାରା ଶ୍ରାଦ୍ଧ କରାଇ ପିତୃ ପୁରୁଷଙ୍କୁ ମୁକ୍ତି କରାଇଲେ । ଏକଦା ଯୁଧିଷ୍ଠିର ଶ୍ରାଦ୍ଧ ଦେଉଥିବା ସମୟରେ ଗୋଟେ କୁଆ ଆସି ବଢ଼ା ଯାଇଥିବା ପିଣ୍ଡକୁ ଖାଇବାକୁ ଲାଗିଲା । ପୁରୋହିତ କାଉକୁ ଘଉଡ଼ାଇବାକୁ ଲାଗିବାରୁ ଯୁଧିଷ୍ଠିର ବାଧା ଦେଲେ 'ତାକୁ ଘଉଡାନ୍ତୁ ନାହିଁ ସେ ବହୁତ ଭୋକିଲା ଅଛି, କିଏ ଜାଣେ କାଉ ରୂପରେ ଏ ଆମର କେହି ପିତୃ ପୁରୁଷ ହୋଇପାରନ୍ତି' ! କାଉ ସଙ୍ଗେ ସଙ୍ଗେ ଏକ ତେଜସ୍ୱୀ ପିତୃ ରୂପରେ ଉଭା ହୋଇଗଲେ ଓ ଯୁଧିଷ୍ଠିରଙ୍କୁ ଆଶୀର୍ବାଦ କରି କହିଲେ 'ତୁମେ ସବୁ ଭିତରେ ଆମକୁ ଉପଲବ୍ଧି କରି ତୃପ୍ତ କରିଛ, ତେଣୁ ତୁମର କୁଳ ସର୍ବଦା ସମୃଦ୍ଧ ରହିବ' । ଏଥିରୁ ଆମେ ଜାଣୁଛେ ଯେ ବାସ୍ତବରେ ଭୋକିଲା ମୁହଁରେ ଆହାର ଦେବା, ଶ୍ରଦ୍ଧା ପୂର୍ବକ ଅନ୍ନ ଦାନ, ଧର୍ମ କାର୍ଯ୍ୟ, ପଶୁ ପକ୍ଷୀଙ୍କୁ ଭୋଜନ କରାଇବା ହେଉଛି ବାସ୍ତବିକ ଶ୍ରାଦ୍ଧ, ଯେଉଁଥିରେ ଆମ ପିତୃଗଣ ପ୍ରସନ୍ନ ହୁଅନ୍ତି ଓ ଆମକୁ ଆଶୀର୍ବାଦ କରନ୍ତି । ଶ୍ରାଦ୍ଧ ଦ୍ୱାରା ପିତୃପୁରୁଷଙ୍କ ଶ୍ରଦ୍ଧାର ସମ୍ପର୍କ ଅତୁଟ ରହୁ, ଆଶୀର୍ବାଦ ପ୍ରାପ୍ତ ହେଉ ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


# ଭାରତର ଅଭ୍ୟାସ ଯାହାକୁ ଜାପାନବାସୀ କରନ୍ତି ପସନ୍ଦ : ଜୀବନକୁ ସରସ, ସୁନ୍ଦର କରେ ଏସବୁ ନିତିଦିନିଆ ଅଭ୍ୟାସ

ସାରା ଦୁନିଆରେ ଭାରତୀୟ ସଂସ୍କୃତି ଏବଂ ସଭ୍ୟତାକୁ ସମ୍ମାନ କରାଯାଏ । ଭାରତର ସରଳତା ଏବଂ ପୋଷାକ ସହିତ ଖାଦ୍ୟକୁ ମଧ ବହୁତ ପସନ୍ଦ କରନ୍ତି ବିଦେଶୀ । ବଡ଼ମାନଙ୍କୁ ଆଦର ସତ୍କାର କରିବା ଏବଂ ଏହାସହ ଯୋଗ ମଧ ସାରା ବିଶ୍ୱରେ ପ୍ରସିଦ୍ଧ । ଏହି ଅଭ୍ୟାସ ସହ କେବଳ ଭାବନା ଜଡ଼ିତ ନୁହେଁ ବରଂ ଏଗୁଡ଼ିକ ଆମର ସଠିକ୍ ଜୀବନଶୈଳୀ ଏବଂ ଅନୁଶାସନ ପାଇଁ ମଧ ଜରୁରୀ ବୋଲି ମନେ କରାଯାଏ । ଯାହାକୁ ଆଜି ସମଗ୍ର ବିଶ୍ୱ ଆପଣାଉଛି । ଏପରି ସ୍ଥଳେ ଭାରତୀୟମାନଙ୍କର କିଛି ଅନ୍ୟ ଅଭ୍ୟାସ ମଧ ଅଛି ଯାହାକୁ ଜାପାନରେ ମଧ ଆପଣାଯାଏ । ଭାରତ ଏବଂ ଜାପାନ ଉଭୟ ଦେଶର ପରମ୍ପରା ଏବଂ ଅନୁଶାସନ ଗଭୀର ଭାବରେ ଜଡ଼ିତ । ଭାରତୀୟମାନଙ୍କର କିଛି ଏପରି ଅଭ୍ୟାସ ଯାହାକୁ ଜାପାନର ଲୋକମାନେ ମଧ ଆପଣାଇଥା'ନ୍ତି । ଆସନ୍ତୁ ଜାଣିବା ଏପରି କିଛି ଅଭ୍ୟାସ ବିଷୟରେ ଯାହା ଉଭୟ ଦେଶରେ ହିଁ ବହୁତ ସାଧାରଣ ।

## ଚଟାଣରେ ବସି ଖାଇବା

ତଳେ ବସି ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି ଆମେ ପିଲାବେଳୁ ଜାଣୁ । ଏହାଦ୍ୱାରା ଖାଦ୍ୟ ଶୀଘ୍ର ହଜମ କରିବାରେ ସାହାଯ୍ୟ ମିଳିଥାଏ । ଜାପାନରେ ମଧ ତଳେ ବସି ଖାଦ୍ୟ ଖାଇବାର ପରମ୍ପରା ରହିଛି । ଏକ ଛୋଟ ଟେବୁଲ୍ ଉପରେ ଖାଦ୍ୟ ରଖି ସାମ୍ନାରେ ଆସନ ବିଛାଇ ଲୋକମାନେ ଖାଦ୍ୟ ଖାଇବାର ମଜା ଉଠାଇଥା'ନ୍ତି । ଏହି ଅଭ୍ୟାସ ଭାରତୀୟ ଶୈଳୀ ସହ ମେଳ ଖାଏ ।

## ସମ୍ମାନ ଏବଂ ନମ୍ରତାର ସହିତ ବ୍ୟବହାର

ଭାରତରେ ବଡ଼ମାନଙ୍କୁ ପ୍ରଣାମ କରିବା, ତାଙ୍କର ପାଦ ଛୁଇଁବା ଏବଂ ଆଦର ସହିତ କଥା ହେବାର ପରମ୍ପରା ରହିଛି । ଯାହା ଜାପାନ ସଂସ୍କୃତିରେ ମଧ ଦେଖିବାକୁ ମିଳେ । ସେଠାରେ ମୁଣ୍ଡ ନୁଆଁଇ ଗ୍ରେଟିଟ୍ୟୁଡ୍ ଅର୍ପଣ କରାଯାଏ । ଏହା ବିନମ୍ର ସ୍ୱଭାବ ଏବଂ ଅନ୍ୟମାନଙ୍କ ପ୍ରତି ଆଦରକୁ ଦର୍ଶାଇଥାଏ । ଉଭୟ ଦେଶରେ ହିଁ ଆଦରକୁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଗୁଣ ବୋଲି ମନେ କରାଯାଏ ।

## ଯୋଗ ଏବଂ ମେଡିଟେସନର ଟ୍ରେଣ୍ଡ



ଯୋଗ ଏବଂ ଧ୍ୟାନ କରିବା ଜୀବନଶୈଳୀର ମହତ୍ତ୍ୱପୂର୍ଣ୍ଣ ଅଂଶ । ଜାପାନରେ ମେଡିଟେସନକୁ ଜଜେନ୍ କୁହାଯାଏ । ଜାପାନର ଲୋକମାନେ ନିୟମିତ ରୂପରେ ମେଡିଟେସନ ଏବଂ ଯୋଗର ଅଭ୍ୟାସ କରନ୍ତି । ଏହା ମାନସିକ ସ୍ୱାସ୍ଥ୍ୟକୁ ସଠିକ୍ ରଖିବା, କନସେଣ୍ଟ୍ରେସନକୁ ବଢ଼ାଇବା କ୍ଷେତ୍ରରେ ଲାଭଦାୟକ ବୋଲି ମନେ କରାଯାଏ ।

## ଖାଇବା ପୂର୍ବର ଅଭ୍ୟାସ



ଖାଇବା ପୂର୍ବରୁ ଭାରତରେ ପ୍ରାର୍ଥନା ଏବଂ ପରେ ଧନ୍ୟବାଦ ଦିଆଯାଏ, ସେହିପରି ଜାପାନରେ ମଧ ଖାଦ୍ୟ ଆରମ୍ଭ କରିବା ପୂର୍ବରୁ 'ଇତାଦାକିମାସୁ' ଏବଂ ଖାଇବା ପରେ 'ଗୋଚିସୋସାମା ଦେଶିତା' କୁହାଯାଏ । ଏହା ଖାଦ୍ୟ ପ୍ରତି ଗ୍ରାଟିଚ୍ୟୁଡ୍ ଏବଂ ଧନ୍ୟବାଦ ଦେଖାଇବା ପାଇଁ କରାଯାଏ ।

## ସରଳ ଜୀବନ

ଜାପାନୀମାନଙ୍କର ଲାଇଫଷ୍ଟାଇଲ ଏବଂ ଖାଦ୍ୟ ମଧ ସରଳ ହୋଇଥାଏ । ସକାଳୁ ଶୀଘ୍ର ଉଠିବା, ପ୍ରକୃତିକୁ ଆଦର କରିବା, ଜୋତା-ଚପଲ ବାହାରେ କାଢ଼ି ଖାଲି ପାଦରେ ଘରେ ଯିବା ଏଭଳି ଅନେକ ଅଭ୍ୟାସ ଜାପାନୀ ଲୋକଙ୍କ ସରଳ ଜୀବନକୁ ବୁଝାଏ । କିନ୍ତୁ ଆଜିକାଲି ବ୍ୟସ୍ତବହୁଳ ସମୟ ଏବଂ ଅନେକ କାରଣରୁ ଉଭୟ ଦେଶରେ କିଛି ଲୋକଙ୍କର ଲାଇଫଷ୍ଟାଇଲରେ ପରିବର୍ତ୍ତନ ଦେଖିବାକୁ ମିଳେ ।





## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମାନହାନୀ ଆଇନ: ଅପରାଧମୁକ୍ତ କରିବାର ସମୟ ?

ସମ୍ପ୍ରତି ସୁପ୍ରିମକୋର୍ଟର ଜଣେ ବିଚାରପତିଙ୍କ ମନ୍ତବ୍ୟ ଭାରତରେ ମାନହାନୀ ସମ୍ବନ୍ଧୀୟ ଆଇନକୁ ଅପରାଧମୁକ୍ତ କରିବା ନେଇ ଦୀର୍ଘ ଦିନରୁ ଚାଲିଆସୁଥିବା ବିତର୍କକୁ ପୁଣି ଥରେ ଜୀବନ୍ତ କରିଛି । ଏକ ମାନହାନୀ ମାମଲାର ଶୁଣାଣି ସମୟରେ ବିଚାରପତି ଏମ୍.ଏମ୍. ସୁନ୍ଦରେଶ କହିଥିଲେ, 'ମୋତେ ଲାଗୁଛି ଏସବୁକୁ ଅପରାଧମୁକ୍ତ କରିବାର ସମୟ ଆସିଯାଇଛି' । ଏହି ମନ୍ତବ୍ୟ କେବଳ ଏକ ଆଇନଗତ ପ୍ରସଙ୍ଗକୁ ପୁନର୍ବିଚାର ପାଇଁ ଆହ୍ୱାନ ଦେଇନାହିଁ, ବରଂ ଏହା ବାକ୍ ସ୍ୱାଧୀନତା ଏବଂ ବ୍ୟକ୍ତିଗତ ପ୍ରତିଷ୍ଠାର ଅଧିକାର ମଧ୍ୟରେ ଥିବା ସୂକ୍ଷ୍ମ ସନ୍ତୁଳନ ଉପରେ ଏକ ଗଭୀର ଆଲୋଚନାର ଆବଶ୍ୟକତାକୁ ଦର୍ଶାଉଛି । ଏହି ପରିପ୍ରେକ୍ଷୀରେ, ଭାରତୀୟ ମାନହାନୀ ଆଇନର ଐତିହାସିକ ପୃଷ୍ଠଭୂମି, ଏହାର ସାମ୍ବିଧାନିକ ବୈଧତା, ଅନ୍ୟାନ୍ୟ ଦେଶର ଆଇନ ସହିତ ତୁଳନାତ୍ମକ ବିଶ୍ଳେଷଣ ଏବଂ ସମୟ ସହିତ ଏହାର ପରିବର୍ତ୍ତିତ ସ୍ୱରୂପକୁ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଭାରତରେ ମାନହାନୀ ଆଇନର ମୂଳଦୁଆ ବ୍ରିଟିଶ ଶାସନ କାଳରେ ପଡ଼ିଥିଲା। ୧୮୬୦ରେ ଭାରତୀୟ ଦଣ୍ଡ ସଂହିତା (ଆଇପିସି) ରେ ସ୍ଥାନିତ ହୋଇଥିବା ଏହି ଆଇନର ମୂଳ ଉଦ୍ଦେଶ୍ୟ ଥିଲା ବ୍ରିଟିଶ ସରକାରଙ୍କ ସ୍ୱାର୍ଥର ସୁରକ୍ଷା କରିବା ଏବଂ ସରକାର ବିରୋଧୀ ସ୍ୱରକୁ ଦମନ କରିବା। ଆଇପିସିର ଧାରା ୪୯୯ରେ ମାନହାନୀର ପରିଭାଷା ଦିଆଯାଇଥିବା ବେଳେ ଧାରା ୫୦୦ରେ ଏଥିପାଇଁ ଦୁଇ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ କିମ୍ବା ଜରିମାନା କିମ୍ବା ଉଭୟର ବ୍ୟବସ୍ଥା ରହିଛି । ବର୍ତ୍ତମାନ ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ରେ ଏହାକୁ ଧାରା ୩୫୬ରେ ସ୍ଥାନିତ କରାଯାଇଛି। ଭାରତରେ ମାନହାନୀ କେବଳ ଏକ ଫୌଜଦାରୀ ଅପରାଧ ନୁହେଁ, ଏହା ଏକ ଦେଓ୍ୱାନୀ ମାମଲା ମଧ୍ୟ । ଦେଓ୍ୱାନୀ ମାମଲାରେ ପୀଡ଼ିତ ବ୍ୟକ୍ତି କ୍ଷତିପୂରଣ ଦାବି କରିପାରନ୍ତି, କିନ୍ତୁ ଫୌଜଦାରୀ ମାମଲାରେ ଅଭିଯୁକ୍ତଙ୍କୁ ଦଣ୍ଡିତ କରିବାର ବ୍ୟବସ୍ଥା ରହିଛି, ଯାହା ଏହାକୁ ଅଧିକ କଠୋର ଏବଂ ବିବାଦୀୟ କରିଥାଏ ।

ଏହି ଆଇନର ସାମ୍ବିଧାନିକ ବୈଧତାକୁ ନେଇ ଅନେକ ଥର ପ୍ରଶ୍ନ ଉଠିଛି । ମୁଖ୍ୟତଃ, ଏହା ସମ୍ବିଧାନର ଅନୁଚ୍ଛେଦ ୧୯(୧)(କ) ଦ୍ୱାରା ପ୍ରଦତ୍ତ ବାକ୍ ଓ ଅଭିବ୍ୟକ୍ତିର ସ୍ୱାଧୀନତାକୁ ସଙ୍କୁଚିତ କରୁଛି ବୋଲି ଯୁକ୍ତି କରାଯାଏ । ତେବେ ୨୦୧୬ ମସିହାରେ ସୁବ୍ରମଣ୍ୟମ ସ୍ୱାମୀ ବନାମ ଭାରତ ସରକାର ମାମଲାରେ ସୁପ୍ରିମକୋର୍ଟ ଏହି ଆଇନର ସାମ୍ବିଧାନିକ ବୈଧତାକୁ କାଏମ ରଖିଥିଲେ । କୋର୍ଟ କହିଥିଲେ ଯେ ପ୍ରତିଷ୍ଠାର ଅଧିକାର ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାରର ଏକ ଅବିଚ୍ଛେଦ୍ୟ ଅଙ୍ଗ । ତେଣୁ, ବାକ୍ ସ୍ୱାଧୀନତା ଉପରେ ଏକ 'ଯୁକ୍ତିଯୁକ୍ତ ପ୍ରତିବନ୍ଧକ' ଭାବରେ ଫୌଜଦାରୀ ମାନହାନୀ ଆଇନ ଗ୍ରହଣୀୟ । ଏହି ରାୟ ପରେ ମଧ୍ୟ ବିତର୍କ ଥମିନାହିଁ, କାରଣ ଏହି ଆଇନର ଅପବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି ।

ଫୌଜଦାରୀ ମାନହାନୀ ଆଇନକୁ ଅପରାଧମୁକ୍ତ କରିବା ସପକ୍ଷରେ ସବୁଠାରୁ ବଡ଼ ଯୁକ୍ତି ହେଉଛି ଏହାର 'ଚିଲିଂ ଇଫେକ୍ଟ' ବା ଭୟ ସୃଷ୍ଟିକାରୀ ପ୍ରଭାବ । ସାମ୍ବାଦିକ, ଲେଖକ, କାର୍ଯ୍ୟକର୍ତ୍ତା ଏବଂ ସାଧାରଣ ନାଗରିକମାନେ କୌଣସି ପ୍ରଭାବଶାଳୀ ବ୍ୟକ୍ତି ବା ସଂସ୍ଥାର ଭୁଲ୍ ତ୍ରୁଟିକୁ ସାମ୍ନାକୁ ଆଣିବାକୁ ଭୟ କରନ୍ତି, କାରଣ ସେମାନଙ୍କୁ ଫୌଜଦାରୀ ମାମଲାରେ ଫସାଇ ଦିଆଯିବାର ଆଶଙ୍କା ଥାଏ। ଏହାକୁ 'ଷ୍ଟ୍ରାଟେଜିକ୍ ଲ'ସୁଟ୍ ଏଗେନ୍ଷ୍ଟ ପବ୍ଲିକ୍ ପାର୍ଟିସିପେସନ୍' (SLAPP) କୁହାଯାଏ, ଯେଉଁଠାରେ ମାମଲା ଜିତିବା ଅପେକ୍ଷା ପ୍ରତିପକ୍ଷକୁ ହଇରାଣ କରିବା ଏବଂ ଆର୍ଥିକ ଓ ମାନସିକ ସ୍ତରରେ ଦୁର୍ବଳ କରିବା ମୁଖ୍ୟ ଉଦ୍ଦେଶ୍ୟ ପାଲଟିଯାଏ। ଏହି ଆଇନର ପ୍ରକ୍ରିୟା ହିଁ ଏକ ଦଣ୍ଡ ସଦୃଶ ହୋଇଯାଏ, ଯେଉଁଠାରେ ବର୍ଷ ବର୍ଷ ଧରି କୋର୍ଟ କଚେରୀକୁ ଦୌଡ଼ିବାକୁ ପଡ଼େ । ଏହା ସ୍ୱାଧୀନ ସାମ୍ବାଦିକତା ଏବଂ ସମାଲୋଚନାମୂଳକ ଚିନ୍ତାଧାରା ପାଇଁ ଏକ ବଡ଼ ପ୍ରତିବନ୍ଧକ ସାଜିଛି ।

ଯଦି ଆମେ ଅନ୍ତର୍ଜାତୀୟ ପରିପ୍ରେକ୍ଷୀକୁ ଦେଖିବା, ତେବେ ଅନେକ ଗଣତାନ୍ତ୍ରିକ ଦେଶ ମାନହାନୀକୁ ଅପରାଧମୁକ୍ତ କରିସାରିଛନ୍ତି । ଯୁକ୍ତରାଜ୍ୟ (UK) ୨୦୦୯ ମସିହାରେ ଫୌଜଦାରୀ ମାନହାନୀ ଆଇନକୁ ଉଚ୍ଛେଦ କରିଦେଇଛି । ସେଠାରେ ଏବେ ଏହା କେବଳ ଏକ ଦେଓ୍ୱାନୀ ମାମଲା ଭାବରେ ବିବେଚିତ ହୁଏ । ଆମେରିକାରେ ପ୍ରଥମ ସଂଶୋଧନ ଦ୍ୱାରା ବାକ୍ ସ୍ୱାଧୀନତାକୁ ଅତ୍ୟନ୍ତ ଗୁରୁତ୍ୱ ଦିଆଯାଇଛି । ସେଠାରେ କୌଣସି ସାର୍ବଜନୀନ ବ୍ୟକ୍ତିଙ୍କ ବିରୋଧରେ ମାନହାନୀ ମାମଲା ଜିତିବାକୁ ହେଲେ 'ପ୍ରକୃତ ଦୁର୍ଭାବନା' (actual malice) ପ୍ରମାଣ କରିବାକୁ ପଡ଼େ, ଅର୍ଥାତ୍ ଅଭିଯୁକ୍ତ ଜାଣିଶୁଣି ମିଥ୍ୟା ତଥ୍ୟ ପ୍ରକାଶ କରିଛନ୍ତି ବା ସତ୍ୟତାକୁ ସମ୍ପୂର୍ଣ୍ଣ ଅବହେଳା କରିଛନ୍ତି । ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ, ଶ୍ରୀଲଙ୍କା ଭଳି ଦେଶ ମଧ୍ୟ ଏହି ପଥ ଅନୁସରଣ କରିଛନ୍ତି । ମିଳିତ ଜାତିସଂଘର ମାନବାଧିକାର କମିଟି ମଧ୍ୟ ସଦସ୍ୟ ରାଷ୍ଟ୍ରମାନଙ୍କୁ ଫୌଜଦାରୀ ମାନହାନୀ ଆଇନକୁ ଉଚ୍ଛେଦ କରିବାକୁ ସୁପାରିଶ କରିଆସୁଛି । ଏହି ତୁଳନାତ୍ମକ ଚିତ୍ର ଦର୍ଶାଉଛି ଯେ ଭାରତର ଆଇନ ବର୍ତ୍ତମାନର ଆନ୍ତର୍ଜାତୀୟ ଧାରାଠାରୁ ପଛରେ ରହିଯାଇଛି ।

ତେବେ ଏହି ଆଇନକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ବିରୋଧରେ ମଧ୍ୟ କିଛି ଯୁକ୍ତି ରହିଛି । ଏହାର ସମର୍ଥକମାନେ କୁହନ୍ତି ଯେ ପ୍ରତିଷ୍ଠାର ଅଧିକାର ଏକ ମୌଳିକ ଅଧିକାର ଏବଂ ଏହାର ସୁରକ୍ଷା ପାଇଁ କଠୋର ଆଇନର ଆବଶ୍ୟକତା ରହିଛି । ସାଧାରଣ ଲୋକଙ୍କ ପାଇଁ ଦେଓ୍ୱାନୀ ମାମଲା ଲଢ଼ିବା ଅତ୍ୟନ୍ତ ବ୍ୟୟବହୁଳ ଏବଂ ସମୟସାପେକ୍ଷ ହୋଇପାରେ । ଏପରି ସ୍ଥଳେ, ଫୌଜଦାରୀ ଆଇନ ଏକ ଶକ୍ତ ପ୍ରତିରୋଧକ ଭାବରେ କାର୍ଯ୍ୟ କରେ । ଡିଜିଟାଲ ଯୁଗରେ, ଯେତେବେଳେ ସୋସିଆଲ ମିଡିଆ ମାଧ୍ୟମରେ କୌଣସି ମିଥ୍ୟା ଖବର ମୁହୂର୍ତ୍ତକରେ ବ୍ୟାପିଯାଇପାରେ, ସେତେବେଳେ ଏକ କଠୋର ଆଇନର ଆବଶ୍ୟକତାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇପାରିବ ନାହିଁ ।

ଏହି ସମସ୍ତ ଯୁକ୍ତିକୁ ବିଚାରକୁ ନେଲେ ଏକ ସନ୍ତୁଳିତ ପନ୍ଥା ଆପଣାଇବାର ଆବଶ୍ୟକତା ସ୍ପଷ୍ଟ ହେଉଛି । ୨୦୧୬ର ରାୟ ପରେ ସୁପ୍ରିମକୋର୍ଟଙ୍କ ମନୋଭାବରେ ଏକ ସୂକ୍ଷ୍ମ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି, ଯାହାର ପ୍ରତିଫଳନ ଜଷ୍ଟିସ୍ ସୁନ୍ଦରେଶଙ୍କ ମନ୍ତବ୍ୟରେ ଦେଖିବାକୁ ମିଳିଛି । ସମ୍ପୂର୍ଣ୍ଣ ଅପରାଧମୁକ୍ତ କରିବା ପରିବର୍ତ୍ତେ କିଛି ବିକଳ୍ପ ଉପରେ ବିଚାର କରାଯାଇପାରେ । ଉଦାହରଣ ସ୍ୱରୂପ, କାରାଦଣ୍ଡ ବ୍ୟବସ୍ଥାକୁ ହଟାଇ କେବଳ ଜରିମାନା କିମ୍ବା ସାମୁଦାୟିକ ସେବା ଭଳି ଦଣ୍ଡବିଧାନ କରାଯାଇପାରେ । ଦେଓ୍ୱାନୀ ମାମଲାଗୁଡ଼ିକର ଶୀଘ୍ର ଫଇସଲା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇପାରେ । ସତ୍ୟ, ସାଧାରଣ ସ୍ୱାର୍ଥ ଏବଂ ନିରପେକ୍ଷ ମନ୍ତବ୍ୟ ଭଳି ବ୍ୟତିକ୍ରମଗୁଡ଼ିକୁ ଅଧିକ ସୁଦୃଢ଼ କରାଯାଇପାରେ ଯାହାଦ୍ୱାରା ସାମ୍ବାଦିକ ଏବଂ ସମାଲୋଚକମାନେ ନିର୍ଭୟରେ କାର୍ଯ୍ୟ କରିପାରିବେ ।

ଶେଷରେ, ଏକ ସୁସ୍ଥ ଗଣତନ୍ତ୍ର ପାଇଁ ବାକ୍ ସ୍ୱାଧୀନତା ଏବଂ ପ୍ରତିଷ୍ଠାର ଅଧିକାର ଉଭୟ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଯେତେବେଳେ ଗୋଟିଏ ଅଧିକାରର ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଆଇନ ଅନ୍ୟ ଏକ ମୌଳିକ ଅଧିକାରକୁ ଦମନ କରିବାର ଅସ୍ତ୍ର ପାଲଟିଯାଏ, ସେତେବେଳେ ଏହାର ପୁନର୍ବିଚାର ଜରୁରୀ ହୋଇପଡ଼େ । ଔପନିବେଶିକ ମାନସିକତାରୁ ଜନ୍ମିତ ଏହି ଫୌଜଦାରୀ ମାନହାନୀ ଆଇନ ବର୍ତ୍ତମାନର ଗଣତାନ୍ତ୍ରିକ ମୂଲ୍ୟବୋଧ ସହିତ ଖାପ ଖାଉନାହିଁ । ସୁପ୍ରିମକୋର୍ଟଙ୍କ ସାମ୍ପ୍ରତିକ ମନ୍ତବ୍ୟ ଏକ ଆଶାର କିରଣ ସୃଷ୍ଟି କରିଛି ଯେ ନ୍ୟାୟପାଳିକା ଏହି ପ୍ରସଙ୍ଗରେ ଏକ ପ୍ରଗତିଶୀଳ ପଦକ୍ଷେପ ନେଇପାରେ, ଯାହା ଭାରତରେ ବାକ୍ ସ୍ୱାଧୀନତାକୁ ଏକ ନୂତନ ଦିଗ ଦେବା ସହ ବ୍ୟକ୍ତିର ସମ୍ମାନକୁ ମଧ୍ୟ ସୁରକ୍ଷିତ ରଖିପାରିବ । ସମୟ ଆସିଛି, ଏହି ପୁରୁଣା ଆଇନର ବୋଝରୁ ମୁକ୍ତ ହୋଇ ଏକ ଅଧିକ ଉଦାର ଏବଂ ଯୁକ୍ତିସଙ୍ଗତ ବ୍ୟବସ୍ଥା ଆଡ଼କୁ ଅଗ୍ରସର ହେବାର ।

# ବିରଳ ମହାତ୍ମା ସ୍ୱାମୀ ଚିଦାନନ୍ଦ

## ହେମନ୍ତ କୁମାର ପରିଡ଼ା

ସୃଷ୍ଟିର କଲ୍ୟାଣରେ ନିତ୍ୟ ନିରତ ଯୁକ୍ତ ଥିବା ବ୍ୟକ୍ତିମାନେ ସାଧୁପଦବାଚ୍ୟ। ସନାତନ ସଂସ୍କୃତିରେ ଏହି ସାଧୁସନ୍ଥ ମାନଙ୍କୁ ସୃଷ୍ଟିର ଶ୍ରେଷ୍ଠ ସମ୍ପଦ ଭାବେ ବିବେଚନା କରାଯାଇ ଶ୍ରେଷ୍ଠ ସମ୍ମାନ ପ୍ରଦାନ କରାଯାଇଛି। ସେହିମାନଙ୍କ ମହିମାରେ ଏହି ଧରିତ୍ରୀ ମହିମା ମଣ୍ଡିତ ହୋଇଛି। ଯୁଗେ ଯୁଗେ ସେହିମାନଙ୍କର ତପଶକ୍ତି ଏହି ଧରଣୀକୁ ଧାରଣ କରିବା ସହିତ ସମାଜକୁ ସତମାର୍ଗ ପ୍ରଦର୍ଶନ କରିଆସିଛି। ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ଆଧୁନିକ ବିଶ୍ୱର ସେହିଭଳି ଜଣେ ମହାନ ସନ୍ଥ ମହାତପସ୍ୱୀ। ଆପଣା ତପଶକ୍ତିର ଦିବ୍ୟ ପ୍ରକାଶରେ ସେ ବିଶ୍ୱବାସୀଙ୍କୁ ଦିବ୍ୟ ଜୀବନ ମାର୍ଗଦର୍ଶନ କରାଇଛନ୍ତି। ୧୯୧୬ ମସିହା ସେପ୍ଟେମ୍ବର ୨୪ ତାରିଖ ଦିନ ଏହି ଦିବ୍ୟ ଆତ୍ମା ଦକ୍ଷିଣ ଭାରତର ମାଙ୍ଗାଲୋର ଠାରେ ପିତା ଶ୍ରୀନିବାସ ରାଓ ଓ ମାତା ସରୋଜିନୀ ଦେବୀଙ୍କ କୋଳମଣ୍ଡନ କରି ଧରାବତରଣ କରିଥିଲେ। ଏକ ପ୍ରଖ୍ୟାତ ସଂସ୍କୃତି ସମ୍ପନ୍ନ ବ୍ରାହ୍ମଣ ପରିବାର। ମାମୁଁ ଘରେ ଜନ୍ମ ହୋଇ ପ୍ରାୟ ୧୬ ବର୍ଷ ଯାଏ ସେଇଠାରେ ବଢ଼ିଥିଲେ। ତାଙ୍କର ଅଜା ଥିଲେ ମାଙ୍ଗାଲୋର ଅଞ୍ଚଳର ଜଣେ ଅତ୍ୟନ୍ତ ପ୍ରସିଦ୍ଧ ଓ ପ୍ରଭାବଶାଳୀ ବ୍ୟକ୍ତି। ଲୋକେ ତାଙ୍କୁ ସେଠାକାର ମୁକୁଟ ବିହୀନ ସମ୍ରାଟ ଭାବି ଜ୍ଞାନ କରୁଥିଲେ। ଶ୍ରଦ୍ଧାରେ ଏହି ଦିବ୍ୟ ଶିଶୁଙ୍କ ନାମ ରଖାଯାଇଥିଲା ଶ୍ରୀଧର। ଜାତିର ପିତା ମହାତ୍ମା ଗାନ୍ଧୀ ଦକ୍ଷିଣ ଭାରତ ଭ୍ରମଣ ବେଳେ ଏକାଧିକ ବାର ତାଙ୍କ ଘରେ ଅତିଥି ହୋଇଥିଲେ। ଶିଶୁ ଶ୍ରୀଧର ବହୁବାର ତାଙ୍କ କୋଳରେ ବସିବାର ସୌଭାଗ୍ୟ ଲାଭ କରିଥିଲେ। ସେ ମାଙ୍ଗାଲୋରର ଏକ ପ୍ରସିଦ୍ଧ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ସମାପ୍ତ କରି ଉଚ୍ଚଶିକ୍ଷା ପାଇଁ ପିତୃଗୃହ ମାଡ୍ରାସ ଚାଲି ଆସିଥିଲା। ମାତୃଗୃହ ଓ ପିତୃଗୃହ ଉଭୟର ପରିବେଶ ଥିଲା ଅତ୍ୟନ୍ତ ଆଧ୍ୟାତ୍ମିକ। ପିଲା ଦିନ ଏହି ଆଧ୍ୟାତ୍ମିକ ସଂସ୍କାର ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ମାଡ୍ରାସର ପ୍ରସିଦ୍ଧ ଲୟୋଲା କଲେଜରୁ ସେ କୃତୀତ୍ୱର ସହିତ ଉଚ୍ଚଶିକ୍ଷା ସମାପ୍ତ କରିଥିଲେ। ଜଣେ ବୈମାନିକ ହେବା ପାଇଁ ତାଙ୍କୁ ନିଯୁକ୍ତି ପତ୍ର ପ୍ରାପ୍ତ ହୋଇଥିଲା। ସଂସାରର ସମସ୍ତ ସୌଭାଗ୍ୟ ତାଙ୍କୁ ଆଉ ବାନ୍ଧି ପାରିଲା ନାହିଁ। ସମସ୍ତ ଆର୍କଣ ତ୍ୟାଗ କରି ସେ ପରମସିଦ୍ଧି ସନ୍ଧାନରେ ତପ ସାଧନା ପାଇଁ ତପୋଭୂମି ହିମାଳୟ ଚାଲି ଆସିଲେ। ସେଠାରେ ଦିବ୍ୟ ଜୀବନ ସଂଘର ପ୍ରାଣ ପ୍ରତିଷ୍ଠା ମହାଯୋଗୀ ସ୍ୱାମୀ ଶିବାନନ୍ଦଙ୍କ ଚରଣରେ ନିଜକୁ ସମର୍ପି ଦେଇଥିଲେ। କିଛି ବର୍ଷର ସେବା ଓ ସାଧନାରେ ପ୍ରୀତ ହୋଇ ୧୯୪୯ ମସିହା ଗୁରୁପୂର୍ଣ୍ଣିମା ଦିନ ପୂଜ୍ୟ ସ୍ୱାମୀଜୀ ବ୍ରହ୍ମଚାରୀ ଶ୍ରୀଧରଙ୍କୁ ପବିତ୍ର ସନ୍ନ୍ୟାସ ଦୀକ୍ଷା ପ୍ରଦାନ କରି ସ୍ୱାମୀ ଚିଦାନନ୍ଦ ନାମରେ ନାମିତ କରିଥିଲେ। ଗୁଣ ଚିହ୍ନେ ଗୁଣିଆ, ଗୁରୁ ଶିବାନନ୍ଦ ଶିଷ୍ୟର ଆଧ୍ୟାତ୍ମିକ ସ୍ଥିତି ଓ ଜନ୍ମ ଜନ୍ମର ସାଧନାକୁ ଅନୁଭବ କରି ଯଥାର୍ଥ ରୂପେ ଚିଦାନନ୍ଦ ନାମ ପ୍ରଦାନ କରିଥିଲେ। ସେ କହିଥିଲେ - ସ୍ୱାମୀଜୀ ଶିଷ୍ୟ ଚିଦାନନ୍ଦଙ୍କ ଉପରେ ମନ୍ତବ୍ୟ ଦେଇ କହିଥିଲେ ସ୍ୱାମୀ ଚିଦାନନ୍ଦ ବାସ୍ତବରେ ମୋର ଗୁରୁ ହେବାକଥା। କୌଣସି କର୍ମ ବିପାକରୁ ଏବେ ସେ ମୋର ଶିଷ୍ୟ ହୋଇଛନ୍ତି। ପିଲାଟି ଦିନରୁ ତାଙ୍କ ଭିତର ଅନେକ ଦିବ୍ୟ ଭାବର ପ୍ରକାଶ ଘଟିଥିଲା। ତ । ଙ୍କ ମା'ଥିଲେ ଜଣେ ମହୀୟସୀ ମହିଳା। ମାଆଙ୍କ ପ୍ରଭାବ ଗଭୀର ଭାବେ ତାଙ୍କ ଉପରେ ପଡ଼ିଥିଲା। ମଣିଷ, ମଣିଷ ଏପରିକି ପଶୁପକ୍ଷୀ, କୀଟ ପତଙ୍ଗ, ବୃକ୍ଷଲତାମାନେ ମଧ୍ୟ ତାଙ୍କ କୃପା କଟାକ୍ଷରୁ ବାଦ ପଡୁ ନଥିଲେ। ପାଣିରେ ପଡ଼ିଯାଇଥିବା ପତଙ୍ଗର ଉଧାର ପାଇଁ ଯନ୍ତ୍ରଣାରେ ଛଟପଟ ହେଉଥିବା ବୁଲାକୁକୁରର, ଗଳି କ୍ଷେତ ସଫା କରି ତାକୁ ଆରାମ ଦେବା ପାଇଁ, ଏହିଭଳି ବିଭିନ୍ନ ଅବସ୍ଥାରେ ସେ ଦୁଃଖୀଟିଏ ଦେଖିଲେ ତା ଦୁଃଖର ଉପଷମ ପାଇଁ ତତ୍ପର ହୋଇ ଉଠୁଥିଲେ। ନିଜ ବାରଣ୍ଡାରେ ଥିବା ଫୁଲ କୁଣ୍ଡ ଗୁଡ଼ିକ ଜଳ ବିନା ଝାଉଁଳି ପଡ଼ିଥିଲେ, ସେ ସଙ୍ଗେ ସଙ୍ଗେ ନିଜେ ଜଳ ଦେଇ ସାରି ଦାୟିତ୍ୱରେ ଥିବା ସେବକ ଭକ୍ତ ମାନଙ୍କୁ ବଚାରିଲେ ଏହି କୁଣ୍ଡ ମାନଙ୍କରେ କେତେ ଦିନ ହେବ ପାଣି ଦିଆଯାଇନାହିଁ। ତିନି ଦିନ ହେବ ଦିଆହୋଇନାହିଁ ଜାଣିପାରି ସେ କାହାକୁ କିଛି ନକହି ଆତ୍ମଦଣ୍ଡ ସ୍ୱରୂପ ତିନି ଦିନ କାଷ୍ଠା ଉପବାସ ରହିଲେ। ଏହାକୁ ପାପର ପ୍ରାୟଶଚିତ ବୋଲି ବ୍ୟଥାତୁର ଭାବରେ ବ୍ୟକ୍ତ କଲେ। ଏହିଭଳି ଅସଂଖ୍ୟ ଉଦାହରଣରେ ତାଙ୍କ ଅତି ମାନବୀୟ ସେବାକୃତି ପୂର୍ଣ୍ଣ ଜୀବନଚର୍ଯ୍ୟା ଋଦ୍ଧିମନ୍ତ।

୧୯୪୮ରେ ଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜ ତାଙ୍କ ଆଶ୍ରମ ଋଷିକେଶରେ ଆରମ୍ଭ କରିଥିଲେ ଯୋଗ ବେଦାନ୍ତ ଆରଣ୍ୟକ ବିଶ୍ୱ ବିଦ୍ୟାଳୟ। ସ୍ୱାମୀ ଚିଦାନନ୍ଦଙ୍କୁ ସେ ସେହି ବିଦ୍ୟାଳୟର କୁଳପତି ଓ ରାଜଯୋଗର ପ୍ରାଚାର୍ଯ୍ୟ ଦାୟିତ୍ୱରେ



ଅବସ୍ଥାପିତ କରିଥିଲେ। ଗୁରୁଙ୍କ ଆଦେଶକୁ ଆଶୀର୍ବାଦ ରୂପ ଧାରଣ କରି ସେ ବିଶ୍ୱ ଭ୍ରମଣ କରିଥିଲେ। ଗୁରୁବାଣୀ ମାଧ୍ୟମରେ ଭାରତୀୟ ସଂସ୍କୃତି ଓ ଯୋଗ ବେଦାନ୍ତ ଆଜିର ପ୍ରଚାର ପ୍ରସାର କରି ସେ ପାଶ୍ଚାତ୍ୟ ଭକ୍ତ ମାନଙ୍କର ହୃଦୟ ଜିଣି ନେଇଥିଲେ। ମାର୍ଯ୍ୟାଦାର ଚରମ ପରାକାଷ୍ଠା ତାଙ୍କ ବ୍ୟବହାରରେ ପରିଦୃଷ୍ଟ ହେଉଥିଲା। ନମ୍ରତା ତାଙ୍କର ଭୂଷଣ ଥିଲା। ଭାରତ ବର୍ଷର ବଡ଼ ବଡ଼ ମହାତ୍ମାମାନେ ତାଙ୍କୁ ପ୍ରେମର ଅବତାର, ମର୍ଯ୍ୟାଦାବନ୍ତ ରାମ ଭଗବାନ ବୋଲି କହିବାକୁ ଭୁଲୁ ନଥିଲେ। ବିଶ୍ୱ ବନ୍ଦିତ ପରମହଂସ ପ୍ରଜ୍ଞାନନନ୍ଦଙ୍କ ଗୁରୁ ପରମହଂସ ହରିହରା ନନ୍ଦ ଥରେ ଶିଷ୍ୟ ପ୍ରଜ୍ଞାନାନନ୍ଦଙ୍କୁ କହିଥିଲେ ସାଧନ କ୍ଷେତ୍ରରେ ନମ୍ରତା ଶ୍ରେଷ୍ଠ ଅବଲମ୍ବନ। ଯଦି ଜୀବନରେ ନମ୍ରତା ଶିକ୍ଷା କରିବାର ଅଛି ତେବେ ସ୍ୱାମୀ ଚିଦାନନ୍ଦ ମହାରାଜଙ୍କୁ ଅନୁକରଣ କର। ସେ ଥିଲେ ଜଣେ ସୁଲେଖକ, ଉତ୍ତମ ବକ୍ତା, ସୁସଙ୍ଗଠକ, ସମାଜ ସଂସ୍କାରକ, ବହୁ ପୁସ୍ତକର ପ୍ରଣେତା। ତାଙ୍କ ନାମ ଶୁଣି ଲୋକମାନେ ପୃଥିବୀର କୋଣ ଅନୁକୋଣରୁ ଧାଇଁ ଆସୁଥିଲେ। ସ୍ୱାମୀଜୀ ଥିଲେ ଶ୍ରଦ୍ଧା, ପ୍ରେମ, ଜ୍ଞାନ, ଭକ୍ତି, ବୈରାଗ୍ୟର ଘନ ବିଗ୍ରହ। ୧୯୬୩ରେ ସ୍ୱାମୀ ଶିବାନନ୍ଦ ମହାସମାଧି ପ୍ରାପ୍ତ ହେଲେ। ସେବେଠାରୁ ଅଗଷ୍ଟ ୨୮ ତାରିଖ ୨୦୦୮ ପର୍ଯ୍ୟନ୍ତ ସେ ଦିବ୍ୟ ଜୀବନ ସଂଘର ସଭାପତି ରହି ମହାସମାଧି ପ୍ରାପ୍ତ ହୋଇଥିଲେ। ସ୍ୱାମୀଜୀଙ୍କ ମର ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା ହେଲେ ଗୁରୁ ଚିଦାନନ୍ଦ କୋଟି ପ୍ରାଣର ଦେବତା ହୋଇ ରହିଗଲେ। ତାଙ୍କର ଶୁଭ ଜନ୍ମ ଦିନରେ ସେହି ବିଶ୍ୱ ପ୍ରାଣ ମହା ମାନବଙ୍କୁ ବିନମ୍ର ପ୍ରଣତୀ।

+ମାଳତୀକୁଞ୍ଜ, ପ୍ଲଟନଂ ୫୨୬/ ଡି, ସେକ୍ଟର-୧୦, ସିଡିଏ, କଟକ,
ମୋ: ୮୭୬୩୧୦୭୧୨୬

# ମନରେ ରହିଛି ମହିଷାସୁର

## ଡାକ୍ତର ସମ୍ରାଟ କର



ଥରେ ଆମ ସାଙ୍ଗମାନେ ଭସାଣି ଉତ୍ସବ ଦେଖିବାକୁ ନଈକୂଳକୁ ଯାଇଥିଲୁ। ବୁଲୁ ବୁଲୁ ଟିକେ ଦହିବରା ଓ ଆଳୁଦମ ଖାଇବାକୁ ଇଛା ହେଲା। ସମସ୍ତେ ସାଙ୍ଗ ହୋଇ ଦହିବରା ଆଳୁଦମ ଖାଉଥିଲୁ। ପାଖରେ ଥିଲା ନଈପଠା, କେତେକ ଗଛ ଓ ଅନ୍ଧାରୁଆ ଜାଗା। ଦୂରରୁ ପାଟି ହୋ ହା ଶବ୍ଦ ଶୁଣାଗଲା। କଅଣ ହେଲା ବୁଝୁବୁଝୁ ଦଳେ ପିଲା ଗୋଟିଏ ଝିଅକୁ ସେଇ ପଠାକୁ ନେଇ ପାଶବିକ ଅତ୍ୟାଚାର କରୁଥିଲେ। ଝିଅଟିର ଚିତ୍କାର ଶୁଣି ସ୍ୱେଚ୍ଛାସେବୀମାନେ ତାକୁ ଉଦ୍ଧାର କଲେ। ଏକଥା ଶୁଣି ମୋ ମନ ଭାରି ଦୁଃଖ ହେଲା। ତା'ପରଦିନ ଆମେ ସବୁ ସାଙ୍ଗ ହୋଇ ଟିକେ ପାର୍କଆଡ଼େ ବୁଲି ଆସିଲେ ଭଲ ଲାଗିବ ଭାବି ସବୁ ସାଙ୍ଗମାନେ ପାର୍କରେ ବସିଗଲୁ। ସେଇଠି ଆମ ମାନଙ୍କ ଭିତରେ ଚର୍ଚ୍ଚା ହେଲା ସମାଜରେ ଘଟୁଥିବା ଏପରି ଅଘଟଣକୁ କିପରି ଦୂର କରାଯାଇପାରିବ। ବିଶେଷକରି ଏହି ଘଟଣାଟି ମୋ ମନରେ ଦୁଃଖ ଦେଇଥିବାରୁ ମୁଁ ଏ ବିଷୟରେ ଚିନ୍ତା କରୁଥିଲି। ଏହି ସମୟରେ ମୋର ପିଲାଦିନର ସାଙ୍ଗମାନେ ଏକାଠି ବସିଥିବାରୁ ସମସ୍ତେ ପିଲାଦିନର କଥା ବଖାଣି ଚାଲିଥିଲେ। କିପରି ଆମେ ନଈପଠାରେ ବୁଲି ବୁଲି କୋଳି ଖାଉଥିଲୁ, କିପରି ନାନା ପ୍ରକାର ଖେଳାଖେଳି ସମୟ କାଟୁଥିଲୁ। ସବୁ ଖୁସି ଗପରେ ମାତିଲୁ। କିନ୍ତୁ ମୋ ଚିନ୍ତାପୂର୍ଣ୍ଣ ମୁହଁକୁ ଚାହିଁ ମୋର ଜଣେ ସାଙ୍ଗ ଦେବିଦତ୍ତ ପଚାରିଲା ତୁ ତ ଜଣେ ମାନସିକ ରୋଗ ଚିକିତ୍ସକ, ତୁ ଏ ବିଷୟରେ ଏତେ ଚିନ୍ତା କରୁଛୁ କାହିଁକି ? ମୁଁ କହିଲା ନାହିଁ ଏବେ ଏଇ ଲୋକମାନଙ୍କ ମଧ୍ୟରେ ଯେଉଁ ପାଶବିକ ପ୍ରବୃତ୍ତି ଜାଗ୍ରତ ହେଉଛି, ଯାହା ଫଳରେ କି ମଣିଷ ଦେବତା ହେବା ବଦଳରେ ଆସୁରିକ ପ୍ରବୃତ୍ତି ଯୋଗୁଁ ଅସୁର ପାଲଟିଯାଉଛି ସେଇ କଥା ଭାବୁଥିଲି। ଦେଖୁନୁ... କେବେ ଗୋଟିଏ ଅସୁରର ପ୍ରାଦୁର୍ଭାବକୁ ଦେବତାମାନେ ସହି ନପାରି ମାଆ ଦୁର୍ଗତିନାଶିନୀ ଦୁର୍ଗାଙ୍କୁ ସ୍ତୁତି କଲେ ଓ ସବୁ ଦେବତାମାନେ ମା'ଦୁର୍ଗାଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇ ଗୋଟିଏ ମହିଷାସୁରକୁ ବଧ କଲେ। ତା'ଦ୍ୱାରା ଦେବଲୋକ ଓ ମର୍ତ୍ତ୍ୟଲୋକର ସମସ୍ତେ ଆନନ୍ଦରେ ରହିଲେ। ମାତ୍ର ଆଜି ଯେଉଁ ଲକ୍ଷ ଲକ୍ଷ ମହିଷାସୁର ଜନ୍ମ ନେଲେଣି, ଏଇ ମାନବ ସମାଜ କେମିତି ବା ଶାନ୍ତିରେ ରହିବେ ? ଆଜି କାହାର ମାଆ ଉପରେ କିଏ ଅତ୍ୟାଚାର କରୁଛି ତ ଆଉ କାହାର ଝିଅ ଉପରେ ଅତ୍ୟାଚାର ହେଉଛି।

ଏହି କଥା ସବୁ ଶୁଣିବା ପରେ ମୋର ଆଉ ଜଣେ ସାଙ୍ଗ ତୁଷାର ମୋ କାନ୍ଧ ଉପରେ ହାତରଖି ପଚାରିଲା ତୁ କହୁନୁ ଏହା କଅଣ ପାଇଁ ହେଉଛି ? ମୁଁ ତ ଦେଖୁଛି ଅନେକ ଭଲ ଭଲ ଘରର ପିଲା ବି ପରିସ୍ଥିତିରେ ପଡ଼ି ଦୋଷୀ ପାଲଟି ଯାଉଛନ୍ତି। ମୁଁ ଗୋଟିଏ ଦୀର୍ଘ ନିଃଶ୍ୱାସ ନେଇ କହିଲି ଏମିତି ଅନେକ ପ୍ରକାର ମାନସିକ ରୋଗ ଅଛି ଯେଉଁଥିରେ କି ମନୁଷ୍ୟ ଅନେକ ପ୍ରକାର ଭୁଲ କରିଥାଏ। ଏଇ ଦେଖୁନୁ ଅନେକ ଲୋକ ଅଛନ୍ତି ଯେଉଁମାନେ କି ନିଶା ଦ୍ରବ୍ୟ ଖାଇ ନିଜ ମନର ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତି। ସେମାନେ ସାମୟିକ ସୁଖ ପାଇବା ପାଇଁ ନିାର ଆଶ୍ରୟ ନେଇଥାନ୍ତି। ମାତ୍ର ସମୟକ୍ରମେ ଏହାର ପରିମାଣ ବଢ଼ିଥାଏ, କାରଣ ପ୍ରଥମେ ଅଳ୍ପ ନିଶାରେ ଯେତିକି ଆନନ୍ଦ ପାଆନ୍ତି ପରେ ତାହାର ପରିମାଣ ନ ବଢ଼ିଲେ ସେ ସେତିକି ଆନନ୍ଦ ପାଆନ୍ତି ନାହିଁ। ତେଣୁ ଦିନକୁ ଦିନ ଲୋକଟି ଅତ୍ୟଧିକ ନିଶାସେବନ କରିଥାଏ। ଏହି ନିଶା ଯୋଗୁଁ ଲୋକଟି ମାନସିକ ଭାରସାମ୍ୟ ହରାଇ ବସେ। କେତେବେଳେ ଅତ୍ୟଧିକ ନିଶା ଯୋଗୁଁ ସମାଜରେ ନାନା ପ୍ରକାର କ୍ଷତି ଘଟାଇଥାଏ। ଯେମିତିକି ବଳାତ୍କାର, ଚୋରି, ମାରପିଟ ଇତ୍ୟାଦି। କ୍ରମଶଃ ତାହାର ଏହି ଦୁର୍ଗୁଣଗୁଡ଼ିକ ମନ ଭିତରେ ବସାବାନ୍ଧି ରହିଯାଏ ଓ ତାହା କୁ-ଅଭ୍ୟାସରେ ପରିଣତ ହୋଇଯାଏ। ଆଉ କେତେକ ମାନସିକ ରୋଗ ଅଛି ଯାହା ସିଜୋଫ୍ରେନିଆ ଭଳି ରୋଗରେ ଲୋକଟି ମଧ୍ୟ ସମାଜରେ ନାନା କ୍ଷତି ଘଟାଇଥାଏ। ଏ ରୋଗରେ ମନୁଷ୍ୟ ମନରେ ନାନା ପ୍ରକାର ସନ୍ଦେହ ଉପୁଜିଥାଏ। ଜଣେ ଅନ୍ୟ ଜଣଙ୍କୁ ସନ୍ଦେହ କରିଥାଏ। ରୋଗୀଟି ଭାବେ ତାକୁ କିଏ ଖାଦ୍ୟରେ ବିଷ ମିଶାଇ ମାରିଦେବାକୁ ଚେଷ୍ଟା କରୁଛି ବା କେବେ କେବେ ଗୁଣି-ଗାରେଡ଼ି କରି ତାକୁ ମାରିବାକୁ ଚେଷ୍ଟା କରୁଛି। ଅନେକ ସମୟରେ ତାକୁ ଶୂନ୍ୟରୁ କେହି କିଛି ନିର୍ଦ୍ଦେଶ ଦେବାପରି ଜଣାଯାଏ। ସେ ସେହି ନିର୍ଦ୍ଦେଶକୁ ମାନି କାମ କରେ। ଫଳରେ ଅନେକ ଭୁଲ କାମ ତା ମୁଣ୍ଡରେ ପଶିଯାଏ ଓ ସେହି ଭୁଲ ନିର୍ଦ୍ଦେଶକୁ ମାନି କାମ କରିଥାଏ। ଯେପରିକି ନିଜ ସ୍ତ୍ରୀକୁ ସନ୍ଦେହ କରି ଅନେକ ସମୟରେ ନିଜ ସ୍ତ୍ରୀ ଓ ନିଜ ପିଲାଙ୍କୁ ହତ୍ୟା କରିଥାଏ। ଏସବୁ କଥା ଶୁଣି ମୋର ଆଉ ଜଣେ ସାଙ୍ଗ ସୁବାସ ପଚାରିଲା ଆଉ କଅଣ ସବୁ ରୋଗ ଅଛି, ଯାହାଦ୍ୱାରା କି ମନୁଷ୍ୟର ପ୍ରକୃତି ବଦଳିଯାଏ। ମୁଁ କହିଲି କେତେକ ଯୌନ ସମସ୍ୟା ଅଛି, ଯାହାଦ୍ୱାରା କି ମନୁଷ୍ୟ ପଶୁ ପାଲଟିଯାଏ। ଏପରି ରୋଗରେ ଜଣେ ତାର ସହପାଠୀ ବା ଛୋଟ ଛୋଟ ପିଲାଙ୍କ ସହିତ ଯୌନ ସଂପର୍କ ଜୋର ଜବରଦସ୍ତ କରିଥାଏ। ଏସବୁ ଆସୁରିକ ପ୍ରବୃତ୍ତି ନୁହେଁ ତ ଆଉ କଅଣ ? ଏହି ସମୟରେ ମୋର ଆଉ ଜଣେ ସାଙ୍ଗ ପ୍ରକାଶ ପଚାରିଲା, ଏତିକି ନା ଆଉ କିଛି ବାକି ଅଛି ? ମୁଁ କହିଲି ନାଇଁ ତୁ ଧୈର୍ଯ୍ୟ ଧର, ମୁଁ କହୁଛି। ମୁଁ କହିଲି ଅନେକ ସମୟରେ ଦେଖାଯାଏ କେତେକ ଲୋକ ପରିବେଶ ଓ ପରିସ୍ଥିତିରେ ପଡ଼ି ନିଜର ବ୍ୟକ୍ତିତ୍ୱ ବଦଳାଇଥାଆନ୍ତି। ଯାହାକି ବାସ୍ତବ ଜୀବନରେ କ୍ଷତି ଘଟାଇଥାଏ। କେତେକ ଲୋକଙ୍କ ଠାରେ ନାନା ପ୍ରକାର ବ୍ୟକ୍ତିତ୍ୱ ଦେଖାଯାଏ ଯଥା ସନ୍ଦେହପ୍ରବଣ, ଅହଂକାରୀ ଓ ସମାଜବିରୋଧୀ। ଅନେକ ସମୟରେ ଏପରି ଗୁଣସବୁ ବିରୋଧାଭାସ ସୃଷ୍ଟି କରି ସମାଜର କ୍ଷତିକାରକ ହୋଇଥାଏ। ଏହିସବୁ ଆଲୋଚନା ପରେ ଆମେ ସବୁ ବସିଥିବା ଚେୟାରରୁ ଉଠିଲୁ। ଅନେକ ବେଳ ହୋଇଯାଇଥିଲା। ଘରକୁ ଯିବା ପାଇଁ ଘଣ୍ଟାକୁ ଚାହିଁଲୁ। ଏପରି ଆଲୋଚନା ପରେ ମୋ ମନଟି ଟିକେ ହାଲ୍‌କା ଲାଗିଲା। ଏହି ସମୟରେ ମୋର ଆଉ ଜଣେ ସାଙ୍ଗ ହେମନ୍ତ କହିଲା ସବୁ ସମସ୍ୟା ତ କହିଲୁ କିନ୍ତୁ ଏହି ସମସ୍ୟାଗୁଡ଼ିକର କାରଣ ତ କିଛି କହିଲୁ ନାହିଁ ? ମୁଁ କହିଲି ତୁ ତ ସମସ୍ୟାଗୁଡ଼ିକୁ ଶୁଣି ଶୁଣି ବ୍ୟସ୍ତ ହୋଇଯିବୁଣି। ଏହାର କାରଣ ଆଉ ଦିନେ କହିଲେ କେମିତି ହୁଅନ୍ତା ? ସେ କିନ୍ତୁ କହିଲା ନା ନା, କାରଣ ଗୁଡ଼ିକ ନ ଶୁଣିଲେ ମୋତେ ରାତିରେ ନିଦ ହେବନାହିଁ।

ମୁଁ କହିଲି ପରିବାର, ପରିବେଶ, ପରିସ୍ଥିତିର ଅଚାନକ ଓ ଅପ୍ରତ୍ୟାଶିତ ପରିବର୍ତ୍ତନ ହେଲେ ମନୁଷ୍ୟ ତାର ମାନସିକ ଭାରସାମ୍ୟ ରକ୍ଷା କରି ପରିସ୍ଥିତି ସହ ନିଜକୁ ଖାପ ଖୁଆଇପାରେ ନାହିଁ। ତେଣୁ ସେ ମାନସିକ ଭାରସାମ୍ୟ ହରାଇଥାଏ। ନା ନା କାରଣରୁ ଯେପରି ଶାରୀରିକ ରୋଗ ହୋଇଥାଏ ସେହିପରି ନା ନା ପ୍ରକାରର କାରଣରୁ ମାନସିକ ରୋଗ ହୋଇଥାଏ। ଏହାର ଭୂତ, ପ୍ରେତ, ପୂର୍ବଜନ୍ମର ଅଭିଶାପ ସଙ୍ଗେ କୌଣସି ସମ୍ପର୍କ ନଥାଏ। ମସ୍ତିଷ୍କରେ କେତେକ ସ୍ନାୟବିକ ରସ କ୍ଷରଣର ବୈଷମ୍ୟ ଯୋଗୁଁ ହୋଇଥାଏ। ମାନସିକ ରୋଗ ବିଷୟରେ ଜାଣିବାକୁ ହେଲେ ପ୍ରଥମେ ମସ୍ତିଷ୍କ ଉପରେ କିଛି ଜାଣିବା ଦରକାର। ମସ୍ତିଷ୍କର ଲିମ୍ବିକ୍ ସିଷ୍ଟମ ଜ୍ଞାନଶକ୍ତି, ବୁଦ୍ଧି ଓ ବିଚାରଶକ୍ତି ପରିଚାଳିତ କରିଥାଏ। ଏହା ଏକ ନିର୍ଦ୍ଦିଷ୍ଟ ପରିମାଣର ଜୈବ ତରଳ ପଦାର୍ଥ ନିର୍ଗତ ହେବାର କାର୍ଯ୍ୟ କରେ। ଯଦି କୌଣସି ରାସାୟନିକ ପ୍ରକ୍ରିୟା ଯୋଗୁଁ ଲିମ୍ବିକ୍ ସିଷ୍ଟମରେ ନିର୍ଗତ ହେଉଥିବା ଜୈବ ତରଳ ପଦାର୍ଥ ସଞ୍ଚାଳନର ପରିମାଣରେ ପରିବର୍ତ୍ତନ ହୁଏ, ତାହାଲେ ମାନସିକ ରୋଗ ସୃଷ୍ଟି ହୋଇଥାଏ। ଏହି ରାସାୟନିକ ପ୍ରକ୍ରିୟା ବଂଶଗତ କାରଣ ଯୋଗୁଁ ହୋଇପାରେ, ସାମାଜିକ ଓ ମାନସିକ ଦୁର୍ବଳତାରୁ ହୋଇପାରେ କିମ୍ବା କୌଣସି କାରଣ ନଥାଇ ମଧ୍ୟ ହେବାର ସମ୍ଭାବନା ଅଛି। ସେତେବେଳେ ସିନା ଦେବତାମାନେ ଦୁର୍ଗାଙ୍କୁ ସ୍ତୁତି କରିଥିଲେ ଯେ ଦୁର୍ଗା ଆବିର୍ଭାବ ହୋଇ ମହିଷାସୁରକୁ ବଧ କଲେ। ଏବେ ତ ଆଉ ଆମେମାନେ ଦୁର୍ଗାଙ୍କୁ ଡାକି ପାରିବୁନି। ଦୁର୍ଗା ନିଜେ ଆସି ଏହିସବୁ ଆସୁରିକ ପ୍ରବୃତ୍ତିର ଲୋକମାନଙ୍କୁ ମାରିପାରିବେନି। ଏଇ ଲୋକମାନଙ୍କ ମନରୁ ଆସୁରିକ ପ୍ରବୃତ୍ତିକୁ ବାହାର କରିବାର କଅଣ କିଛି ଉପାୟ ନାହିଁ ? ମୁଁ କହିଲି ଏହା ସମ୍ଭବ, କିନ୍ତୁ ଲୋକମାନେ ମାନସିକ ରୋଗ ଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ। ସମାଜ ଓ ପରିବାର ଦାୟିତ୍ୱବାନ ହୋଇ ରୋଗୀଟିକୁ ସାହାଯ୍ୟ, ସହାନୁଭୂତି ଓ ଉତ୍ସାହ ଦେଲେ ଏହାର ପରିମାଣ କମିଯାଇପାରିବ।

+ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

## କବିତା କୋଣାର୍କ

### ଶାରଦୀୟ ନବରାତ୍ରି...

#### ମନୋଜ କୁମାର ବେହେରା



ନବରାତ୍ରିର ଶୁଭ୍ର ଆଭାରେ
ଦେବୀର କୃପା ବର୍ଷେଇ ଥାନ୍ତି,
ନଅଦିନ ପର୍ଯ୍ୟନ୍ତ ଗରବା ନୃତ୍ୟ କରନ୍ତି
ଭକ୍ତର ଶ୍ରଦ୍ଧାକୁ ଜଣେଇ ଥାନ୍ତି ।
ମା' ଶୈଳପୁତ୍ରୀର କୃପାରୁ
ପବିତ୍ରତା ଆଉ ଶାନ୍ତି ମିଳିଥାଏ,
ମା' ବ୍ରହ୍ମଚାରିଣୀର ଶକ୍ତିରୁ
ଜୀବନରେ ସାହସ ଆଉ ବଳ
ମିଳିଥାଏ ।
ମା' ଚନ୍ଦ୍ରଘଣ୍ଟାର ଘଣ୍ଟ ଧ୍ୱନି
ଅସୁରଙ୍କର ନାଶ କରିଥାଏ,
ମା' କୁଷ୍ମାଣ୍ଡର କୃପାରୁ
ଜୀବନରେ ସୁଖ ଆଉ ସମୃଦ୍ଧି ଆସିଥାଏ ।
ମା' ସ୍କନ୍ଦମାତାର ମମତାରୁ
ଭକ୍ତଙ୍କୁ ଶାନ୍ତି ଆଉ ସୁଖ ମିଳିଥାଏ,
ମା' କାତାୟାନୀଙ୍କ କୃପାରୁ
ଜୀବନରେ ସଫଳତା
ଆଉ ଯଶ ମିଳିଥାଏ ।
ମା' କାଳରାତ୍ରୀ ଶକ୍ତିରୁ
ଅହଂକାର ଆଉ ଭୟ ଦୂର
ହୋଇଥାଏ,
ମା' ମହାଗୌରୀଙ୍କ ଶୁଦ୍ଧତାରୁ
ଜୀବନରେ ପବିତ୍ରତା ଆଉ ଶାନ୍ତି
ଆସିଥାଏ ।
ମା' ସିଦ୍ଧିଦାତ୍ରୀଙ୍କ କୃପାରୁ
ଭକ୍ତଙ୍କୁ ସିଦ୍ଧି ଆଉ ସଫଳତା
ମିଳିଥାଏ,
ନବରାତ୍ରିର ପାବନ ପର୍ବରେ
ଦେବୀଙ୍କ କୃପାରୁ ଜୀବନ ସୁନ୍ଦର
ଦିଶିଥାଏ ।

ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),
ଭୁବନେଶ୍ୱର-୨୨
ମୋ:୭୯୭୮୮୩୦୬୧୧

### ନାରୀ ନିରୁପମା

#### ପ୍ରଶାନ୍ତ କୁମାର ଦାଶ



ଆଖିର ଲୁହକୁ ଦୁହେଁ ବାଣ୍ଟିନ୍ୱୋ
ଆମେତ ଖୋଜିବା ହସ
ସପନରେ ଦୁହେଁ ହେ୍ୱା ଝଲମଲ
ପ୍ରୀତିରେ ହୋଇବା ବଶ ।।
ଖୋଜେ ଏ ହୃଦୟ ତୁମ ତନୁ ମନ
ମରମ ସାଇତା ପ୍ରେମ
ପ୍ରେମତ ରାତିର ଗୋଲାପ ବାସନା
ଦୁନିଆ ସରଗଧାମ ।।
ନିଜକୁ ହଜାଇ ଦେଖୁଚି ସପନ
ଅମାପ ସୁହାଗ ଧରି
କରିଚି ପ୍ରତୀକ୍ଷା କାଟିବି ଜୀବନ
ତୁମକୁ ନିଜର କରି ।।
ତମେତ ଶ୍ରାବଣ ରାତିର ବରଷା
ଫୁଲାଇବ ନଈଛାତି
ଦରଦୀ ଓଠର ସଜହସ ଫୁଲ
କି ସୁନ୍ଦର ସତେ ସାଥୀ ।।
ତୁମ ପଣତକୁ ମଥାରେ ଘୋଡାଇ
ଗାଇଯାଅ ମିଠାଗୀତ
ତମ ଗୀତ ଶୁଣି ଦେବନାହିଁ ଥଣ୍ଡା
ଶୀତଳ ପରଶ ଶୀତ ।।
ଆସିବ ଯେବେ ଗୋ ନାରୀ ନିରୂପମା
ସାଜି ମୋ ମନର ରାଣୀ
ନଥିବ ଶ୍ରାବଣ ରାତି ହସୁଥିବ
ଖସିବ ବରଷା ପାଣି ।।

କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ:୯୬୬୮୮୨୨୧୯୦







ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୮୧



## ଡ. ସିନ୍ଧୁ ସେନ୍

ତାଙ୍କ ମାୟା ଆଗରେ ଆମ ରାକ୍ଷସ ମାନଙ୍କର ମାୟା କିଛି ନୁହେଁ । ଏମିତି ଅନେକ ଚିନ୍ତାରେ ମୁଁ ବିବ୍ରତ ଥିବାବେଳେ ସେନାପତି ମୋ ସମ୍ମୁଖରେ ଉପସ୍ଥିତ ହୋଇ କହିଲା, ପ୍ରଭୋ ଆପଣ କ'ଣ ଭାବୁଛନ୍ତି, କ'ଣ ଯୁଦ୍ଧର କଥା ?

ହଁ ରାମଙ୍କ ଚିନ୍ତା ମୋତେ ଘାରିଛି । ବ୍ୟସ୍ତ ଲାଗୁଛି ସେସବୁ କଥା ଭାବି । ତୁମେ କ'ଣ ଭାବୁଛ ସେନାପତି, ସେ କ'ଣ ସତରେ ବିଷ୍ଣୁଙ୍କ ଅବତାର ?

ମହାରାଜ ଆପଣଙ୍କ ସହ ମୁଁ ବି ଏକମତ । ସିଏ ଯିଏ ବି ହୁଅନ୍ତୁ ନା କାହିଁକି, ଆମ ସମସ୍ତଙ୍କର ଶତ୍ରୁ । ଆପଣଙ୍କର ଖାଲି ଏକାକୀ ସେ ଶତ୍ରୁ ନୁହଁନ୍ତି ଆମ ସମସ୍ତ ରାକ୍ଷସ କୁଳର ସେ ଶତ୍ରୁ । ତେବେ ଜାଣନ୍ତି ରାମ କୁଆଡ଼େ ଅନେକ ଅଲୌକିକ ଶକ୍ତିର ଅଧିକାରୀ । ନହେଲେ ନାଗଫାଶ ବନ୍ଧନରେ ଥିବା ସମୟରେ ସେ ଯେମିତି ଗରୁଡ଼ ଦେବଙ୍କୁ ଡାକିଲେ ଆଉ ଗରୁଡ଼ ତାଙ୍କୁ ପ୍ରଣାମ କଲେ, ପୁଣି ନାଗଫାଶ ବନ୍ଧନରୁ ସହଜରେ ମୁକ୍ତ ହୋଇଗଲେ, ତହିଁରୁ ରାମଙ୍କର ଶକ୍ତି କେତେ ତାହା ବେଶ୍ ଜଣାପଡ଼େ । ସତ କହିବାକୁ ଗଲେ ରାମ କେବଳ ଜଣେ ଶକ୍ତିମାନ ପୁରୁଷ ନୁହଁନ୍ତି, ମାୟାବୀ ମଧ୍ୟ । ତେଣୁ ତାଙ୍କ ମାୟାକୁ ଅତିକ୍ରମ କରି ଆମକୁ ଆଗେଇବାକୁ ପଡ଼ିବ ।

ମହାରାଜ, ହୋଇପାରନ୍ତି ସେ ବିଷ୍ଣୁଙ୍କ ଅବତାର । ତଥାପି, ବିଷ୍ଣୁ ତ ଆମ ରାକ୍ଷସକୁଳର ଆଜନ୍ମ ଶତ୍ରୁ । ତାଙ୍କରି ପାଇଁ ଆପଣଙ୍କ ମାତାମହ ରାଜ୍ୟହରା ହୋଇଥିଲେ । ଲଙ୍କାକୁ ହରାଇ ବିଭିନ୍ନ ସ୍ଥାନରେ ଘୂରି ବୁଲୁଥିଲେ । ତେଣୁ ଆମକୁ ଆଜି ସୁଯୋଗ ମିଳିଛି । ଆମେ ଶତ୍ରୁ ପକ୍ଷରୁ ପ୍ରତିଶୋଧ ନେବା । ସେମାନଙ୍କ ବିରୋଧରେ ଲଢ଼ିବା । ସେମାନଙ୍କୁ ଦେଖାଇଦେବା, ଆମ ରାକ୍ଷସ ମାନେ ମଧ୍ୟ ଦୁର୍ବଳ ନୁହଁନ୍ତି, ଭୀରୁ ନୁହଁନ୍ତି । ଆମ ରାକ୍ଷସବୀର ମାନଙ୍କ ଧମନୀରେ ମଧ୍ୟ ବୀରରକ୍ତ ପ୍ରବାହିତ ।

ଆମ ସେନାବାହିନୀର ବୀର ଧୂମ୍ରାକ୍ଷ ମୋ ଆଗରେ ନିଜର କ୍ରୋଧ ବ୍ୟକ୍ତ କରି ରାମଙ୍କ ବିରୁଦ୍ଧରେ ଅନେକ କିଛି କହିଗଲା । ମୁଁ ଧୈର୍ଯ୍ୟର ସହ ଧୂମ୍ରାକ୍ଷଙ୍କ କଥା ଶୁଣୁଥିଲି । ମନେ ପଡ଼ି ଯାଉଥିଲା ଅତୀତରେ ମାତାମହଙ୍କ ଠାରୁ ଶୁଣିଥିବା କାହାଣୀ ଗୁଡ଼ିକ । କେତେ କଷ୍ଟରେ, ଦୀନହୀନ ଭାବେ ସେ ଜୀବନଯାପନ କରୁଥିଲେ । କେବଳ ବିଷ୍ଣୁଙ୍କ ପାଇଁ ତ ତାଙ୍କର ଏମିତି ଦୁର୍ଦ୍ଦଶା । ଆଜି ମାତାମହ ସିନା ନାହାଁନ୍ତି, କିନ୍ତୁ ତାଙ୍କ ସହ ଘଟିଥିବା ଘଟଣା ଗୁଡ଼ିକର ସ୍ମୃତି ଏବେବି ମୋ ମନତଳେ ସାଇତା ହୋଇ ରହିଛି । ଏସବୁ ଭାବି ରକ୍ତ ମୋର ତାତି ଉଠୁଥିଲା । ତେବେ ରାମ ଯଦି ବିଷ୍ଣୁଙ୍କ ଅବତାର ହୋଇଥାନ୍ତି, ଏବେ ତ ମୋର ତାଙ୍କ ପାଖରୁ ପ୍ରତିଶୋଧ ନେବାର ସମୟ ଆସିଛି । ଏହାହିଁ ତ ମୋ ପାଇଁ ସୁବର୍ଣ୍ଣ ସୁଯୋଗ । ଆଉ ଏ ସୁଯୋଗକୁ ହାତଛଡ଼ା କରିବା ଆଦୌ ଉଚିତ ନୁହେଁ । ବରଂ ଜଗତ ଜାଣିବ, ଆମେ ଯାହା କିଛି କରୁଛୁ ସବୁ ଠିକ୍ କରୁଛୁ । ଆମ ରାକ୍ଷସକୁଳ ମଧ୍ୟ ମୋ ସହ ରହି ଲଢ଼ିବେ । ସମସ୍ତେ ମିଶି ଆମେ ପୂର୍ବ ଶତ୍ରୁତାର ପ୍ରତିଶୋଧ ନେବୁ ।

ନିଜ ମନକୁ ଦୃଢ଼ କରିନେଲି । ଧୂମ୍ରାକ୍ଷର ମନୋବଳ ବଢ଼ାଇବାକୁ ଯାଇ କହିଲି, ଧୂମ୍ରାକ୍ଷ ତୁମେ ଏବେ ରାମଙ୍କ ସହ ଲଢ଼ିବା ପାଇଁ ପ୍ରସ୍ତୁତ ହୋଇଯାଅ । ରାମ ବିଷ୍ଣୁଙ୍କ ଅବତାର ହେଲେ ବି, ସେ ତ ଆମର ଶତ୍ରୁ ନା, ତେଣୁ ଶତ୍ରୁ ସହ ଲଢ଼ିବା ଆମର ଧର୍ମ, କର୍ତ୍ତବ୍ୟ । ଏହାହିଁ ଆମ ପାଇଁ ପ୍ରତିଶୋଧ ନେବାର ସୁଯୋଗ । ଆମେ ସମସ୍ତେ ମିଶି ଆମ ଶତ୍ରୁକୁ ନିପାତ କରିବା । ଆମ ଭିତରେ ଜଳୁଥିବା ପ୍ରତିଶୋଧର ନିଆଁକୁ ପ୍ରଶମିତ କରିବା ।

ବୀରଦର୍ପରେ ମୋ ନିକଟରୁ ଧୂମ୍ରାକ୍ଷ ଚାଲିଗଲା । ଯୁଦ୍ଧର ବିଜୟ ସମ୍ବାଦର ବାର୍ତ୍ତା ଦେବାର ଆଶ୍ୱାସନା ଦେଇ ଯୁଦ୍ଧ ପାଇଁ ନିଜକୁ ପ୍ରସ୍ତୁତ କରିବାରେ ଲାଗିପଡ଼ିଲା । ମୋ ମନରେ ତଥାପି ସଂଶୟ କମି ନଥିଲା । ମନେମନେ ମୁଁ ଆମ କୁଳଦେବୀଙ୍କୁ ସ୍ମରଣ କଲି । ଦେବଦେବ ମହାଦେବଙ୍କ ଆଶୀର୍ବାଦ କାମନା କଲି । ରାକ୍ଷସ ସେନା ମାନଙ୍କୁ ଆଜିର ଯୁଦ୍ଧୟରେ ବିଜୟୀ ହେବାର ଶୁଭକାମନା କରି ଯୋଡ଼ହସ୍ତରେ ପ୍ରାର୍ଥନା କଲି । ଯୁଦ୍ଧର ସବିଶେଷ ଖବର ଜାଣିବା ପାଇଁ ଅପେକ୍ଷା କଲି ।

ମୋ ପ୍ରତୀକ୍ଷାର ଅନ୍ତଘଟାଇ ଯୁଦ୍ଧର ସମ୍ବାଦ ଠିକ୍ ସମୟରେ ପହଞ୍ଚିଲା ସତ, ହେଲେ ତାହା ମୋ ପାଇଁ ଆଦୌ ଉତ୍ସାହ ଜନକ ନଥିଲା । ଯୁଦ୍ଧରେ ଉଭୟ ପକ୍ଷର ବିପୁଳ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ବେଶିମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲେ ଆମ ରାକ୍ଷସସେନା । ବିଶେଷ ମର୍ମାହତ ହେଲି, ଯେବେ ଜାଣିବାକୁ ପାଇଲି, ହନୁମାନଙ୍କ ହାତରେ ଧୂମ୍ରାକ୍ଷଙ୍କର ବୀରଗତି ହୋଇଛି । ହାୟରେ ଦୁର୍ଭାଗ୍ୟ, ଯୁଦ୍ଧକୁ ଯିବା ପୂର୍ବରୁ ଯିଏ ଏତେ ବଡ଼ବଡ଼ କଥା କହି ବାହାସ୍ଫୋଟ ମାରୁଥିଲା । ତାର ପୁଣି ଏତେ ସହଜରେ ବୀରଗତି ହୋଇଗଲା । ଏହାଠାରୁ ବଳି ଆଉ ବଡ଼ ଦୁଃଖଦ ଖବର ଆଉ କ'ଣ ଥାଇପାରେ । ଆମ ରାକ୍ଷସ ସେନାର ପରାଜୟର ଗ୍ଲାନିରେ ମୁଁ ମର୍ମାହତ । ମୋ ମନର ସାହସ ଆସିବା ତ ଦୂରର କଥା ବରଂ ମୁଁ ଅଧିକ ଭୟଭୀତ ହୋଇ ପଡ଼ିଥିଲି । ଭାବୁଥିଲି ମୋର ସବୁ ଆଶା ଭରସା କ'ଣ ସତରେ ବ୍ୟର୍ଥ ହୋଇଯିବ । ରାମଙ୍କ ପାଇଁ ମୋ ମନରେ ଭୟ କ୍ରମଶଃ ଅଧିକ ହେଉଥିଲା । ମୁଁ ଏବେ କ'ଣ କରିବି, ବ୍ରହ୍ମା, ଶିବଙ୍କ ବଳରେ ବଳୀୟାନ୍ ହୋଇବି ଦୁଇଭାଇଙ୍କ ପାଖରେ ଶେଷରେ ପରାଜୟ ବରଣ କରିବାକୁ ପଡ଼ିବ । ଭାବିପାରୁ ନଥିଲି ଏ ବାନରଜାତି ଏତେ ଶକ୍ତିଶାଳୀ ହେଲେ କେମିତି ? ଅରଣ୍ୟରୁ ଅଧିବାସୀ ଏମାନେ, ନା ସେମାନଙ୍କ ପାଖରେ କୌଣସି ଉନ୍ନତ ଅସ୍ତ୍ରଶସ୍ତ୍ର ରହିଛି ଅଥବା ଅସ୍ତ୍ର ଚଳାଇବାର ଜ୍ଞାନ କୌଶଳ ଅଛି । ବୃକ୍ଷଶାଖାରେ ଡେଇଁବୁଲିବା ଆଉ ନଖଦାନ୍ତରେ ଆତ୍ମରକ୍ଷାର କୌଶଳ ଛଡ଼ା ସେମାନଙ୍କୁ ଅଧିକ କ'ଣ ବା ଜଣା । ସେଥିରେ ପୁଣି ସେମାନେ ରାକ୍ଷସମାନଙ୍କ ଉପରେ ବିଜୟଲାଭ କରି ପାରୁଛନ୍ତି । ଏହା କେମିତି ସମ୍ଭବ ହୋଇପାରୁଛି । ଭାବୁଥିଲି, ବାନର ମାନଙ୍କର ଏଇ ଶକ୍ତିପଛରେ ଆଉ ସ୍ୱୟଂ ରାମଙ୍କର ଦିବ୍ୟଶକ୍ତିର ପ୍ରଭାବ ନାହିଁ ତ ? ଏମିତି ବି ହୋଇପାରେ । ବାନରମାନେ ଯେତେବେଳେ ତାଙ୍କ ପକ୍ଷ ନେଇ ଯୁଦ୍ଧକୁ ଓହ୍ଲାଇଛନ୍ତି । ରାମ ସ୍ୱୟଂ ସେମାନଙ୍କୁ ଶକ୍ତିପ୍ରଦାନ କରି ଆଶୀର୍ବାଦ ଦେଇଛନ୍ତି । ଯାହା ବି ହେଉନା କାହିଁକି ଆମ ରାକ୍ଷସବାହିନୀର ପରାଜୟ ମୋ ପାଇଁ ତ ଦୁର୍ଭାଗ୍ୟ । ଭାଗ୍ୟର ବିଡ଼ମ୍ବା ମୁଁ ମୋ ରାକ୍ଷସକୁଳକୁ ବିଜୟର ସ୍ୱାଦୁ ଚଖାଇ ପାରୁନି ।

ମୁଁ ନିଜେ କ୍ରମଶଃ ଦୁର୍ବଳ ହୋଇ ପଡୁଥିଲି । ମୋ ମନରୁ ଧୈର୍ଯ୍ୟ ଓ ସାହସ ଭାଂଗି ପଡୁଥିଲା । ଭାବୁଥିଲି, ମୁଁ କ'ଣ ପୂର୍ବର ସେଇ ଶକ୍ତିଶାଳୀ ରାବଣ ନୁହେଁ । ତେବେ କୁଆଡ଼େ ଗଲା ମୋର ରାବଣତ୍ୱ । ନିଜ ହାତପାପୁଲିକୁ ବାରମ୍ବାର ଆଘ୍ରାଣ କରୁଥିଲି ।

ନା ନା ମୋ ପାପୁଲିରୁ ତ ପଦ୍ମଗନ୍ଧ ଏବେବି ଅକ୍ଷୁଣ୍ଣ ରହିଛି । ଯେଉଁ ପଦ୍ମଗନ୍ଧ ମୋର ଅତୀତରେ ଥିଲା, ଆଜି ବି ରହିଛି । ସବୁ ଠିକ୍ ଅଛି, ତଥାପି ମୁଁ କ'ଣ ପାଇଁ ଶକ୍ତିହୀନ ହୋଇ ପଡୁଛି । ସେଦିନ ମୋ ଭବିଷ୍ୟକୁ ନେଇ ଜ୍ୟୋତିଷ ଯାହା ସବୁ କହିଥିଲେ, ସବୁ କ'ଣ ବିଫଳ ହୋଇଯିବ । ମୁଁ କ'ଣ ରାଜଚକ୍ରବର୍ତ୍ତୀ ହୋଇ ରହିପାରିବିନି ।

ନାନା ମାନସିକ ଅସ୍ଥିରତା ମଧ୍ୟରେ ମୁଁ ବ୍ୟତିବ୍ୟସ୍ତ ହୋଇ ପଡୁଥିଲି । କ'ଣ କରିବି ସେଇ ଚିନ୍ତା ମୋତେ ଆବୋରି ବସିଥିଲା । ସେଦିନ ରାଜସଭାରୁ ମୋ ଶୟନକକ୍ଷକୁ ଫେରିଆସିଲି ସିନା, ହେଲେ ବିଭିନ୍ନ ଚିନ୍ତାରେ ମୋର ମତିଭ୍ରମ ହେଉଥିଲା । ମୋତେ ଯେମିତି ଲାଗୁଥିଲା, ଆମ ରାକ୍ଷସ ବାହିନୀ ଧୀରେଧୀରେ ଲୋପ ପାଇଯିବ । ଏ ଯୁଦ୍ଧରେ ରାକ୍ଷସକୁଳ ବୀରଗତି ପ୍ରାପ୍ତ ହୋଇଯିବେ । ଲଙ୍କା ରାକ୍ଷସଶୂନ୍ୟ ହୋଇଯିବ । ସବୁଠି, ସବୁଆଡ଼େ, କେବଳ ବାନରମାନଙ୍କ ଆଧିପତ୍ୟ ବଢ଼ିଯିବ । ରାତିସାରା ସେଇ ଚିନ୍ତାରେ ଅସ୍ଥିର ହୋଇ ମୁଁ ଆଦୌ ଶୋଇ ପାରିଲି ନାହିଁ । ମୋ ଚରିପଟେ କେବଳ ଦେଖୁଥିଲି ରାମଙ୍କ ମୂର୍ତ୍ତି । ମୋ ଚତୁର୍ଦ୍ଦିଗ ହୋଇ ଉଠିଥିଲା ରାମମୟ । ନିଜ ଅଜାଣତରେ ମଧ୍ୟ ମୋ ମନ ଭିତରେ ଗୁଞ୍ଜରି ଉଠୁଥିଲା ରାମ ନାମ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫


ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)



# ତ୍ରିପାଦଭେଦିନୀ

## ଜ୍ୟୋତ୍ସ୍ନାମୟୀ ପଣ୍ଡା

॥ ଭାଗ-୧୦୮ ॥



ପ୍ରତ୍ୟାବର୍ତ୍ତିତ କଶ୍ୟପ ଅଟକି ଯାଇଥିଲେ । ଏ ବୟସରେ ବି ଦିତି ଅନୂଢା ଯୁବତୀ ପରି ଦେଖାଯାଉଥିଲେ ମନୋଜ୍ଞା । ନାରୀର ପ୍ରସାଧନ ଓ ଶୃଙ୍ଗାର ପୁରୁଷ ହୃଦୟକୁ ବଶୀଭୂତ କରିଥାଏ, ଏହି ମନୋ ବିଜ୍ଞାନ ଜାଣି ଥିଲେ ଦୀତି । ଗ୍ରୀବାଓ ବାହୁଠାରୁ ପାଦ ପର୍ଯ୍ୟନ୍ତ ତାଙ୍କ ରୂପାର ଅଳଙ୍କାର, କଟିରେ ଗୁଡ଼େଇ ହୋଇଥିବା ଧଳା ହାତ ବୁଣା ଜାଲି ସୂତାର ବସ୍ତ୍ର ଉପରେ ଗେରୁ ପଟ୍ଟି, ଯୁଡ଼ାରେ କାଠ ଚଂପା ଫୁଲର ମହକ ଆଉ କପାଳରେ ବେଲ ଅଠାରେ ଶାଗୁଆନ ଫୁଲର ଟିପା !

କଶ୍ୟପ ବ୍ରହ୍ମାଙ୍କ ପରାମର୍ଶରେ ଦାନବ ମାନଂକ ସଙ୍ଖ୍ୟା ବଢ଼ାଇବା ପାଇଁ କାଳକା ଓ ପୁଲୋମାଙ୍କୁ ବିବାହ କରି ସାରିବା ପରେ, ସେମାନେ ତାଙ୍କର ପ୍ରଧାନ ବିଜ୍ଞାନ ସହକର୍ମି ଣୀ ଥିଲେ । ବୈଜ୍ଞାନିକ ପଦ୍ଧତି ରେ ସେମାନେ ଦାନବ ପୁତ୍ରଙ୍କ ସଂଖ୍ୟା ଷାଠିଏ ହଜାର ପର୍ଯ୍ୟନ୍ତ ବଢାଇ ପାରିଥିଲେ । ଅଦିତି ନିଜ ସୁପୁତ୍ର ମାନଙ୍କ ସହ ଜୀବନ ବିତାଉ ଥିଲେ । ସେ ସଂପୂର୍ଣ୍ଣଏକ ବିରାଟ ସଂସାର । ପୁତ୍ର, ପୁତ୍ରବଧୂ, ପୌତ୍ର ଓ ପୌତ୍ରୀ ମାନଙ୍କର ସ୍ୱମୟକର୍ତ୍ତୀ ହୋଇ, କଶ୍ୟପଙ୍କଠାରୁ ସମ୍ପୂର୍ଣ୍ଣ ପୃଥକ ଭାବେ ସ୍ୱର୍ଗ ଭୁବନରେ ବସବାସ କରୁଥିଲେ । ସେମାନେ ତାଙ୍କୁ କଶ୍ୟପଙ୍କଠାରୁ ଅଧିକ ସମ୍ମାନ ଦେଉଥିଲେ, ତାଙ୍କର ସୁଖ, ଦୁଃଖ ଜଣାଉଥିଲେ, ଆଦେଶ ଓ ପରାମର୍ଶ ପାଳନ କରୁଥିଲେ,ତାଙ୍କର ସେବା କରୁଥିଲେ ଓ ଆଶୀର୍ବାଦ ଗ୍ରହଣ କରୁଥିଲେ । ମୁନୀଓ ଅରିଷ୍ଟା ମଧ୍ୟ ନିଜର ସନ୍ତାନ ମାନଙ୍କ ସହିତ ସେହି ସ୍ୱର୍ଗଭୁବନରେ ବସବାସ କରୁଥିଲେ । ସେମାନେ ସର୍ବଦା ଅସୁର ମାନଙ୍କ ଦୌରାତ୍ମ୍ୟର ପ୍ରତିକାର ବିଷୟରେ ଚିନ୍ତା କରୁଥିଲେ । ଅପର ପକ୍ଷରେ ଦିତି, ସୁରସା, ଦନୁ , ହିରଣ୍ୟ କଶିପୁଙ୍କ ସହିତ ଦାନବ ପୁରରେ ବସବାସ କରୁଥିଲେ । ସେମାନେ ସମସ୍ତେ ଦାନବ ମାନଙ୍କ ଜନନୀ ଭାବେ ତାଙ୍କ ଠାରୁ ଅଧିକ ପୂଜନୀୟା ହୋଇଥିଲେ । ଗୋଷ୍ଠୀଗତ ଭାବେ ଯିଏ ଯେଉଁଠାରେ ବାସ କଲେ ବି ସେମାନେ ଦୁଃଖ ଓ ସୁଖରେ ଏକତ୍ରିତ ହୋଇଯାଉଥିଲେ ଓ ଦେବତା ମାନଙ୍କର ବିପକ୍ଷରେ ଚକ୍ରାନ୍ତ କରି ଚାଲିଥିଲେ । ଅବଶ୍ୟ ସେମାନଙ୍କ ମଧ୍ୟରୁ କେତେକ ଦାନବ ଦେବତାଙ୍କ ପକ୍ଷରେ ଓ କେତେକ ଦେବତା ଦାନବଙ୍କ ପକ୍ଷରେ ଥିଲେ । ମାନୁଷ ବା ଆର୍ଯ୍ୟ ମାନେ ଦେବତାଙ୍କ ପକ୍ଷରେ ଥିବା ବେଳେ, କେତେକ ଦ୍ରାବିଡ଼ ଅସୁର ମାନଙ୍କୁ ପୂଜା କରୁଥିଲେ । ଦେବତା ଓ ଆର୍ଯ୍ୟମାନେ ଉତ୍ତର ଭାରତରୁ ଆରବ ତଥା କାସପିଆନ ସାଗରଠାରୁ କାଜକ ସ୍ଥାନ, ପ୍ରାୟ କୃଷ୍ଣ ସାଗର ପର୍ଯ୍ୟନ୍ତ ବ୍ୟାପ୍ତ ଥିଲେ । ସମଗ୍ର ପ୍ଲକ୍ଷ, କୁଶ ଦ୍ୱିପ ତଥା ଉତ୍ତର ଭାରତରେ ଜମ୍ବୁ ଦ୍ୱୀପର ତିବ୍ବତ ପର୍ଯ୍ୟନ୍ତ ଏମାନଙ୍କ ବାସସ୍ଥାନର ନାମ ଆର୍ଯ୍ୟ । ବର୍ତ୍ତ ଓ ବ୍ରହ୍ମାବର୍ତ୍ତ ଥିଲା । ବ୍ରହ୍ମା ବର୍ତ୍ତ ପୂର୍ବ ଭାରତରେ ହିମାଳୟର ଚତୁଃପାର୍ଶ୍ୱରେ ଘେରି ରହିଥିଲା । ଓଡିଶା ର କେତେକ ଅଞ୍ଚଳ ମଧ୍ୟ ବ୍ରହ୍ମା ବର୍ତ୍ତର ଅନ୍ତର୍ଭୁକ୍ତ ଥିଲା । ବ୍ରାହ୍ମଣୀ ନଦୀର ନାମ ସରସ୍ୱତୀ ନଦୀ ଥିଲା । ଦାନବ ବଂଶ ସପ୍ତ ଦ୍ୱିପର କେତେକ ସ୍ଥାନ, ଦକ୍ଷିଣ ଓ ମଧ୍ୟ ଭାରତ ଓ ସମୁଦ୍ର ମଧ୍ୟସ୍ଥ ଦ୍ୱୀପ ମାନଙ୍କରେ ସାମ୍ରାଜ୍ୟ ବିସ୍ତାର କରିଥିଲେ । ଯଦି ସେହି ସମୟରେ ସେମାନେ ଲବଣ ସାଗର ପାର ହୋଇ ଆମେରିକା ଯାଇପାରି ନଥିବେ, ତେବେ ୟୁରୋପର ଫ୍ରାନ୍ସ ଆଦି ଅଞ୍ଚଳ କ୍ରଉଁଚ ଓ ହିନ୍ଦୁକୁଶଠାରୁ ଦକ୍ଷିଣକୁ ସପ୍ତ ସାଗର ମଧ୍ୟରେ କୁଶ ଦ୍ୱିପ ହୋଇଥିବ । ନଚେତ୍ ଇଂଲଣ୍ଡ, ଫ୍ରାନ୍ସ ଆଦି ଅଞ୍ଚଳ ମଧ୍ୟ ପ୍ଲକ୍ଷ ଦ୍ୱିପର ଅନ୍ତର୍ଭୁକ୍ତ ଥିଲା । ବ୍ରହ୍ମା ପୁଲହ ପୁଲସ୍ତ୍ୟଙ୍କ ବ୍ୟତୀତ ଆର୍ଯ୍ୟ ମାନେ ବାହାରୁ ନଆସି ବା କୋଉଠୁ ନଯାଇ ନିଜ, ନିଜ ମଧ୍ୟରେ ବୈବାହିକ ସମ୍ପର୍କ ସ୍ଥାପନ କରିଥିବା ବି ସମ୍ଭବ । କିନ୍ତୁ ପ୍ରିୟବ୍ରତଙ୍କ ପୁତ୍ର ମାନେ ହିଁ ଭାରତୀୟ ଓ ସେମାନେ ଶ୍ରୀମଦ୍ ଭାଗବତ ଅନୁସାରେ ଏହି ସପ୍ତ ଦ୍ୱୀପରେ ଶାସନ କରୁଥିଲେ । (ପୁରୁଣା ମାନଚିତ୍ରରେ ଶ୍ୱେତଦ୍ୱିପ ଋଷିଆରେ ଅଛି ।)

ଏମାନଙ୍କ ବ୍ୟତୀତ ସୁରଭି, ତିନି, ତାମ୍ରା, କ୍ରୋଧବଶା, କାଷ୍ଠା ଓ ସରମା ନିଜ ନିଜର ସନ୍ତାନ ମାନଙ୍କ ସହିତ ସାରା ଜଳ, ସ୍ଥଳ ଓ କାନନ ମଧ୍ୟରେ ପରିବ୍ୟାପ୍ତ ହୋଇ ଯାଇଥିଲେ । ବାକୀ ନବ ପରିଣୀତା କାଳକା ଓ ପୁଲୋମା । ସେମାନେ ମଧ୍ୟ ଦାନବ ମାନଙ୍କୁ ଜନ୍ମ ଦେଇ ସେମାନଙ୍କର ସପକ୍ଷରେ ରହିଥିଲେ । ସେମାନେ ଥିଲେ ପ୍ରଜାପତି କଶ୍ୟପଙ୍କର ବିଜ୍ଞାନ ଶାଳାରେ ଅତ୍ୟନ୍ତ ଆଦରଣୀୟା ସହକର୍ମିଣୀ । ଅଳ୍ପ ବୟସ୍କା କିଶୋରୀ ଓ ନବ ପରିଣୀତା ନିଜ ପୌତ୍ରୀ ହୋଇ ଥିବାରୁ, ସେମାନେ କଶ୍ୟପ ଙ୍କର ସେବା କରିବା ପରିବର୍ତ୍ତେ, କଶ୍ୟପଙ୍କୁ ହିଁ ସେହି ଦିବ୍ୟ ସୁନ୍ଦରୀ ମାନଙ୍କ ମନୋରଞ୍ଜନ କରି ସେମାନଙ୍କ ମାନ ଭଞ୍ଜନ କରିବାକୁ ପଡୁଥିଲା । କର୍ମକ୍ଳାନ୍ତ କଶ୍ୟପଙ୍କ ପ୍ରତି ଆଉ କାହାର ମଧ୍ୟ ଦୃଷ୍ଟି ନଥିଲା । ତାଙ୍କ ପରି ଜଣେ ଶକ୍ତିବାନ ପ୍ରୌଢ଼ ପୁରୁଷଙ୍କୁ ସାନ୍ନିଧ୍ୟ ଦେବାପାଇଁ ଦିତିହିଁ ଅନେକ ଦିନ ପରେ ପତିଙ୍କ ନିକଟକୁ ଫେରି ଆସିଥିଲେ । କଶ୍ୟପଙ୍କର ବାନପ୍ରସ୍ଥର ସମୟ ହୋଇ ନଥିଲା ।

କଶ୍ୟପ ଧୀରେ ଧୀରେ ଦିତିଙ୍କ ନିକଟକୁ ଅଗ୍ରସର ହେଲେ ଓ ଦୁଇ ପାପୁଲିରେ ତାଙ୍କର ଚକ୍ଷୁକୁ ବାନ୍ଧି ରଖିଲେ । 'କିଏ ?'

ଦିତି ନଜାଣିବା ପରି କଶ୍ୟପଙ୍କର ସର୍ବାଙ୍ଗରେ ହସ୍ତ ଘୁରାଇବାରେ ଲାଗିଲେ । କିଛି ସମୟ ପରେ ଅଭିମାନ ଭରା କଣ୍ଠରେ କହିଲେ 'ପ୍ରଜାପତି ! ବିଶ୍ୱାସ ହେଉନାହିଁ । ପ୍ରାଣପ୍ରିୟା ପତ୍ନୀ ଅଦିତିଙ୍କ ବ୍ୟତୀତ ଆପଣ ଏହି ହତ ଭାଗିନୀ ଦିତି ନିକଟକୁ ମଧ୍ୟ ଆସିପାରନ୍ତି ।' 'ଅଭିମାନ କରନାହିଁ ଦିତି, ବିଧିର ବିଧାନ ଯାହା ଥିଲା ତାହା ଘଟି ଯାଇଛି । କିନ୍ତୁ ଅଦିତିଙ୍କ ପୂର୍ବରୁ ହିଁ ମୁଁ ପ୍ରଥମେ ତୁମକୁ ମାତୃତ୍ୱର ଅଧୀକାର ଦେଇଛି । ତୁମ ପାଇଁହିଁ ମୁଁ ଜଗତର ସମସ୍ତ ଜୀବଜନ୍ତୁ ଓ ତରୁଲତା ମାନଙ୍କୁ ସୃଷ୍ଟି କରି ତୁମ ସନ୍ତାନ ମାନଙ୍କ ବିକାଶ ନିମନ୍ତେ ଉପହାର ଦେଇଛି । ଏବେ ସେହି ସ୍ମୃତିକୁ ମନେ ପକାଇ ତୁମର ଅଭିମାନ ତ୍ୟାଗକର । 'ଏବେ ଦିତି ନିଜର ଦୁଇ ହସ୍ତରେ କଶ୍ୟପଙ୍କର ହସ୍ତକୁ ଉଠାଇ ଦେଇ ତାଙ୍କୁ ମୁନୀ ମନ ମୋହିନୀ ବଟାକ୍ଷପାତ କରି ଅଧରରେ ଗୋଲାପି ସ୍ମିତ ହାସ୍ୟ ଖେଳାଇଲେ । ପୁଣି ବିଚଳିତ ହୋଇ କହିଲେ,' କିନ୍ତୁ ପ୍ରଜାପତି, ଏବେ ଆପଣ ସାରା ଦିବସ ପରିଶ୍ରମ କରି ଅତି କ୍ଳାନ୍ତ ଦେଖାଯାଉଛନ୍ତି । କାହିଁକି ? କ'ଣ ଦେବତା ଓ ଦାନବ ମାନଙ୍କ ବ୍ୟତୀତ ଆପଣ ପୁଣି କୌଣସି ଏକ ନୂତନ ପ୍ରାଣୀର ସୃଷ୍ଟି କରିବାକୁ ଯାଉଛନ୍ତି କି ? 'ଦିତି ଭୟଭୀତା ହୋଇ ପଚାରିଲେ ।

'ନାହିଁ ନାହିଁ ସେପରି କିଛି ନୁହେଁ । ମୁଁଏବେ ପୃଥିବୀରେ ନୂତନ ପ୍ରାଣୀ ଓ ଉଦ୍ଭିଦ ମାନଙ୍କୁ ସୃଷ୍ଟି କରି ପୃଥିବୀରେ ସେମାନଙ୍କର ଆଶାନୁରୂପ ବଂଶ ବିସ୍ତାର କରି ସାରିଛି ।

ଏହାପରେ ପ୍ରାଣୀମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମୁଁଏବେ ଆୟୁର୍ବେଦର ବିକାଶ ଓ ଚିକିତ୍ସା ପ୍ରଣାଳୀର ବିକାଶ ପାଇଁ ଯତ୍ନ କରୁଛି । ସେଥିପାଇଁ ଅରଣ୍ୟରେ ବୁଲି ବିଭିନ୍ନ ଉଦ୍ଭିଦ,ପ୍ରାଣୀ ଓ ପଦାର୍ଥ ମାନଙ୍କର ପରୀକ୍ଷା ନିରୀକ୍ଷା କରି ରୋଗଗ୍ରସ୍ତ ମାନଙ୍କ ଦେହରେ ପ୍ରୟୋଗ କରୁଛି ।,'

' ଆୟୁର୍ବେଦ କ'ଣ ?' ଦିତି ପଚାରିଲେ । ' ମୋତେ କହିବେ କି ? '' ହଁ, ନିଶ୍ଚୟ, ଯେଉଁ ପଞ୍ଚଭୂତରେ ପ୍ରାଣୀ ମାନଙ୍କ ଶରୀର ଗଠିତ, ସେ ସବୁ ଦୂଷିତ ହୋଇ ପ୍ରାଣୀମାନଙ୍କଠାରେ ରୋଗ ସୃଷ୍ଟି କରିଥାନ୍ତି । ବାତ, ପିତ ଓ କଫ ହିଁ ସମସ୍ତ ବ୍ୟକ୍ତିଗତ ରୋଗ ଗୁଡିକର କାରଣ ହୋଇଥାନ୍ତି । ଏହା ବ୍ୟତୀତ ଜଳ,ସ୍ଥଳ ଓ ଆକାଶରେ ଜୀବାଣୁ ଭୁତାଣୁ, ବୀଜାଣୁ, ଶୈବାଳ ଓ କବକ ଆଦି ବାୟୁ, ଜଳ, ସଂସ୍ପର୍ଶ, ଖାଦ୍ୟ, କ୍ଷତ ଆଦି ଦ୍ୱାରା ସଂକ୍ରମକ ରୋଗ ଗୁଡିକ ସୃଷ୍ଟି କରିଥାନ୍ତି । ନିରାକରଣ ମଧ୍ୟ ସେହି ପ୍ରାଣୀ, ଉଦ୍ଭିଦ, ବିଭିନ୍ନ ପ୍ରାକୃତିକ ପଦାର୍ଥ ଓ ପଞ୍ଚଭୂତ ଦ୍ୱାରା କରାଯାଇଥାଏ । ଯେଉଁ ନିଦାନ ରୋଗକୁ ନିରାକରଣ କରେ ତାହା ମିଶ୍ରବା ଅମିଶ୍ରରୂପେ ଔଷଧ ଓ ଏହି ଚିକିତ୍ସା ଶାସ୍ତ୍ରକୁ ଆୟୁର୍ବେଦ କୁହାଯାଏ । ଏହା ପ୍ରକୃତିରୁ ଆହରଣ କରି ମାନବର ଆୟୁକୁ ସୁରକ୍ଷିତ ରଖୁଥିବାରୁ ଆୟୁର୍ବେଦ ନାମରେ ନାମିତ । ରୋଗ ନିର୍ଦ୍ଧାରଣଶରୀରର ଗଠନ, ଆଚରଣ, ପଥ୍ୟ, ରୋଗର କାରଣ, ଉପଯୁକ୍ତ ଖାଦ୍ୟ ଓ ଔଷଧ ଦେବା ବା ଅସ୍ତ୍ରୋପ୍ରଚାର ଆଦି କରି ଚିକିତ୍ସା କରିବାର ପ୍ରଣାଳୀକୁ ଆୟୁର୍ବେଦ ବିଜ୍ଞାନ କୁହାଯାଏ ।

(କ୍ରମଶଃ)


+ ବାଲିଝରି, କାନପୁର, ବଡ଼ମ୍ବା, କଟକ


## ମୋ ବିନା ମୋ ପୃଥିବୀ

### ସୁଲକ୍ଷଣୀ ସାହୁ



ସମୟ ସମୟେ ମନ ମୋ' ଭାଳିହୁଏ
ଅହେତୁକ ଗୁଞ୍ଜରଣେ ଛନ୍ଦି ଖୁନ୍ଦିହୁଏ
ବିଧି ଲିଖିତ ମୋ ଠିକଣା
ଯଦି କେବେ ହଜିଯାଏ
'ମୁଁ ମୟ' ଆୟୂଷ ଯଦି ଅଟକିଯାଏ
'ରାମ ନାମ ସତ୍ୟ ହେ',
'ହରି ନାମ ସତ୍ୟ ହେ',
ଧ୍ୱନିତ କୋକେଇ ମୋ'
ଦାଣ୍ଡ ଦୁଆର ଓଦାକରେ
ବିଛେଇ ହେଉଥିବା ଖଇ କଉଡିରେ
ମୁଁ ଅତୀତ ହୁଏ
ଦୁଃଖେ ସୁଖେ ବନ୍ଧା ହାଡ଼ ମାଂସର
ପିଣ୍ଡ ମାଟି ହୁଏ ।
ତେବେ
ତା'ପର ସମୟରେ ମୋ ପୃଥିବୀ !
ମୋ ଶୋଭାମୟୀ ଅମୃତମୟୀ ପୃଥିବୀ !
ହଁ, ମୋ ପରେ ମୋ ରତୁମୟୀ
ପୃଥିବୀର ଆକାଶେ
ସମୋହନର ନୀଳିମା ଥିବ ତ !
ସପ୍ତରଙ୍ଗୀ ଇନ୍ଦ୍ରଧନୁ ମୌସୁମୀର
ମୁକୁଟ ସାଜିବ ତ !
ରଙ୍ଗ ସବୁଜ ଓଢଣୀରେ ମୋ
ଅଗଣା ପଲ୍ଲବୀତ ଥିବ ତ ? !
ମୋ କୁନି ଚଢ଼େଇଏ ସ୍ନେହ ପୂରିତ
ଛାଇରେ ଖଣ୍ଡିଉଡା ଦେଇ
କାକଳିତ ହେଉଥିବେ ତ !
ମୋ ସଖା କ୍ଲେଶିତନିଦାଘେ କୃଷ୍ଣଚୂଡ଼ାର
ଲାଳିତ୍ୟ ପାଇବେ ତ !
ଏକ ପ୍ରଶ୍ନବାଚୀ ଠିଆକରେ ମୋ
ଅନୁପସ୍ଥିତିରେ ମୋ ପୃଥିବୀ
ଅନୁଭୂତ ହୁଏ ସତେ ଯେପରି
ମୁଁ ହିଁ ମୋ ମାୟାବିନୀ ପୃଥିବୀ ।
ଅସ୍ତଗତେ ଫେରି ମୁକୁଳା ପଲକେ ଯେବେ
ଆଖି ବୁଲେଇଆଣେ ଦିଗ୍ ବଳୟ ଉହାଡୁ
ଲାଗେ ସତେ କେଡେ ଦୟନୀୟା
ମୋ ପୃଥିବୀ ମୋ ବିନା !
ଅବା ଝଡ ଟିଏ ଆସି ଉଜାଡିଛି
ଏ ଦାଣ୍ଡ ଅଗଣା !
ବେପରୁଆ ଭାବେ ଚାରି କାନ୍ଥଭିତର ଚିଜ
ମୁଁ ନଥିବା ଜାଣି କଳହ
କରୁଥିଲେ କି ସମସ୍ତ !
ମଉଳା କଳୀକା ଯୋଡାକ ବାଟ
ତରାଟି ବିଚଳିତ ଜଣା ପଡ଼ନ୍ତି
ଆକାଶ ମାଟି ଅଗଣା ସବୁ ମୃତ ମୃତ ଦିଶନ୍ତି ।
ବୁଝି ଯାଏ ମୁଁ,
ମୁଁ ଓ ମୋ ପୃଥିବୀ ଦିହେଁ ଥକି ଅବଶ
ମୁଁ ତାକୁ ଖଞ୍ଜିଖାଞ୍ଜି ଉଝାଳେ
ସେ ମତେ ଆବୋରି ତୋଳେ
ମୋ ଛୁଆଁରେ
ମୋ ପୃଥିବୀ ପୁଣି ଉଜ୍ଜଳିତ ହୁଏ
ମତେ ତା' ବାହୁ ମଧ୍ୟେ
ରୂପମତୀ ସାମ୍ରାଜ୍ଞୀ କରି ସଜାଏ
ସତେ ଯେମିତି ମୁଁ,
ମୋ ପୃଥିବୀର ଏକଇ ଠାକୁରାଣୀ ।


+ସହକାରୀ ଶିକ୍ଷୟିତ୍ରୀ, ଗୋପବନ୍ଧୁ ସରକାରୀ
ଉଚ୍ଚ ବିଦ୍ୟାଳୟ, ଖରିଆର ରୋଡ
ମୋ: ୯୯୩୭୮୯୨୦୨୯


## ମାଆ ଚନ୍ଦ୍ର ଘଣ୍ଟା

### ପୁଷ୍ପାଞ୍ଜଳି ପଣ୍ଡା



ତୃତୀୟ ଦିବସେ ପରମ କଲ୍ୟାଣୀ
ମାଆ ଚନ୍ଦ୍ର ଘଣ୍ଟା ନାମେ
ମସ୍ତକେ ଶୋଭିତ ଅର୍ଦ୍ଧ ଚନ୍ଦ୍ର ଘଣ୍ଟା
ପୂଜା ପାଅ ଧରାଧାମେ ।
ଘଣ୍ଟା ଧ୍ୱନି ନାଶ କରେ ଆସୁରିକ
ଶକ୍ତି ଦାନବ ଦୈତ୍ୟର
ଭୟେ ଘୁଞ୍ଚି ଯାଏ ଅତ୍ୟାଚାରୀ ପାପୀ
କଥା ଏ ଅଛି ମର୍ତ୍ତ୍ୟର ।
ସିଂହ ବାହନରେ ବିରାଜିତା ମାଆ
ଅର୍ଦ୍ଧ ଚନ୍ଦ୍ର ମସ୍ତକରେ
ଦଶଭୂଜା ମାଆ ଦୁର୍ଗତି ନାଶିନୀ
ଶୁଭ ଆଶୀର୍ବାଦ କରେ ।
କୈଳାଶ ପତିଙ୍କୁ ବର ରୂପେ ବରି
ନବବଧୂ ବେଶ ଧରି
ମାଆ ଚନ୍ଦ୍ର ଘଣ୍ଟା ଶିଖାଇ ଦେଇଛ
ସମର୍ପିତ ପ୍ରାଣ ନାରୀ ।
ଦୈତ୍ୟ ଦାନବଙ୍କ ଯୁଦ୍ଧ ସମୟରେ
ଇନ୍ଦ୍ର ଦେଇଥିଲେ ଘଣ୍ଟା
ତ୍ରିଦେବଙ୍କ ତେଜ ଶକ୍ତି ଯୁକ୍ତ ହୋଇ
ପୂଜିତ ମା' ଚନ୍ଦ୍ର ଘଣ୍ଟ ।
ତୁମକୁ ପୂଜିଲେ ସୁରକ୍ଷା ମିଳଇ
ଯଶ କୀର୍ତ୍ତି ହୁଏ ବୃଦ୍ଧି
ନବରାତ୍ରୀର ଏକ ଅମୃତ ବେଳାରେ
ଦିଅ ମାଆ ସତ ସିଦ୍ଧି ।


ଜିଲ୍ଲା ପରିଷଦ, କେନ୍ଦ୍ରାପଡ଼ା
ମୋ:୯୮୬୧୪୫୭୫୬୩


## ମନର ଠିକଣା

### ପ୍ରତିଭା ଦାଶ

ନାମର ପରିଚୟରେ ସଠିକ ଠିକଣା
ମିଳିବାଟା ବହୁତ ସୁବିଧା, ସହଜ
ମାତ୍ର ମନର ଠିକଣା ପାଇବାଟା ଯେ
ବହୁତ କାଠିକର ପାଠ ।
ମନ ସର୍ବଦା ପରିବର୍ତ୍ତନଶୀଳ
ତା'ର କୌଣସି ନିର୍ଦ୍ଦିଷ୍ଟ ଠିକଣା ନାହିଁ
ନା କରି ହେଉଛି ତାକୁ ସଂଯତ
ଡେଣା ମେଲାଇ ଉଡ଼ି ବୁଲେ
ସେ ମୁକ୍ତ ଆକାଶେ ।
ମନକୁ ନା ଦେଖି ହେଉଛି
ନା ଛୁଇଁ ହେଉଛି ନା ମାପି ହେଉଛି
ଅନୁଭବ ହିଁ ତା'ର ଏକମାତ୍ର ଲକ୍ଷଣ
ଯାହା କି ଅନ୍ତରେ ଲୁକ୍କାୟିତରେ
ଅବସ୍ଥାନ କରିଛି ।
ବେଳେ ବେଳେ ମନର କଥା
ମୁହଁରେ ପ୍ରତ୍ୟକ୍ଷ ଭାବେ ଉଦ୍ଭାସିତ ହୁଏ
ମାତ୍ର କେତେ ମାତ୍ରାରେ
କ'ଣ ପ୍ରଭାବିତ କରିଛି
ହୃଦୟରେ କେତେ ଗହ୍ୱର
ସୃଷ୍ଟି ହୋଇଛି ଜାଣି ହୁଏନା
ମନର ଠିକଣା ପାଇବାକୁ ହେଲେ
ଜଣକର ମନକୁ ନୀରିକ୍ଷଣ
କରି ବୁଝିବାକୁ ହେବ
ହୃଦୟର ପ୍ରତ୍ୟେକ ମର୍ମକୁ ବ୍ୟଥାକୁ
ଅଙ୍ଗେ ନିଭାଇବାକୁ ପଡ଼ିବ ।


+ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ,
ଡୁମେରପାଣି
ଜିଲ୍ଲା - ନୂଆପଡ଼ା
ମୋ:-୭୮୯୪୫୨୮୪୯୩

# ଭଞ୍ଜ ସାଂସ୍କୃତିକ ନ୍ୟାସ ଏବଂ ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ଆସନ୍ତା ଅକ୍ଟୋବର ୬ ତାରିଖରେ ସାଂସ୍କୃତିକ କାର୍ଯ୍ୟକ୍ରମ 'କୁମାର ଉତ୍ସବ' ୨୦୨୫ର ଆୟୋଜନ

ରାଉରକେଲା, ୨୪/୦୯ (ନି.ପ୍ର): ଲୋକପ୍ରିୟ ଓଡ଼ିଆ ପର୍ବ ପବିତ୍ର 'କୁମାର ପୂର୍ଣ୍ଣିମା' ପାଳନ ଅବସରରେ ଅକ୍ଟୋବର ୬ ତାରିଖରେ ସ୍ଥାନୀୟ ସିଭିକ୍ ସେଣ୍ଟର ଠାରେ ଭଞ୍ଜ ସାଂସ୍କୃତିକ ନ୍ୟାସ (ଭଞ୍ଜ କଲଚରାଲ ଟ୍ରଷ୍ଟ) ଏବଂ ରାଉରକେଲା ଇସ୍ପାତ କାରଖାନାର ମିଳିତ ଆନୁକୁଲ୍ୟରେ ବିଶାଳ ସାଂସ୍କୃତିକ କାର୍ଯ୍ୟକ୍ରମ 'କୁମାର ଉତ୍ସବ' ଆୟୋଜିତ ହେବ। ଭଞ୍ଜ ସାଂସ୍କୃତିକ ନ୍ୟାସର ଅଧ୍ୟକ୍ଷ ଏବଂ ଆର ଏସ ପି ର ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଭଞ୍ଜ ସାଂସ୍କୃତିକ ନ୍ୟାସର ଟ୍ରଷ୍ଟିମାନଙ୍କର ସେପଟ୍ଟେମ୍ବର ୨୦ ତାରିଖ ଦିନ ଅନୁଷ୍ଠିତ ଏକ ବୈଠକରେ ଏଥି ସମ୍ବନ୍ଧୀୟ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ଉପସ୍ଥିତ ଟ୍ରଷ୍ଟିମାନଙ୍କ ମଧ୍ୟରେ ମାନବ ସମ୍ବଳ ବିଭାଗର ସିଜିଏମ ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ଉପାଧ୍ୟକ୍ଷ ଶ୍ରୀ ମାନସ ରଞ୍ଜନ ରଥ, କଣ୍ଟ୍ରାକ୍ଟ ସେଲ୍ ର ସିଜିଏମ ତଥା ଭଞ୍ଜ ସଂସ୍କୃତିକ ନ୍ୟାସର ସାଧାରଣ ସମ୍ପାଦକ ଶ୍ରୀ ଆଲୋକ କୁମାର ବେହେରା, ବିତ୍ତ ଓ ଲେଖା ବିଭାଗର ଜିଏମ, ଶ୍ରୀ ଏଚ୍. କେ. ସାଏ, ପରିବେଶ ଇଂଜିନିୟରିଂ ବିଭାଗର ଜି ଏମ ଇନ ଚାର୍ଜ, ଶ୍ରୀ ପି. ସି. ଦାଶ, ଲୋକ ସମ୍ପର୍କ ବିଭାଗର ଜିଏମ ତଥା ସଂଚାର ମୁଖ୍ୟ ଶ୍ରୀମତୀ ଅର୍ଚ୍ଚନା ଶତପଥୀ, ଆଇନ ବିଭାଗର ଡିଜିଏମ ଶ୍ରୀ ଆର. କେ. ସାହୁ, ଭଞ୍ଜ କଳା କେନ୍ଦ୍ରର ସାଧାରଣ ସମ୍ପାଦକ ଶ୍ରୀ ଆର. କେ. ମହାପାତ୍ରଙ୍କ ସମେତ ଆରଏସପିରୁ ଶ୍ରୀ ଜ୍ୟୋତିର୍ମୟ ଆଚାର୍ଯ୍ୟ ଉପସ୍ଥିତ ଥିଲେ।

ଏହି ବୈଠକରେ ଚଳିତ ବର୍ଷ 'କୁମାର ଉତ୍ସବ' କାର୍ଯ୍ୟକ୍ରମରେ ଦୁଇ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱ, ଓଡ଼ିଶାର ଚଳଚ୍ଚିତ୍ର ଜଗତର ପ୍ରଥିତଯଶା ବ୍ୟକ୍ତିତ୍ୱ ଶ୍ରୀ ପ୍ରଶାନ୍ତ ନନ୍ଦ ଏବଂ ପ୍ରଖ୍ୟାତ ଗାୟିକା




ତଥା କେନ୍ଦ୍ରୀୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ବିଜେତା ଡକ୍ଟର ସଂଗୀତ ଗୋସାଇଁଙ୍କୁ ସମ୍ମାନିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ପ୍ରସିଦ୍ଧ ଓଡିଆ ଗାୟକ ବିଷ୍ଣୁମୋହନ କବି ଏବଂ ରାଉରକେଲାର ଜଣାଶୁଣା କଳାକାରମାନଙ୍କ ଦ୍ୱାରା ଏକ ଓଡ଼ିଆ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ ମଧ୍ୟ କରାଯିବ। କୁମାର ପୂର୍ଣ୍ଣିମା ମହୋତ୍ସବ ଏବଂ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପାଳନ କରିବା ପାଇଁ, ଭଞ୍ଜ କଳା କେନ୍ଦ୍ରର କଳାକାରମାନେ ପାରମ୍ପରିକ ଲୋକନୃତ୍ୟ 'କୁଆଁର ପୁନେଇ ଜହ୍ନ ଗୋ..' ପରିବେଷଣ କରିବେ।

ଉକ୍ତ ବୈଠକରେ, ଭଞ୍ଜ ସାଂସ୍କୃତିକ ପରିସର ର ସାମଗ୍ରିକ ବିକାଶ ପାଇଁ ଏକ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଥିଲା, ଯାହାର ଜରାଜୀର୍ଣ୍ଣ ଅବସ୍ଥା ଯୋଗୁଁ ଚଳିତ ବର୍ଷର 'କୁମାର ଉତ୍ସବ-୨୦୨୫' କାର୍ଯ୍ୟକ୍ରମ ନିମନ୍ତେ ଏହାକୁ ବ୍ୟବହାର କରାଯାଇ ପାରିବ ନାହିଁ । ତେଣୁ ଚଳିତ ବର୍ଷ ସିଭିକ୍ ସେଣ୍ଟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉଲ୍ଲେଖଯୋଗ୍ୟ ଯେ, ରାଉରକେଲା ଇସ୍ପାତ କାରଖାନା ନିକଟ ରେ ଭଞ୍ଜ ସାଂସ୍କୃତିକ ପରିସରର ଦଖଲକୁ ନେଇଛି ଏବଂ ଖୁବ୍ ଶୀଘ୍ର ଏହାର ପ୍ରମୁଖ ମରାମତି ଏବଂ ନବୀକରଣ କାର୍ଯ୍ୟ ଆରମ୍ଭ ହେବ। କିଛି ଖଳ ପ୍ରକୃତିର ଲୋକଙ୍କ ଦ୍ୱାରା ଭଞ୍ଜ ସାଂସ୍କୃତିକ ପରିସରର ନାମ ରବୀନ୍ଦ୍ର ମଣ୍ଡପକୁ ପରିବର୍ତ୍ତନ ହେବାର କପୋଳକଳ୍ପିତ ଓ ଭିତ୍ତିହୀନ ଗୁଜବ ପ୍ରଚାରକୁ ଭଞ୍ଜ ସାଂସ୍କୃତିକ ନ୍ୟାସର ଟ୍ରଷ୍ଟିମାନେ ଦୃଢ଼ମତରେ ନିନ୍ଦା କରିଛନ୍ତି। ସେମାନେ କହିଛନ୍ତି ଯେ, ଏହି ଆଧାରହୀନ ଅଭିଯୋଗଗୁଡ଼ିକ ମନ୍ଦ ଉଦ୍ଦେଶ୍ୟ ରଖିଥିବା କିଛି ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିମାନଙ୍କ ଦ୍ୱାରା ଅପପ୍ରଚାର କରାଯାଉଛି ଏବଂ ଉଭୟ ଟ୍ରଷ୍ଟ ଓ ରାଉରକେଲା ଇସ୍ପାତ କାରଖାନାକୁ ବଦନାମ କରିବା ପାଇଁ ଏହା ଏକ କୂଟଚକ୍ରାନ୍ତ ଅଟେ ।

# ବିଜେପି ରାଜ୍ୟ ସଭାପତିଙ୍କ ନୂଆପଡ଼ା ଗସ୍ତ

ଭୁବନେଶ୍ୱର, ୨୪/୦୯ (ନି.ପ୍ର): ନୂଆପଡ଼ା ଏକ ସମ୍ଭାବନା ଜିଲ୍ଲା । ଏଠାରେ କୃଷିଠାରୁ ଆରମ୍ଭ କରି ଶିଳ୍ପ ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଅପାର ସମ୍ଭାବନା ରହିଛି। ଏହିଜିଲ୍ଲାରେ କୃଷିର ସୁବିଧାପାଇଁ ଜଳସେଚନ ବ୍ୟବସ୍ଥା ତ୍ୱରାନ୍ୱିତ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । କୃଷିଭିତିକ ଶିଳ୍ପ ପ୍ରତିଷ୍ଠା, ପ୍ରୋସେସିଂ ୟୁନିଟ୍, ଶୀତଳଭଣ୍ଡାର ଆଦି ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଛି । ଏଠାରେ କିପରି ମାଛ ଚାଷ ଓ ପର୍ଯ୍ୟଟନ ଶିଳ୍ପର ବିକାଶ ହୋଇପାରିବ ସେନେଇ ବିଚାରବିମର୍ଶ ଚାଲିଛି । ନୂଆପଡ଼ାରେ କେଉଁ ଶିଳ୍ପ ପ୍ରତଷ୍ଠା ହୋଇପାରିବ ସେନେଇ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଗଲାଣି । ଏହି ଜିଲ୍ଲାର ସାମଗ୍ରିକ ଉନ୍ନତି ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ । ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଉପରେ ନୂଆପଡ଼ାବାସୀଙ୍କ ଆଶା ଓ ବିଶ୍ୱାସ ବଢ଼ିବାରେ ଲାଗିଛି । ଆଗମୀ ଦିନରେ ନୂଆପଡ଼ାର ବିକାଶ ପାଇଁ ସମସ୍ତଙ୍କୁ ମିଳିତ ଭାବେ ପ୍ରୟାସ କରିବାକୁ ପଡ଼ିବ ବୋଲି ରାଜ୍ୟ ସଭାପତି ଭାବେ ପୁନର୍ବାର ଦାୟିତ୍ୱ ଗହଣ କରିବା ପରେ ନୂଆପଡ଼ା ଗସ୍ତରେ ଆସି ଶ୍ରୀ ମନମୋହନ ସାମଲ କହିଛନ୍ତି ।

ଶ୍ରୀ ସାମଲ କହନ୍ତି ଯେ, ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ଗୋଟିଏ ପରେ ଗୋଟିଏ ଯୋଜନା କରି ଚାଲିଛନ୍ତି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଯାହା କୁହନ୍ତି ତାହା କରନ୍ତି । ଦୀର୍ଘ ୧୧ବର୍ଷ ଧରି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତ ବିଶ୍ୱର ଚତୁର୍ଥ ବୃହତମ ଅର୍ଥନୀତି ହୋଇପାରିଛି । ଗରୀବ କଲ୍ୟାଣ ଯୋଜନା ଦ୍ୱାରା କୋଟି କୋଟି ପରିବାରଙ୍କର ଜୀବନର ମାନ ପରିବର୍ତ୍ତିତ ହୋଇଛି । ଚାଷୀମାନଙ୍କ ରୋଜଗାର ବୃଦ୍ଧି ହୋଇଛି । ୮୦କୋଟି ଲୋକଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ମାଗଣାରେ ରାସନ ଯୋଗାଣ, ୫୦କୋଟି ନାଗରିକଙ୍କୁ ଆୟୁଷ୍ମାନ ଭାରତ ଯୋଜନାରେ ସ୍ୱାସ୍ଥ୍ୟ ସୁରକ୍ଷା ଯୋଗାଇ ଦିଆଯାଇଛି । କୋଟି କୋଟି ପରିବାର ଉଜ୍ଜ୍ୱଳା ଯୋଜନାରେ ରୋଷେଇ ଗ୍ୟାସ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲାଭ ପାଇପାରିଛନ୍ତି । କୋଭିଡ୍ ମହାମାରୀ ପରେ ସମଗ୍ର ବିଶ୍ୱରେ ଭାରତ ସବୁଠାରୁ ଦ୍ରୁତ ଗତିରେ ନିଜର ଅର୍ଥନୀତିକୁ ସଜାଡିବାରେ ସମର୍ଥ ହୋଇଛି । ଜିଏସଟିରେ ସୁଧାର କରାଯାଇ ଗରିବ, ନିମ୍ନ ମଧ୍ୟବିତ, ମଧ୍ୟବିତ ବର୍ଗଙ୍କ ପାଇଁ ଐତିହାସିକ ପଦକ୍ଷେପ ନିଆଯାଇଛି । ଏହାଦ୍ୱାରା ଦୈନନ୍ଦିନ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ହ୍ରାସ ପାଇବା କାରଣରୁ ଗରିବ, ମଧ୍ୟବିତ ପରିବାରର ଖର୍ଚ୍ଚ ମଧ୍ୟ ହ୍ରାସ ପାଇବ । ଓଡ଼ିଶାରେ ବିଜେପି ସରକାର ଗଠନ କରିବାର ମାତ୍ର ୨୪ ଘଂଟା ମଧ୍ୟରେ ପୁରୀ ଶ୍ରୀମନ୍ଦିରର ୪ ଦ୍ୱାରା ଖୋଲି ଦିଆଗଲା । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରତ୍ନଭଣ୍ଡାର ଖୋଲାଯାଇ ମରାମତି କାର୍ଯ୍ୟ ଶେଷ କରଗଲା । ଧାନ କୁଇଂଟାଲ ପିଛା ସହାୟକ ମୂଲ୍ୟ ବୃଦ୍ଧି କରି ଚାଷୀଙ୍କ ଆୟ ଦୁଇଗୁଣିତ କରିବାରେ ସହାୟତା କରାଗଲା । ରାଜ୍ୟର ମା' ଓ ଭଉଣୀମାନଙ୍କୁ ସୁଭଦ୍ରା ଯୋଜନାରେ ୫୦ହଜାର ଟଙ୍କା ଦେବାକୁ ବ୍ୟବସ୍ଥା କରାଗଲା । ଲକ୍ଷପତି ଦିଦି ଯୋଜନାରେ ଓଡ଼ିଶାର ମା' ଭଉଣୀମାନେ ଏବେ ୧ ନମ୍ବର ହେଲେଣି । ୮୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଓ ଭିନ୍ନକ୍ଷମଙ୍କ ପାଇଁ ସ୍ୱାସ୍ଥ୍ୟବୀମା ସହ ୩୫୦୦ଟଙ୍କା ଭତା ପ୍ରଦାନ କରିବାର ପ୍ରତିଶ୍ରୁତି ପୂରଣ କରିଛି ।

# ଏନଏସଏସର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ମାଲକାନଗିରି, ୨୪/୦୯ (ନି.ପ୍ର): ଡାରଓ୍ୱିନ୍ ମେମୋରିଆଲ୍ ଡିଗ୍ରୀ କଲେଜ, କୁଡୁମୁଲୁଗୁମ୍ମା, ଏନଏସଏସ ସହ-ୟୁନିଟ୍ ୧ ପକ୍ଷରୁ ୧୭.୦୯.୨୦୨୫ ରୁ ୨୩.୦୯.୨୦୨୫ ପର୍ଯ୍ୟନ୍ତ ଦଣ୍ଡସେନା ଗୁଡାରେ ଆୟୋଜିତ ସ୍ୱତନ୍ତ୍ର ଶିବିର ଆଜି ଉଦଯାପିତ ହୋଇଯାଇଅଛି। ଏହି ସଭାରେ ସ୍ଥାନୀୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଓଡ଼ିଆ ଆଧାପିକା ସଞ୍ଜିତା ଖୋସଲା, ଶିକ୍ଷା ଆଧାପିକା ଶ୍ରୀଦେବୀ ପରିଡା, ୫୩ ଜଣ ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଗ୍ରାମବାସୀମାନେ ଉପସ୍ଥିତ ଥିଲେ ଓ ଏନଏସଏସ ପ୍ରୋଗ୍ରାମ୍ ଅଫିସର ବିଶ୍ୱଜିତ ମହାନ୍ତି ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସଭାରେ ବିଭିନ୍ନ ଏନଏସଏସ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଆଲୋଚନା କରାଯାଇଥିଲା। ଶିବିରରେ କରାଯାଇଥିବା କାର୍ଯ୍ୟମାନଙ୍କ ଅନୁଭବ ବାଣୀ ଓ ସ୍ଥାନୀୟ ବାସିନ୍ଦାମାନଙ୍କର ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ । ସାତଦିନ ମଧ୍ୟରେ ସ୍ୱେଚ୍ଛାସେବୀମାନେ ପୋଷ୍ୟ ଗ୍ରାମ ଦଣ୍ଡସେନାଗୁଡା ଠାରେ ବୃକ୍ଷ ରୋପଣ, ସ୍ୱଚ୍ଛଭାରତ ଅଭିଯାନ, ମ୍ୟାଲେରିୟା ଏବଂ ଡେଙ୍ଗୁର ନିରାକରଣ, ଶିଶୁ ଶ୍ରମ ନିରାକରଣ, ବାଲ୍ୟ ବିବାହ ଏବଂ କମ ବୟସରେ ବିବାହକୁ ବିରୋଧ, ଗ୍ରାମ ସର୍ଭେ, ଗ୍ରାମର ଅଭାବ ଏବଂ ଅସୁବିଧା ଉପରେ ସଚେତନ କାର୍ଯ୍ୟକ୍ରମ କରିଥିଲେ । ସର୍ବ ଶେଷରେ ସ୍ୱେଚ୍ଛାସେବୀ ମାନଙ୍କୁ ଅଧ୍ୟକ୍ଷଙ୍କ ଦ୍ୱାରା ପ୍ରମାଣପତ୍ର ପତ୍ର ପ୍ରଦାନ କରଯାଇଥିଲା।

# ସିଏମସି ନିର୍ବାଚନ ଶୀଘ୍ର ସାରି ନିର୍ବାଚିତ ପ୍ରତିନିଧି ମାନଙ୍କ ଦ୍ୱାରା ଅଂଚଳର ବିକାଶ କରାଯାଉ

ସମ୍ବଲପୁର, ୨୪/୦୯ (ନି.ପ୍ର): ମାନ୍ୟବର ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ପାଳନ କରି ଏସଏମସି ନିର୍ବାଚନ ଶୀଘ୍ର କରି ନିର୍ବାଚିତ ପ୍ରତିନିଧି ମାନଙ୍କ ଜରିଆରେ ଅଂଚଳର ବିକାଶ କରାଯାଉ ବୋଲି ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଦୁର୍ଗା ପାଢ଼ୀ କହିଛନ୍ତି। ଆଜି ଅପରାହ୍ନ ୫ଟା ସମୟରେ ଶ୍ରୀ ପାଢ଼ୀଙ୍କ ନେତୃତ୍ୱରେ ଏସଏମସି କମିଶନର ରେହାନ୍ ଖତ୍ରୀଙ୍କ ସହ ମହାନଗର ନିଗମ କାର୍ଯ୍ୟାଳୟରେ କଂଗ୍ରେସ କର୍ମକର୍ତା ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ବଲପୁର ସହରକୁ ଅତ୍ୟାଧୁନିକ ସହର ଭାବେ ଗଢି ତୋଳିବାକୁ ରାଜ୍ୟ ତଥା କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସମ୍ବଲପୁର ମହାନଗର ନିଗମ ଅଂଚଳ ଅପରିଷ୍କାର, ଆବର୍ଜନାରେ ପରିପୂର୍ଣ୍ଣ ହୋଇଛି। ସର୍ବନିମ୍ନ ମୌଳିକ ସୁବିଧାରୁ ବଂଚିତ ହେଉଛନ୍ତି ସମ୍ବଲପୁର ମହାନଗର ନିଗମବାସୀ । ଏସଏମସି ପକ୍ଷରୁ କରାଯାଉଥିବା ସମସ୍ତ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଛି ଆଦି ଦାବି ନେଇ କମିଶନର ଶ୍ରୀ ଖତ୍ରୀଙ୍କ ସହିତ ଆଲୋଚନା କରାଯାଇଛି। ସମ୍ବଲପୁର ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା, ସହର ମଧ୍ୟରେ ରହିଥିବା ଆବର୍ଜନା ଡମ୍ପିଙ୍ଗ ଓ୍ୱାର୍ଡ ଗୁଡିକୁ ତୁରନ୍ତ ସହର ବାହାରକୁ ସ୍ଥାନାନ୍ତରଣ କରିବା, ମହାନଗର ନିଗମରେ ମିଶିଥିବା ଧନକଉଡ଼ା ବ୍ଲକର ୭ଟି ପଂଚାୟତ ଯଥା. ସେହ୍ନାପାଲି, ଚାଉଁରପୁର, ଆ. କଟାପାଲି, ଗଡ଼ମୁଣ୍ଡା, ସଂକର୍ମା ଏବଂ କାଇଁଶିର ପଂଚାୟତ ସହ ମାନେଶ୍ୱର ବ୍ଲକର ୫ଟି ଯଥା. ମଠପାଲି, ଗୁଣ୍ଡେରପୁର, ମାନେଶ୍ୱର, ସିନ୍ଦୁର ପଙ୍କ ଓ ଠେମରା ର ସଂଶ୍ଳିଷ୍ଟ ଓ୍ୱାର୍ଡ ଗୁଡିକ ର ଉନ୍ନତିକରଣ ପାଇଁ ସ୍ୱତନ୍ତ୍ର ଅନୁଦାନ ପ୍ରଦାନ କରିବା, ପ୍ରତ୍ୟକ ୧୫ ଦିନ ମଧ୍ୟରେ ଥରେ ଗଣମାଧ୍ୟମରେ ପ୍ରକାଶିତ/ ପ୍ରସାରିତ ରିପୋର୍ଟ (ଦୁର୍ନୀତି / ଗଠନମୂଳକ ପ୍ରସ୍ତାବ ) ର ସମୀକ୍ଷା କରି ପଦକ୍ଷେପ ନେବା, ପରିମଳ, ଷ୍ଟ୍ରିଟ ଲାଇଟ, ରାସ୍ତା ନିର୍ମାଣ କାର୍ଯ୍ୟର ସ୍ୱତନ୍ତ୍ର ସମୀକ୍ଷା କରାଯାଇ ଆଗାମୀ ପାର୍ବଣ ଦଶହରା ପୂର୍ବରୁ ଏହା ସୁନିର୍ଶ୍ଚିତ କରିବା, ଠିକା ସଂସ୍ଥା ସହିତ କେତେ ଲୋକ ନିୟୋଜିତ ହେବା ନେଇ ଚୁକ୍ତି ହୋଇଛି ତାହା ପ୍ରଦାନ କରି ଦୈନନ୍ଦିନ ରିପୋର୍ଟ ଆଧାର ରେ ବିଲ ପଇଠ କରିବା, ମହାନଗର ନିଗମ ପକ୍ଷରୁ କରାଯାଉଥିବା କାର୍ଯ୍ୟରେ ସୂଚନା ଫଳକ ଲଗାଇବା, ଆବର୍ଜନା ପରିଚାଳନା ପାଇଁ ଏସ୍ଏମ୍ ?ସିକୁ ୪ଟି ଜୋନ୍ ରେ ଭାଗ କରାଯାଇଛି ସତ ମାତ୍ର ଏଥିରେ ଅନ୍ୟାନ୍ୟ ସମସ୍ତ ସଫେଇ କାର୍ଯ୍ୟ ପାଇଁ ମୋଟ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରତି ମାସରେ ଖର୍ଚ୍ଚ କରାଯାଉଛି। ଏହା ସତ୍ତ୍ୱେ ମହାନଗରରେ ଏଭଳି କୌଣସି ଓ୍ୱାର୍ଡ ନାହିଁ ଯେଉଁଠି ଆବର୍ଜନା ଏବଂ ସଫେଇ ପରିଚାଳନା ନେଇ ଲୋକେ ଅତିଷ୍ଠ ହୋଇ ରହି ନାହାନ୍ତି। ଏଣୁ ସଫେଇରେ ଏକ ବଡ଼ ଦୁର୍ନୀତିର ଗନ୍ଧ ସ୍ୱଷ୍ଟ ଜଣାପଡୁଛି। ନିୟୋଜିତ ସଫେଇ କର୍ମଚାରୀମାନଙ୍କ ନାମ, ଠିକଣା, ମୋବାଇଲ ନମ୍ବର ପ୍ରଦାନ କରିବା ଦାବି କରାଯାଇଛି। ଏହା ସହିତ ଠିକା ସଂସ୍ଥା ଗତ ୪ ରୁ ୫ ମାସ ହେଲା ସଫେଇ କର୍ମଚାରୀ, ଆବର୍ଜନା ଗାଡ଼ି କର୍ମଚାରୀଙ୍କ ଦରମା ନିୟମିତ ଦେଉ ନଥିବା ଅଭିଯୋଗ ହେଉଛି। ଏପରିକି ସେମାନଙ୍କ ନାମରେ ଯେତିକି ଟଙ୍କା ଆସୁଛି ସେହି ହିସାବରେ ମଧ୍ୟ ସେମାନଙ୍କୁ ବେତନ ଦିଆଯାଉନଥିବା ଅଭିଯୋଗ ହେଉଛି। ବେତନ ସୁନିଶ୍ଚିତ ପାଇଁ ପଦକ୍ଷେପ ଗ୍ରହଣ କରିବା, ସମ୍ବଲପୁର, ବୁର୍ଲା ଓ ହୀରାକୁଦ ପାଇଁ ସ୍ଥାୟୀ ବର୍ଷାପାଣି ଓ ଦୂଷିତ ପାଣି ପରିଚାଳନା ବ୍ୟବସ୍ଥା ସୃଷ୍ଟି କରିବା, ଉଠା ଦୋକାନୀଙ୍କୁ ବ୍ୟବସ୍ଥିତ ଭାବେ ପୁନର୍ବାସ କରିବା, ନଗରର ବିକାଶ ପାଇଁ ପାର୍କିଂ ସୁବିଧା, ଅଧିକ ସଚଳ ସଡ଼କ ନିର୍ମାଣ କରିବା, ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ମଡ୍ୟୁଲାର୍ ଟ୍ରିଟମେଂଟ ପ୍ଲାଂଟ (ବାଲିବନ୍ଧା ଓ ବିନଖଣ୍ଡି) ରେ ସ୍ଥାପନ କରି ଦୂଷିତ ପାଣି ସୋଧିତ କରି ମହାନଦୀରେ ଛାଡିବା, ଟାଙ୍ଗନା ନାଳ ଓ ଧୋବିଯୋର ଡ୍ରେନେଜ ର ବିକାଶ କରିବା, ଏସଏମସି ରେ କେତେ ଜଣ ଆଉଟ୍‌ସୋର୍ସିଂ କର୍ମଚାରୀ ନିୟୋଜିତ ଅଛନ୍ତି ଓ କେତେ ଟଙ୍କା ମାସକୁ ଖର୍ଚ୍ଚ କରାଯାଉଛି ତା'ର ତଥ୍ୟ ପ୍ରକାଶ କରିବା ଏବଂ ବିନା ଟେଣ୍ଡରରେ ଲାଇଟ୍ ଲଗାଇ ଖୋଲିନେବା ଘଟଣାର ତଦନ୍ତ କରିବା, ବ୍ୟାଙ୍କରେ ୪ କୋଟି ଟଙ୍କାର ଫେକ ଚେକ ଡିପୋଜିଟ ଘଟଣାର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରାଯାଇଛି। ଉପରୋକ୍ତ ଦାବି ଗୁଡିକ ଯଦି ଆଗାମୀ ଦିନରେ ମହାନଗର ନିଗମ ପୂରଣ କରିବାରେ ଏବଂ ସହରବାସୀଙ୍କୁ ମୌଳିକ ସୁବିଧା ପ୍ରଦାନରେ ବିଫଳ ହୁଏ ତେବେ ଏକ ଦାୟିତ୍ୱବାନ ଦଳ ଭାବରେ କଂଗ୍ରେସ ଏକ ବଡ଼ ଧରଣର ଆନ୍ଦୋଳନ କରିବ ଏବଂ ଏଥିପ୍ରତି ସରକାର ଦାୟୀ ରହିବେ ବୋଲି ସଂଯୋଜକ ଶ୍ରୀ ପାଢ଼ୀ କହିଛନ୍ତି। ଆଜିକାର ଏହି ଦାବି ପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଜ଼ିଲ୍ଲା ମହିଳା କଂଗ୍ରେସ ପୂର୍ବତନ ସଭାନେତ୍ରୀ ସୁତପା ମିତ୍ର, ଓବିସି ଜ଼ିଲ୍ଲା ସଭାପତି ଶିବବ୍ରତ ପ୍ରଧାନ, ଲକ୍ଷ୍ମୀ ପ୍ରଧାନ, ସଂଖ୍ୟା ଲଘୁ ସେଲ ର ବାବୁ ଖାନ, ଏମ୍. ଡି. ସଲିମ, ନାରୀନେତ୍ରୀ କବିତା ପଟ୍ଟନାୟକ, ଡଲି ଅହମଦ, ବିରଂଚି ମହାପାତ୍ର, ଦିନେଶ ସାନବଡ଼ ପ୍ରମୁଖ ସାମିଲ ଥିଲେ। ପୂର୍ବତନ କାଉନସିଲର ଲାଲ ମୋହନ ସାଠିଆ, କୃଷ୍ଣ ସୁନାର ଓ ଅଶୋକ ସୋନି, ରାଜ୍ୟ କୃଷକ ସେଲ ସମ୍ପାଦକ ଗୋବିନ୍ଦ୍ ମିଶ୍ର, ପିସିସି ସଭ୍ୟା ଆଇନଜୀବୀ ଚନ୍ଦ୍ର ପୁରୋହିତ, ଆଇନଜୀବୀ ଅରୁଣ କୁମାର ପ୍ରମୁଖ ବିଭିନ୍ନ ସମସ୍ୟା ସମାଧାନ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଇଥିଲେ ।

# ସ୍ୱଚ୍ଛତା ହିଁ ସେବା ପକ୍ଷ - ୨୦୨୫ ଅଭିଯାନ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ

ଭବାନୀପାଟଣା, ୨୪/୦୯ (ନି.ପ୍ର): କଳାହାଣ୍ଡି ଜିଲ୍ଲା ପ୍ରଶାସନ ଏବଂ ପୌରପାଳିକା ଭବାନୀପାଟଣା ମିଳିତ ଉଦ୍ୟମରେ ଚଳିତ ମାସ ସେପଟ୍‌ଟେମ୍ବର ୧୭ ତାରିଖରୁ ସ୍ୱଚ୍ଛତା ହିଁ ସେବା ପକ୍ଷ ୨୦୨୫ ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ଅବସରରେ ବୃକ୍ଷ ରୋପଣ, ସହରର ବିଭିନ୍ନ ମନ୍ଦିର ପରିସର ସଫା ସୁତୁରା, ପତଞ୍ଜଳୀ ଯୋଗ ସମିତିର ସଦସ୍ୟ ମାନଙ୍କୁ ନେଇ ଯୋଗ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ତର୍କ, ସ୍ଲୋଗାନ୍, କୁଇଜ୍ ଏବଂ ଓ୍ୱେଷ୍ଟଯ ଟୁ ଆର୍ଟ୍ ପ୍ରତିଯୋଗିତା ସବୁ ଅନୁଷ୍ଠିତ ହୋଇଯାଇଛି। ଏଥି ସହିତ ପ୍ରତ୍ୟେକ ଦିନ ସହରର ବିଭିନ୍ନ ସ୍ଥାନକୁ ସଫା ସୁତୁରା କାର୍ଯ୍ୟକ୍ରମ ଚାଲୁରହିଛି। ଆଜି ସକାଳ ୬ଟା ୩୦ ମିନିଟ ସମୟରେ ପୁରୁଣାପଡା ଆଶ୍ରୟସ୍ଥଳୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖର ରାସ୍ତା ପରିସରରେ ସାମୁହିକ ସଫେଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏଥିରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ନେତୃତ୍ୱରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରଓ୍ୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି, ନିର୍ବାହୀ ଅଧିକାରୀ, ଅନିମେସ ପ୍ରଧାନ, ଭାରତୀୟ ପ୍ରଶାସନିକ ସେବା(ପ୍ରବେସନ) ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାୟକ, ସହ ନିର୍ଦ୍ଦେଶ ଜିଲ୍ଲା ସ୍ୱଳ୍ପ ସଂଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଅଧିକ୍ଷଣ ଯନ୍ତ୍ରୀ ପୂର୍ତ ବିଭାଗ ଶିବାଜୀ ପ୍ରଧାନ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟମି କହଁର, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମଜିବୁନ ନିଶାଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀ, ସ୍ଥାନୀୟ ବାସିନ୍ଦା, ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତା, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ହିଁ ସେବା ଅଭିଯାନର ସଫେଇ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# ରାବଣାଗୁଡା ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ପେସାଲିଷ୍ଟ ସ୍ୱାସ୍ଥ୍ୟ ମେଳା

ଜୟପୁର, ୨୪/୦୯ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ରାବଣାଗୁଡା ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ପେସାଲିଷ୍ଟ ସ୍ୱାସ୍ଥ୍ୟ ମେଳା ଆଜି ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ତିଲୋତମା ମୁଦୁଲି ଯୋଗଦେଇ ଉଦଘାଟନ କରିଥିବା ବେଳେ ବିଡିଓ ଶକ୍ତି ମହାପାତ୍ର, ଏଡିପିଏଚଓ ସୁ ସଂନ୍ଧ୍ୟା ଦେବ ଦର୍ଶନି, ଆରକେଏସ ମେମ୍ବର ତ୍ରିନାଥ ଆଚାର୍ଯ୍ୟ, ଭାସ୍କର ପଟ୍ଟନାୟକ, ପ୍ରଦିପ ଗୌଡ, ବିପିଏମ ଦିପାନିତା ପଟ୍ଟନାୟକ, ପିଏଚଇଓ ଧରିତ୍ରି ମୁଦୁଲି , ସୁପରଭାଇଜର ସୁଶାନ୍ତ କୁମାର ନାୟକ, ସରପଂଚ, ସମିତି ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ । ୪୯୭ ମା ମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଠାରେ ପ୍ରସୂତି ବିଶେଷଜ୍ଞ ଡାକ୍ତର ଅରବିନ୍ଦ ନେପାକ, ଶିଶୁ ବିଶେଷଜ୍ଞ ଡାକ୍ତର ସୁନିଲ କୁମାର ପଣ୍ଡା, କମ୍ୟୁନିଟି ମେଡିସନ ଡାକ୍ତର ସ୍ୱାସ୍ତିକ ମହଲା, ଦାନ୍ତ ଚିକିତ୍ସକ ଡାକ୍ତର ମୋନାଲିସା ବେହେରା, ଚକ୍ଷୁ ଡାକ୍ତର ବିଜୟ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ଉପଲକ୍ଷେ ଏହି ମେଳା ଅନୁଷ୍ଠିତ ହୋଇଛି ।

# ଶାରଦୀୟ ପୂଜା ବଜାର ପାଇଁ ସଜେଇ ହେଉଛି କୁଚିଣ୍ଡା ଉପଖଣ୍ଡ ବ୍ୟବସାୟ ପ୍ରତିଷ୍ଠାନ

ସମ୍ବଲପୁର, ୨୪/୦୯ (ନି.ପ୍ର): ଆସିଗଲାଣି ପାର୍ବଣ ଋତୁ। ହିନ୍ଦୁ ଧର୍ମାବଲମ୍ବୀମାନଙ୍କ ପ୍ରମୁଖ ପର୍ବ ଦଶହରା ମୁଣ୍ଡ ଉପରେ ପହଂଚିଥିବାବେଳେ ଆଉ କିଛିଦିନ ପରେ ପଡ଼ିବ ଦୀପାବଳୀ ଉତ୍ସବ। ଏହି ପାର୍ବଣ ଋତୁ ପାଇଁ କୁଚିଣ୍ଡା ଉପଖଣ୍ଡ ତଥା ଏହାର ଆଖପାଖ ଅଂଚଳର ବଜାର ଭିନ୍ନ ଆକର୍ଷଣରେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। କୁଚିଣ୍ଡା ଉପଖଣ୍ଡର ଜମନକିରା, ଫାଶୀମାଲ, ଭୋଜପୁର, କୁସମୀ, କେସେଇ ବାହାଲ, ବାମରା ଭଳି ବିଭିନ୍ନ ସ୍ଥାନରେ ଦଶହରା ପୂଜା ହେଉଥିଲେ ମଧ୍ୟ କୁଚିଣ୍ଡା ଦଶହରା ଅନ୍ୟତମ। କୁଚିଣ୍ଡା ଦଶହରା ଉତ୍ସବ ଚଳିତ ବର୍ଷ ୯୮ ବର୍ଷକୁ ଛୁଇଁବାକୁ ଯାଉଥିବାବେଳେ ଏଠାକାର ଦଶହରା ପୂଜା ସମଗ୍ର ଜିଲ୍ଲାରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ଏହି ଦଶହରା ପୂଜା ଦେଖିବାକୁ ବହୁ ଦୂର ଦୂରାନ୍ତରୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ଆଗମନ ହୋଇଥାଏ। ସେହିପରି ଏହି ସମୟରେ ଅନେକ କୁଚିଣ୍ଡା ସହରର ବିଭିନ୍ନ ଅଂଚଳ ଡ୍ରେସ୍ ଓ ଲୁଗା ବ୍ୟବସାୟର କେନ୍ଦ୍ରସ୍ଥଳ ପାଲଟିଥିବାବେଳେ ରାଜ୍ୟର ବିଭିନ୍ନ ଜିଲ୍ଲା ଅଂଚଳରୁ ଏଠିକି କ୍ଷୁଦ୍ର ବ୍ୟବସାୟୀ ଆସି ଦୋକାନ ଖୋଲି ବେପାର ମଧ୍ୟ କରିଥାନ୍ତି। ଏହି ସମୟରେ କୁଚିଣ୍ଡା ସହରର ବିଭିନ୍ନ ଅଂଚଳ ଡ୍ରେସ ଓ ଲୁଗା ବ୍ୟବସାୟ ଦୋକାନଗୁଡ଼ିକରେ ଗହଳି ଲାଗି ରହିଥାଏ। କୁଚିଣ୍ଡା ସହରରେ ହୋଲସେଲ ବ୍ୟବସାୟୀଙ୍କ ସମେତ ବହୁ ସଂଖ୍ୟକ ଖୁଚୁରା ବ୍ୟବସାୟୀ ରହିଥିବାରୁ ପାର୍ବଣ ସମୟରେ ବ୍ୟବସାୟ ପାଇଁ ସ୍ୱତନ୍ତ୍ର ଅଫର ଘୋଷଣା କରି ବ୍ୟବସାୟୀ ଗ୍ରହକଙ୍କୁ ଆକୃଷ୍ଟ କରିଥାନ୍ତି। ଏଥିପାଇଁ କେତେକ ଆଗଧାଡ଼ିର ବ୍ୟବସାୟୀ ସ୍ୱତନ୍ତ୍ର ଭାବେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଲୁଗା, କପଡ଼ା, ପ୍ୟାଂଟସ ଓ ଲେଡ଼ିଜ ଆଇଟମ ମଗାଇଥାନ୍ତି। ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ଅଂଚଳରୁ ଡ୍ରେସ ଓ ଶାଢ଼ୀ ମ୍ୟାଟେରିଆଲ କୁଚିଣ୍ଡା ସହରକୁ ବିକ୍ରି ପାଇଁ ଆସିଥାଏ। ଏହି ପାର୍ବଣ ଋତୁ ପାଇଁ ବର୍ତମାନ ଠାରୁ କୁଚିଣ୍ଡା ଉପଖଣ୍ଡ ବିଭିନ୍ନ ଅଂଚଳର ବ୍ୟବସାୟୀ ପ୍ରସ୍ତୁତ ହୋଇଗଲାଣି। ଗ୍ରହକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ବଜାରର ମାର୍କେଟ କମ୍ପ୍ଲେକ୍ସଗୁଡ଼ିକ ଆଲୋକମାଳରେ ମଧ୍ୟ ସଜାଇ ଦିଆଗଲାଣି। ଦଶହରା ଓ ଦୀପାବଳୀକୁ ଆଖି ଆଗରେ ରଖି କୁଚିଣ୍ଡା ଉପଖଣ୍ଡର ବହୁ ବ୍ୟବସାୟୀ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। କେତେକ ବ୍ୟବସାୟୀ ଦୁଇ ପର୍ଯ୍ୟାୟରେ ସାମଗ୍ରୀ ମଗାଇ ଦେଇଥିବାବେଳେ ଆଉ କିଛି ବ୍ୟବସାୟୀ ପର୍ଯ୍ୟାୟକ୍ରମେ ସାମଗ୍ରୀ ମଗାଉଥିବା ଜଣାପଡ଼ିଛି। ବର୍ତମାନ ସୁଦ୍ଧା ବଜାର ତଥା ବ୍ୟବସାୟ ଜୋର ଧରିନଥିବା କେତେକ ବ୍ୟବସାୟୀ ପ୍ରକାଶ କରିଛନ୍ତି। ବ୍ୟବସାୟୀ ଓ ସୋ'ରୁମ୍ ମାଲିକମାନେ କେବଳ ଗ୍ରାହକଙ୍କ ଅପେକ୍ଷାରେ ରହିଥିବାବେଳେ ଆଉ କିଛିଦିନ ମଧ୍ୟରେ ବଜାର ସରଗରମ ହେବାକୁ ଆଶା କରାଯାଉଛି। ଦଶହରା ପାଇଁ କୁଚିଣ୍ଡା ସହର ତଥା ଏହାର ଆଖପାଖ ଅଂଚଳର ବସ୍ଷ୍ଟାଣ୍ଡମାନଙ୍କୁ ଦୁର୍ଗା ମେଢ଼ି ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଥିବା ଦେଖିବାକୁ ମିଳୁଛି। ବର୍ଷର ଏହି ପ୍ରମୁଖ ପର୍ବ ଦଶହରା ପାଇଁ ସହରବାସୀ ଯେତିକି ପ୍ରସ୍ତୁତି କଲେଣି ତାହାଠାରୁ ଅଧିକ ପ୍ରସ୍ତୁତି ସହରର ଅଧିକ ବ୍ୟବସାୟୀଙ୍କ ପକ୍ଷରୁ ଆରମ୍ଭ ହୋଇଗଲାଣି। ସାଧାରଣତଃ ଦଶହରା ସମୟରେ ଲୁଗା କପଡ଼ାର ଚାହିଦା ବେଶ୍ ଜୋର ଧରିଥାଏ ଏବଂ ଅନେକ ଶାଢ଼ୀ କପଡା ଦୋକାନ ମାନଙ୍କରେ ଭିଡ଼ ଜମି ରହିଥାଏ। ଗ୍ରହକଙ୍କୁ ନିଜ ବ୍ୟବସାୟ ପ୍ରତିଷ୍ଠାନକୁ ଆସିବା ପାଇଁ ଆକୃଷ୍ଟ କରିବା ଓ ଗ୍ରାହକଙ୍କ ମନ ପସନ୍ଦର ସାମଗ୍ରୀ ତଥା ଡ୍ରେସ ରଖିବାକୁ ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଲାଗି ରହିଥାଏ।

# ଗ୍ରାମାଂଚଳରେ ପହଂଚି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲ୍ଲାପାଳ

ମାଲକାନଗିରି, ୨୪/୦୯ (ନି.ପ୍ର): ଗାଁରେ ପହଂଚୁଛି ପ୍ରଶାସନ । ପଂଚାୟତ ସ୍ତରରେ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି ସରକାରୀ ବାବୁ । ଜିଲ୍ଲା ସଦର ମହକୁମା ଓ ବ୍ଲକ ସ୍ତରରେ ପରେ ଏବେ ଗ୍ରାମାଂଚଳରେ ପହଂଚି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲ୍ଲାପାଳ, ଏସପିଙ୍କ ଠାରୁ ଆରମ୍ଭ କରି ପୂରା ସରକାରୀ କଳ । ଚିତ୍ର ଆସିଛି ମାଲକାନଗିରି ଜିଲ୍ଲାରୁ । ଧାଡ଼ି ଧାଡ଼ି ହୋଇ ପଂଚାୟତ କାର୍ଯ୍ୟାଳୟ ମୁହାଁ ହେଉଛନ୍ତି ଲୋକେ । ଆଉ ଅଫିସ ଭିତରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଜିଲ୍ଲାପାଳ, ଏସପିଙ୍କ ଠାରୁ ଆରମ୍ଭ କରି ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ। ଦୀର୍ଘଦିନ ଧରି ଯେଉଁ ଲୋକଙ୍କ ସମସ୍ୟା ସମାଧାନ ହୋଇନାହିଁ ଘଟଣାସ୍ଥଳରେ ହିଁ ସମାଧାନ ଲାଗି ଉଦ୍ୟମ ଆରମ୍ଭ କରିଛି ମାଲକାନଗିରି ଜିଲ୍ଲା ପ୍ରଶାସନ । ଅଭିଯୋଗ ଶୁଣାଣି ସ୍ଥାନରେ ସିଙ୍ଗଲ ଓ୍ୱିଣ୍ଡୋ ବ୍ୟବସ୍ଥା ହୋଇଛି। ସ୍ୱଟରେ ହିଁ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ସରକାରୀ ସୁବିଧା ଦିଆଯାଉଛି । ପୂର୍ବରୁ ଜିଲ୍ଲାପାଳ ପଂଚାୟତକୁ ଯାଇ ଲୋକଙ୍କ ସମସ୍ୟା ସମାଧାନ ଲାଗି ନିର୍ଦ୍ଦେଶ ରହିଥିଲା । ଏବେ ମାଲକାନଗିରି ଜିଲ୍ଲାପାଳ ସୋମେଶ ଉପାଧାୟ ଅନ୍ୟ ଅଧିକାରୀଙ୍କ ସହ ଅତି ଦୁର୍ଗମ ଅଂଚଳକୁ ଯାଇ ଲୋକଙ୍କ ସମସ୍ୟା ସହ ଅଂଚଳର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି ।


GOVT. OF ODISHA
OFFICE OF THE DIVISIONAL FOREST OFFICER
KARANJIA DIVISION, KARANJIA
eProcurement Notice, KARANJIAFOREST DIVISION
Bid Identification No. KJA -DFO -01 OF 2025-26
email ID- dfo.karanjia@odisha.gov.in
Letter No.. 4543 Date. 23.09.2025

| | | |
|---|---|---|
| 1. Name of Works | : | Construction of Boundary Wall at Karanjia RF under Karanjia Range of Karanjia Forest Division during the Financial Year 2025-26 |
| 2 Approximate estimated cost | : | Rs. 25,42,373/- (As per Annexure in TCN) |
| 3. Class of Contractor | : | "B" & "C" Class (As Per Annexure) |
| 4.Period of completion | : | 03 (Three) Calendar months |
| 5.Tender Paper Cost | : | Rs. 6,000/-, towards cost of bid as mentioned in Annexure (Building Work). |
| 6.Date Time of availability of bid document in the portal | : | Dt. 26.09.2025 at 10.00 A.M. |
| 7. Last date /Time for receipt of bid in the portal | : | Dt. 14.10.2025 up to 5.00P.M. |
| 8. Date of Opening Bid | : | Dt. 15.10.2025 at 11.00 A.M. |
| 9. Name and address of the Office Inviting Bid | : | **Divisional Forest Officer, Karanjia Division, Karanjia.** |

10. The bidders have to Participate in **ONLINE** bidding only.
All other details can be seen from the e-procurement portal https:/www.tendersodisha.gov.in

**OIPR: 08019/11/0004/2526**

**Divisional Forest Officer, Karanjia Division**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସରକାରୀ କର୍ମଚାରୀଙ୍କ....

ଏହାକୁ ଦୃଷ୍ଟିରେ ରଖି ଚଳିତ ମାସର ଦରମା ୨୬ ତାରିଖ ସୁଦ୍ଧା ଦରମା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁଯାୟୀ, ରାଜ୍ୟର ସମସ୍ତ ସରକାରୀ କର୍ମଚାରୀଙ୍କୁ ମାସର ଶେଷ କାର୍ଯ୍ୟ ଦିବସରେ ଦରମା ମିଳୁଥିବା ବେଳେ, ଦୁର୍ଗାପୂଜା ପାଇଁ ଆସନ୍ତା ୨୭ ତାରିଖରୁ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ଛୁଟି ରହିବ। ଦଶହରା ପରି ପାର୍ବଣ ଋତୁରେ ବିଭିନ୍ନ ସାମଗ୍ରୀ କିଣାକିଣି ହୋଇଥାଏ ଏବଂ ଏବର୍ଷ ସାରା ଦେଶରେ ଜିଏସଟି-୨.୦ ସଂସ୍କାର ପରେ ସାରା ଦେଶରେ ସଞ୍ଚୟ ଉତ୍ସବ ମଧ୍ୟ ପାଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଚଳିତ ମାସର ଦରମା ୨୬ ତାରିଖ ସୁଦ୍ଧା ଦରମା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

### ଶ୍ରୀମୟୀଙ୍କ ନୂଆ...

ନେବାକୁ ସକ୍ଷମ ନୁହନ୍ତି ଓ ସବୁ ଜଣେ ଅଣ ଓଡ଼ିଆଙ୍କ ପ୍ରରୋଚନା ହେଉଛି ବୋଲି ଲେଖିଛନ୍ତି ଶ୍ରୀମୟୀ। ସେହିଭଳି ଆଜି ଅନ୍ୟ ଏକ ସୋଶାଲ ମିଡିଆ ପୋଷ୍ଟ କରି ସେ ପୁଣି ଦଳର ସଦସ୍ୟତା ନମ୍ବର କଥା ଉଠାଇଥିଲେ। ଦଳର ସଦସ୍ୟତା ପ୍ରସଙ୍ଗରେ ଶ୍ରୀମୟୀଙ୍କୁ କାଉଣ୍ଟର କରିବାକୁ ବିଜେଡି ଆଜି ଏକ ସାମ୍ବାଦିକ ସମ୍ମିଳନୀ କରିଥିଲା। ଶ୍ରୀମୟୀ ମିଛ କହୁଛନ୍ତି ଓ ସେ ଦଳର ସକ୍ରିୟ ସଦସ୍ୟ ଥିଲେ ବୋଲି ବିଜେଡିର ଦୁଇ ନେତା ସ୍ନେହାଙ୍ଗିନୀ ଛୁରିଆ ଓ ଲେଲିନ ମହାନ୍ତି ପ୍ରମାଣିତ କରିବାକୁ ପ୍ରୟାସ କରିଥିଲେ। ହେଲେ ସେମାନେ ସିଧାସଳଖ କୌଣସି ସଦସ୍ୟତା ନମ୍ବର ଦେଖାଇ ନଥିବା ବେଳେ ପୁନର୍ବାର ସୋଶାଲ ମିଡିଆ ଜରିଆରେ ଆକ୍ରମଣ କରିଛନ୍ତି ଶ୍ରୀମୟୀ। ଆଉ ଏଥର ସେ ସିଧା ସଳଖ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନାଁ ଉଲ୍ଲେଖ କରିଛନ୍ତି। ନବୀନ କେମିତି ତାଙ୍କୁ ନିରାଶ କରିଥିଲେ, ସେ କଥା ଉଲ୍ଲେଖ କରିଛନ୍ତି ଶ୍ରୀମୟୀ। ସେ ଲେଖିଛନ୍ତି, 'ଗତବର୍ଷ ହେଲା ମୁଁ ଦଳ ଭିତରେ ଅସନ୍ତୁଷ୍ଟ ଥିଲି ଓ ପଦପଦବୀକୁ ଗ୍ରହଣ କରିନଥିଲି- ଏକଥା ଆଜି ସେମାନେ ଗଣମାଧ୍ୟମରେ ସମ୍ମୁଖରେ ସ୍ୱୀକାର କରୁଛନ୍ତି। ପ୍ରମିଳା ମଲ୍ଲିକ ଓ ସ୍ନେହାଙ୍ଗିନୀ ଛୁରିଆଙ୍କ ଭଳି ନେତ୍ରୀମାନେ ଗତ ୧୦ଦିନ ମଧ୍ୟରେ ମୋ ସମ୍ପର୍କରେ ଗଣମାଧ୍ୟମରେ କେତେ ପ୍ରକାରର ବୟାନ କେତେଥର ୟୁଟର୍ଣ୍ଣ ନେଇଛନ୍ତି ତାହା ସେମାନେ ନିଜେ ଆତ୍ମସମୀକ୍ଷା କଲେ ଜାଣିପାରିବେ ଓ ତା'ର ତର୍ଜମା ରାଜ୍ୟବାସୀଙ୍କ ଉପରେ ଛାଡୁଛି। କ୍ଷମତା ପାଇଁ ନୁହେଁ ସ୍ୱାଭିମାନ ଓ ଆତ୍ମସମ୍ମାନ ପାଇଁ ପ୍ରଶ୍ନ ଉଠାଇ ନିରାଶ ହୋଇଛି। ୨୦୨୪ ଫେବୃୟାରୀ ମାସରୁ ମୁଁ ବାରମ୍ବାର ନିଜର ଆତ୍ମସମ୍ମାନ ଓ ସ୍ୱାଭିମାନ ପାଇଁ ପ୍ରଶ୍ନ ଉଠାଇ ନିରାଶ ହୋଇଥିଲି । ଏହା ଏକ ଅତ୍ୟନ୍ତ ଆବେଗପୂର୍ଣ୍ଣ ଓ ବ୍ୟକ୍ତିଗତ ଅଭିଜ୍ଞତା, ଯେଉଁଠି ଆତ୍ମସମ୍ମାନ ଓ ଆତ୍ମଗୌରବ ଉପରେ ଆଘାତ ଲାଗିଛି। ମୁଁ ଯେଉଁ ଦଳୀୟ ନେତାଙ୍କୁ ପିତାତୁଲ୍ୟ ମାନୁଥିଲି,ତାଙ୍କଠାରୁ ସମର୍ଥନ ଓ ନ୍ୟାୟ ଆଶା କରିଥିଲି, କିନ୍ତୁ ସେହି ସମୟରେ ତାଙ୍କ ନୀରବତା ମତେ ନିରାଶ କରିଛି। ଯେଉଁଦିନ ଜଣେ ବୃଦ୍ଧ ବ୍ୟକ୍ତି ମତେ ସୁର୍ପଣଖା କହି ସମ୍ବୋଧନ କଲେ, ଦଳୀୟ ବିଧାୟକ ଓ ଅନ୍ୟ ସଦସ୍ୟ ମତେ ନାନାଦି ଅପଶବ୍ଦ ବ୍ୟବହାର କରି କହିଲେ, ସେତେବେଳେ ଦଳର ଆଗଧାଡ଼ିର ନାରୀ ନେତ୍ରୀମାନଙ୍କୁ କହିଥିଲି। ପ୍ରମିଳା ଅପା, ସ୍ନେହାଙ୍ଗିନୀ ଅପା ଏମିତି ଅନେକ, କିନ୍ତୁ ସେତେବେଳେ ସମସ୍ତେ ତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ଚୁପ୍ ରହିଲେ, କେବଳ ପୂଜ୍ୟା ଉଷା ଦେବୀ ମୋତେ ସାଙ୍ଗରେ ନେଇ ନବୀନ ନିବାସ ଯାଇଥିଲେ ଏବଂ ସବୁ ଘଟଣା ଦଳର ସଭାପତି ଶୁଣିଲା ପରେ କେବଳ ପଦେ କହିଲେ,'It happens in Politics'।

### ପୂର୍ବ ନିର୍ଦ୍ଧାରିତ ...

ବିଧାନସଭାର ଦ୍ୱିତୀୟ ଦିନ ଠାରୁ ଆଜି ପର୍ଯ୍ୟନ୍ତ ବିରୋଧୀ ବିଜେଡି ଓ କଂଗ୍ରେସ ବାରମ୍ବାର ହୋହାଲ୍ଲା କରିଥିଲେ । ଦ୍ୱିତୀୟ ଦିନରେ ବିଜେଡି ବିଧାୟକମାନେ ରାଜ୍ୟରେ ଚାଷୀମାନଙ୍କୁ ଉପଯୁକ୍ତ ପରିମାଣରେ ସାର ଦିଆଯାଉ ନଥିବା ଅଭିଯୋଗ ଆଣି ହୋହାଲ୍ଲା କରିଥିଲେ । ସେହିପରି କଂଗ୍ରେସ ବିଧାୟକମାନେ ଏକାଧିକ ଥର କକ୍ଷତ୍ୟାଗ କରିଥିଲେ । କଂଗ୍ରେସ ବିଧାୟକମାନେ ବିଧାନସଭା ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ମୂର୍ତ୍ତି ତଳେ ବସିଥିଲେ । ଏହି ଅଧିବେଶନରେ କଂଗ୍ରେସ ବିଧାୟକମାନେ ଅନାସ୍ଥା ପ୍ରସ୍ତାବ ମଧ୍ୟ ଦୁଇ ଥର ଆଣିଥିଲେ । ଗୃହ କାର୍ଯ୍ୟ ସମୟରେ ବିରୋଧୀ ଦଳର ବିଧାୟକମାନେ ଶାସକ ଦଳକୁ ଏକାଧିକ ପ୍ରସଙ୍ଗରେ ପ୍ରଶ୍ନ କରିଥିଲେ । ଶାସକ ଦଳ ଏହାର ଉତ୍ତର ଦେଇଥିଲେ। ଷଷ୍ଠ ଦିନରେ ବୁଧବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଏଜି ରିପୋର୍ଟ ଉପସ୍ଥାପନ କରିଥିଲେ । ସେହିପରି ଗୃହରେ ଓଡ଼ିଶା ଦ୍ରବ୍ୟ ଓ ସେବା କର(ସଂଶୋଧନ)ବିଲ ୨୦୨୫ ପାରିତ ହୋଇଛି ।

### ପ୍ରଥମ ପତ୍ନୀଙ୍କୁ ହତ୍ୟା ...

ଲିଖିତ ଅଭିଯୋଗ କରିଥିଲା । କିନ୍ତୁ ତଦନ୍ତ ବେଳେ ଜଣା ପଡିଥିଲା ଯେ, ଉକ୍ତ ଟ୍ରକଟି ସେହି ସମୟରେ ରାଉରକେଲାରେ ଥିଲା । ତେବେ କାହା ପୃଷ୍ଠପୋଷକତାରେ ଏସବୁକୁ ଚାପି ଦିଆ ଯାଇଥିଲା କହି ତତ୍କାଳୀନ ବିଜେଡି ସରକାରକୁ କାଠଗଡାକୁ ଟାଣିଛନ୍ତି ମନ୍ତ୍ରୀ । ସେପଟେ ପ୍ରଥମ ପତ୍ନୀ ଅପର୍ଣ୍ଣାଙ୍କ ମୃତ୍ୟୁ ପରେ ଦୀପକ ବୀମା ବାବଦକୁ ପାଖାପାଖି ୧ କୋଟି ୨୫ ଲକ୍ଷ ଟଙ୍କା ପାଇଥିଲା । ଦ୍ୱିତୀୟ ବିବାହ ପରେ, ଶୁଭମିତ୍ରାଙ୍କ ପାଇଁ ପୁଣି ବୀମା କରିବାରୁ ସନ୍ଦେହ ଘେରକୁ ଆସିଯାଇଥିଲା । ପ୍ରଥମ ପତ୍ନୀଙ୍କ ମୃତ୍ୟୁ ଏକ ହତ୍ୟାକାଣ୍ଡ ସନ୍ଦେହରେ ଖୁଣ୍ଟୁଣୀ ଥାନାର ଫାଇଲକୁ ରି ଓପନ୍ କରିଛି ପୁଲିସ୍ । ଏହି ହତ୍ୟାକାଣ୍ଡ ପଛର ଥିଓରି ଜାଣିବାକୁ ଦୀପକକୁ ରିମାଣ୍ଡରେ ଆଣିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଅପର୍ଣ୍ଣା ଫାଇଲ ଖୋଲିଲେ ବହୁ ବଡ଼ବଡୁଆଙ୍କ ମୁଖା ଖୋଲିବ ବୋଲି ରାଜନୈତିକ ଚର୍ଚ୍ଚା ଜୋର ଧରିଛି । କିନ୍ତୁ ଏହାରି ଭିତରେ ତଦନ୍ତକାରୀ ଅଧିକାରୀ ବା ଘଟଣାକୁ ହାଲୁକା ଭାବେ ଗ୍ରହଣ କରି, ଫାଇନାଲ ରିପୋର୍ଟ କରିଥିବା ଅଧିକାରୀଙ୍କ ଛାତି ଧଡ ଧଡ ହେବା ଆରମ୍ଭ ହେଲାଣି । ପତ୍ନୀହନ୍ତା କନେଷ୍ଟବଳ ଦୀପକକୁ ଏହି ହତ୍ୟାକାଣ୍ଡରୁ ବଞ୍ଚାଇବା ପଛରେ ଥିବା ଗଡ ଫାଦରଙ୍କ ବେଳା ଖରାପ ପଡିପାରେ ।

### ବିହାର କଂଗ୍ରେସ...

ଏହାକୁ ନେଇ କଂଗ୍ରେସ ଭିତରେ ଜୋଶ ଭରିଛି । କଂଗ୍ରେସ ରାଜ୍ୟସଭା ସାଂସଦ ଅଖିଳେଶ ସିଂ କହିଛନ୍ତି କି ମୋତିହାରୀର ଗାନ୍ଧୀ ମଇଦାନ କଂଗ୍ରେସ ସଭା ପାଇଁ ଛୋଟ ପଡିବ, ମୋଦୀଙ୍କ ସଭା ତୁଳନାରେ ତିନିଗୁଣା ଲୋକ ପହଂଚିବେ । ସେପଟେ ମୋତିହାରୀ ଜନସଭାର ପ୍ରସ୍ତୁତି ଦେଖିବାକୁ ପହଂଚିଛନ୍ତି ସାଂସଦ ପପୁ ଯାଦବ । ନିର୍ବାଚନ ପୂର୍ବରୁ ସବୁଦଳମାନେ ପ୍ରସ୍ତୁତି କରିଥାନ୍ତି । ହେଲେ ଏଠି କଥା ଉଠୁଛି ଆସନ ବୁଝାମଣାକୁ ନେଇ । ତା ସହିତ ପ୍ରିୟଙ୍କାଙ୍କୁ ଫ୍ରଣ୍ଟ ଫିଗର କରି କଂଗ୍ରେସ ମହିଳା ଭୋଟରମାନଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରିଛି। ହେଲେ ପ୍ରିୟଙ୍କା ଗାନ୍ଧୀ ମହିଳା ଭୋଟରଙ୍କୁ ଆକୃଷ୍ଟ କରିବାରେ କେତେ ସଫଳ ହେବେ ତାହା ନିର୍ବାଚନ ଫଳାଫଳ ଆସିବା ପରେ ଜଣାପଡିବ।

### ମହାନଦୀରେ ବନ୍ୟା : ...

ଏହାର ପ୍ରଭାବରେ ଶାଖାନଦୀ କୁଆଖାଇ, ବିରୂପା, କାଠଯୋଡ଼ି, ଦେବୀ ନଦୀରେ ଜଳସ୍ତର ବୃଦ୍ଧି ପାଇବ । ଏଣୁ ବନ୍ୟା ଆଶଙ୍କା ଜାରି କରିଛି ଜଳ ସମ୍ପଦ ବିଭାଗ । ସମ୍ଭାବ୍ୟ ବନ୍ୟା ନେଇ ସମସ୍ତ ଜିଲ୍ଲାପାଳମାନଙ୍କୁ ସୂଚନା ଦିଆଯାଇଛି । କ୍ଷେତ୍ର ଅଧିକାରୀମାନଙ୍କୁ ସତର୍କ କରାଯାଇଛି । କୌଣସି ପରିସ୍ଥିତିକୁ ସାମ୍ନା କରିବା ପାଇଁ ପ୍ରସ୍ତୁତ ଅଛୁ । ବନ୍ଧବାଡ଼ର ତଦାରଖ ହେଉଛି । ଭୟଭୀତ ହେବାର ଆବଶ୍ୟକତା ନାହିଁ । ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ହୋଇଛି । ୬୪ଟି ବ୍ଲକରେ ୫୦ ମିଲିମିଟରରୁ ଅଧିକ ବର୍ଷା ହୋଇଛି । ୧୧ ଟି ସ୍ଥାନରେ ଶହେ ମିଲିମିଟର ବର୍ଷା ହୋଇଛି । ସମ୍ବଲପୁରରେ ସବୁଠାରୁ ଅଧିକ ବର୍ଷା ହୋଇଛି । ହୀରାକୁଦ ଉପରମୁଣ୍ଡରେ ୪୧ ମିଲିମିଟର ବର୍ଷା ହୋଇଥିବାବେଳେ ଏବେବି ବର୍ଷା ଜାରି ରହିଛି । ୩ ଲକ୍ଷ୨୦ ହଜାର କ୍ୟୁସେକ ଜଳ ପ୍ରବେଶ କରୁଛି ହୀରାକୁଦ ଜଳଭଣ୍ଡାରକୁ । ୧୬ଟି ଗେଟରେ ଜଳ ନିଷ୍କାସନ ହେଉଛି । ଫଳରେ ୩ ଲକ୍ଷ କ୍ୟୁସେକ ଜଳ ନିଷ୍କାସିତ ହେଉଛି । ଏହାର ଜଳଧାରଣ କ୍ଷମତା ୬୩୦ ଫୁଟ ଥିବାବେଳେ ଏବେ ୬୨୯.୮୯ ଫୁଟରେ ରହିଛି ଜଳ । ବ୍ରାହ୍ମଣୀ ନଦୀରେ ରେଙ୍ଗାଲିରେ ଗୋଟିଏ ଗେଟ୍ ଖୋଲିଛି । ବୈତରଣୀରେ ବିପଦ ସଂକେତ ନିକଟରେ ପହଞ୍ଚିବ ଜଳସ୍ତର । ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗରେ ବର୍ଷା ସତ୍ତ୍ୱେ ଜଳସ୍ତର ବିପଦ ସଂକେତ ତଳେ ରହିଛି । ଆଗକୁ ଆଉ ଏକ ଲଘୁଚାପ ଅଛି । ତେବେ ବର୍ଷା କେତେ ହେବ ତା ଉପରେ ନଜର ରହିଛି । ସମ୍ବଲପୁରରେ ପ୍ରବଳ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ପାଣି ଜମିଛି । ଜଗନ୍ନାଥ କଲୋନୀ ରାସ୍ତାରେ ପାଣି ଲହଡ଼ି ଭାଙ୍ଗୁଛି । ସାକ୍ଷୀପଡ଼ାରୁ ଜଗନ୍ନାଥ କଲୋନୀ ସଂଯୋଗ କରୁଥିବା ଅଣ୍ଡରପାସରେ ମଧ୍ୟ ଆଣ୍ଠୁଏ ଉଚ୍ଚର ପାଣି ଜମିଛି । ଯଦି ବର୍ଷା ଲାଗିରହେ ବିଭିନ୍ନ ଘରକୁ ପାଣି ପଶିବାର ଆଶଙ୍କା କରାଯାଉଛି । ସେହିପରି ଦାନୀପାଲି ଅଞ୍ଚଳରେ ମଧ୍ୟ ସମାନ ସ୍ଥିତି । ଡ୍ରେନେଜ ବ୍ୟବସ୍ଥା ଠିକ୍ ନଥିବାରୁ ଗୋଟିଏ ଦିନର ବର୍ଷାରେ ବେହାଲ ହୋଇପଡ଼ିଛି ସମ୍ବଲପୁର ସହର । ସେପଟେ ଖୋଲିଲା ହୀରାକୁଦ ଡ୍ୟାମର ଆଉ ୪ଟି ଗେଟ୍? । ମୋଟ୍ ୧୬ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି । ବାମ ପାର୍ଶ୍ୱର ୧୧ ଓ ଡାହାଣ ପାର୍ଶ୍ୱର ୫ଟି ଗେଟ ଖୋଲା ରହିଛି । ଜଳଭଣ୍ଡାରର ମୋଟ ଜଳ ସ୍ତର ୬୨୯.୯୫ ଫୁଟ ରହିଛି । ୧ ଲକ୍ଷ ୮୬ ହଜାର ୧୩୩ କ୍ୟୁସେକ ଜଳ ଡ୍ୟାମକୁ ପ୍ରବେଶ କରୁଥିବାବେଳେ ୨ ଲକ୍ଷ ୩୩ ହଜାର ୧୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି ।

### ୨୭ରୁ ଓଟିଇଟି ...

ପ୍ରଶ୍ନପତ୍ର ବୋର୍ଡରୁ ଯିବା ଠାରୁ ସେଣ୍ଟରରେ ଅଧିକାରୀ ଗ୍ରହଣ କରିବା ପର୍ଯ୍ୟନ୍ତ ଜିପିଏସ ଟ୍ରାକିଂରେ ରହିବ । ସେଣ୍ଟର ସୁପରିଟେଣ୍ଡ ପ୍ରଶ୍ନପତ୍ର ଗ୍ରହଣ କରିବା ପରେ ଏହାକୁ ଷ୍ଟ୍ରଙ୍ଗ ରୁମରେ ସିସିଟିଭି କଭରେଜରେ କଡା ସୁରକ୍ଷା ଭିତରେ ରଖାଯିବ । ବୋର୍ଡ କାର୍ଯ୍ୟାଳୟରେ ଥିବା କଣ୍ଟ୍ରୋଲ ରୁମ ମାଧ୍ୟମରେ ପୂରା ପକ୍ରିୟାକୁ ଟ୍ରାକ୍ କରାଯିବ । ଆଜିଠାରୁ ବୋର୍ଡ କାର୍ଯ୍ୟାଳୟଠାରୁ ଦୂରରେ ଥିବା ସେଣ୍ଟରକୁ ପ୍ରଶ୍ନପତ୍ର ଯିବା ପକ୍ରିୟା ଆରମ୍ଭ ହେବ । ଗୁରୁବାର ୨୪ଟି ସ୍ଥାନକୁ ଏବଂ ୨୬ ତାରିଖରେ ବଳକା ସବୁ ସେଣ୍ଟରକୁ ପ୍ରଶ୍ନ ପତ୍ର ପହଞ୍ଚିବ । ଆସନ୍ତା ୨୭ ତାରିଖରେ ହେବାକୁ ଥିବା ଓଟିଇଟି ପରୀକ୍ଷା ୧୯୩ଟି ସେଣ୍ଟରରେ ୭୫ ହଜାର ୪୦୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ । ପୂର୍ବରୁ ଓଟିଇଟି ପ୍ରଶ୍ନପତ୍ର ଅନିୟମିତତା ଯୋଗୁଁ ପରୀକ୍ଷାରେ ବିଭ୍ରାଟ ହୋଇଥିଲା । କ୍ରାଇମବ୍ରାଞ୍ଚ ତଦନ୍ତରେ ବୋର୍ଡ ଉପସଭାପତି ସମେତ ୮ ଜଣ ଗିରଫ ହୋଇଥିଲେ । ପ୍ରଶ୍ନପତ୍ର କେଳେଙ୍କାରୀ ପରେ ବୋର୍ଡ ପକ୍ଷରୁ ପରୀକ୍ଷା ପରିଚଳନା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା ।

## ବେତନଟୀ କଲେଜ ପକ୍ଷରୁ ଜାତୀୟ ସେବା ଯୋଜନା ଦିବସ ପାଳିତ

ବେତନଟୀ,୨୪/୯(ନି.ପ୍ର) : ବେତନଟୀ କଲେଜ ପକ୍ଷରୁ ଜାତୀୟ ସେବା ଯୋଜନା ଦିବସ ବୁଧବାର ପାଳିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜାତୀୟ ସେବା ଯୋଜନାର ପ୍ରାକ୍ତନ ଅଧିକାରୀଣି ତଥା ମନସ୍ତତ୍ତ୍ୱ ବିଭାଗମୁଖ୍ୟ ଅଧ୍ୟାପିକା କଳ୍ପଲତା ବେହେରା ଯୋଗଦେଇଥିଲେ। ଜାତୀୟ ସେବା ଯୋଜନାର ଯୁକ୍ତଦୁଇ ଶାଖା ଅଧାକାରୀ ଅଧ୍ୟାପକ ଅଭିଜିତ ମହାନ୍ତି ଏବଂ ଯୁକ୍ତତିନି ଶାଖା ଅଧିକାରୀ ଅଧ୍ୟାପିକା ଭାନୁପ୍ରିୟା ମାଝୀ ପ୍ରମୁଖଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସନ୍ଦୀପ ଡୁଙ୍ଗ୍ଡୁଙ୍ଗ୍, ଅଧ୍ୟାପକ ରାଜନ୍ କୁମାର ମିଶ୍ର ପ୍ରମୁଖ ମଧ୍ୟ ଅତିଥିଭାବେ ଯୋଗଦେଇଥିଲେ। ଜାତୀୟ ସେବା ଯୋଜନାର ଲକ୍ଷ୍ୟ ସଂଗୀତ ଗାନ ପୂର୍ବକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଶୁଭାରମ୍ଭ କରାଯାଇଥିଲା ଜାତୀୟ ସେବା ଯୋଜନା ଦିବସ ପାଳନର ଆବଶ୍ୟକତା, ତାତ୍ପର୍ଯ୍ୟ, ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଦୃଷ୍ଟିକୋଣ ତଥା ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠା, ଚେନତାର ବିକାଶ ତଥା ସେମାନଙ୍କ ଜୀବନରେ ଜାତୀୟ ସେବା ଯୋଜନାର ଭୂମିକା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମଞ୍ଚାସିନ କଲେଜ ଅଧ୍ୟକ୍ଷ ଶ୍ରୀଯକ୍ତମହାନ୍ତ, ମୁଖ୍ୟଅତିଥୁ ଅଧ୍ୟାପିକା କଳ୍ପଲତା ବେହେରା ଏବଂ ଅଧ୍ୟାପକଗଣ ନିଜନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏଥିରେ ଜାତୀୟ ସେବା ଯୋଜନାର ୧୦୫ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିବା ବେଳେ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ସମ୍ବାଦ ପରିବେଷଣ ପରେ ଶିକ୍ଷା ବିଭାଗର ଭାଙ୍ଗିଲା ନିଦ : ବସିଲା ସମୀକ୍ଷା ବୈଠକ

ଉଦଳା , ୨୪/୯ (ନି.ପ୍ର): ଅଧାରୁ ପାଠପଢ଼ା ଛାଡୁଥିବା ଓ ଆଦୌ ବିଦ୍ୟାଳୟର ମାଟି ମାଡ଼ିନଥିବା ପିଲାଙ୍କ ସମ୍ପର୍କରେ ନିୟମିତ ଖବରକାଗଜରେ ସମ୍ବାଦ ପରିବେଷଣ ହେବା ପରେ ମୟୂରଭଂଜ ଜିଲ୍ଲାର ଶିକ୍ଷା ବିଭାଗ ତତ୍ପର ହୋଇ ଉଠିବା ସହ ସମଗ୍ର କପ୍ତିପଦା ଉପଖଣ୍ଡର ଶିକ୍ଷା ବ୍ୟବସ୍ଥା ଉପରେ ନଜର ପକାଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଏହା ସାଧାରଣରେ ବହୁଳ ଭାବରେ ଚର୍ଚ୍ଚା ହେବା ସହ ଏବେ ଶିକ୍ଷା ବିଭାଗର ନିଦ ଭାଙ୍ଗିଲା ବୋଲି ଅନେକ ମତ ଦେଉଥିବାର କଥା ଶୁଣିବାକୁ ମିଳୁଛି । ଏଥିପାଇଁ ମୟୂରଭଂଜରେ କାର୍ଯ୍ୟରତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂଙ୍କ ଅଧ୍ୟକ୍ଷତାରେ ଉଦଳା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ କପ୍ତିପଦା ଉପଖଣ୍ଡ ମଧ୍ୟରେ କାର୍ଯ୍ୟରତ ଚାରିଗୋଟି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ, ସମସ୍ତ ସହକାରୀ ଗୋଷ୍ଠୀ ଶିକ୍ଷାଅଧିକାରୀ ଓ ସମସ୍ତ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜକ ଉପସ୍ଥିତ ଥିବାର ଜଣାଯାଇଛି। ସମୀକ୍ଷା ବୈଠକରେ ଆସ ସ୍କୁଲ ଯିବା ଅଭିଯାନ, ସ୍ୱଚ୍ଛ ଏବଂ ହରିତ ବିଦ୍ୟାଳୟ ସହ ଏକ ପେଡ଼ ମା' କେ ନାମ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିବାର ଖବର ଆମର ହସ୍ତଗତ ହୋଇଛି । ଶିକ୍ଷା ବିଭାଗର ଏପରି ତତ୍ପରତା ବିଭିନ୍ନ ମହଲରେ ଆଶ୍ୱସ୍ତି ଆଣିଦେଇଥିବାର ଜଣାଯାଇଛି ।

## ବିଶ୍ୱ ଫାର୍ମାସିଷ୍ଟ ଦିବସ ଅବସରରେ ସମ୍ ହସ୍ପିଟାଲ୍ ପକ୍ଷରୁ ୱାକାଥନ ଆୟୋଜିତ

ଭୁବନେଶ୍ୱର , ୨୪/୯ (ନି.ପ୍ର): ସେପ୍ଟେମ୍ବର ୨୫ ତାରିଖ ବିଶ୍ୱ ଫାର୍ମାସିଷ୍ଟ ଦିବସ ପରିପ୍ରେକ୍ଷୀରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ ପକ୍ଷରୁ ବୁଧବାର ୱାକାଥନ ଆୟୋଜିତ ହୋଇଛି। ସୁସ୍ଥ ରୁହନ୍ତୁ, ଡାକ୍ତରଙ୍କ ପରାମର୍ଶରେ ଔଷଧ ଖାଆନ୍ତୁ ଓ ଔଷଧ ଦୋକାନରୁ ବିନା ପ୍ରେସ୍କ୍ରିପ୍ସନରେ କିଣନ୍ତୁ ନାହିଁ। ଏହି ବାର୍ତ୍ତା ନେଇ ବୁଧବାର ସମ୍ ହସ୍ପିଟାଲ ଫାର୍ମାସିଷ୍ଟ ବିଭାଗ ପକ୍ଷରୁ ଏକ ୱାକାଥନ ସମ୍ ହସ୍ପିଟାଲ ନିକଟରେ ଆୟୋଜିତ ହୋଇଯାଇଛି। ହସ୍ପିଟାଲ କର୍ତ୍ତୃପକ୍ଷ ଓ କର୍ମଚାରୀ ବ୍ଲଡ ବ୍ୟାଙ୍କ ଅଂଚଳରୁ ବାହାରି ହସ୍ପିଟାଲର ନିକଟବର୍ତ୍ତୀ ଅଂଚଳ ପର୍ଯ୍ୟନ୍ତ ୱାକାଥନ କରି ଏକ ବାର୍ତ୍ତା ଦେଇଛନ୍ତି।

## ଗୋ ଚାଲାଣ ବେଳେ ମାଡିବସିଲା ପୁଲିସ: ୩ ପିକଅପ ଭ୍ୟାନ ସହ ମୋଟର ସାଇକେଲ ଜବତ, ୨ ଜଣ ଗିରଫ



ବେତନଟୀ, ୨୪/୯ (ନି.ପ୍ର): ବେଆଇନ ଗୋଚାଲାଣ କରାଯାଉଥିବାର ଖବରପାଇ ବେତନଟୀ ପୁଲିସ ପେଟ୍ରୋଲିଂ ଟିମ ବୁଢ଼ୀଖମାରି ସ୍ଥିତ କାଠପାଳ କେନାଲ ରାସ୍ତାରେ ଚଢ଼ାଉକରି ୩ଟି ଗୋରୁ ବୋଝେଇ ପିକଅପଭ୍ୟାନ ଏବଂ ସେଗୁଡିକୁ ସୁରକ୍ଷା ଯୋଗାଉଥିବା ମୋଟରସାଇକେଲ ଜବତ ସମେତ ଦୁଇଜଣଙ୍କୁ ଗିରଫ କରାଯାଇଛି। ଘଟଣା ରୁ ପ୍ରକାଶ ବଡସାହି ଥାନା ବାଲିଯୋଡା ଅଞ୍ଚଳରୁ ପଶ୍ଚିମବଙ୍ଗକୁ ବେଆଇନ ଗୋ-ଚାଲାଣ କରାଯାଉଥିବା ନେଇ ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତଙ୍କୁ ବିଶ୍ୱସ୍ତସୂତ୍ରରୁ ଖବର ମିଳିଥିଲା । ଯୋଜନା ମୁତାବକ ଆଇଆଇସି ସସ୍ମିତା ମହାନ୍ତ ସଦଳବଳେ କାଠପାଳ ଠାରେ କେନାଲ ରାସ୍ତାରେ ଛକି ରହିଥିବା ବେଳେ ୩ଟି ଗୋରୁ ବୋଝେଇ ପିକଅପଭ୍ୟାନକୁ ସୁରକ୍ଷା ଯୋଗାଉଥିବା ଏକ ମୋଟରସାଇକେଲ ସମେତ ଚାଳକକୁ ପ୍ରଥମେ କାବୁ କରିନେଇଥିଲେ । ଏହାପରେ ମଙ୍ଗଳବାର ବିଳମ୍ବିତ ରାତିରେ ୧୮ନଂ ଜାତୀୟରାଜପଥ ଅତିକ୍ରମ କରି ପଶ୍ଚିମବଙ୍ଗମୁହାଁ ଖସି ପଳାଇବାକୁ ଚେଷ୍ଟା କରୁଥିବା ୩ଗୋଟି ଗୋରୁବୋଝେଇ ପିକଅପଭ୍ୟାନକୁ ମଧ୍ୟ ଜବତ କରିଥିଲେ। ଅନ୍ଧାରରାତିରେ ଦୁଇଟି ପିକଅପଭ୍ୟାନ ଚାଳକ ଘଟଣାସ୍ଥଳରେ ଗାଡିଛାଡିଦେଇ ଚମ୍ପଟ ମାରିଥିବା ବେଳେ ଅନ୍ୟଜଣେ ପିକଅପ ଚାଳକ ଗାଡି ଖସାଇନେବାକୁ ଚେଷ୍ଟାକରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇ ଆହତ ପୂର୍ବକ ପୁଲିସ ହାତରେ ଧରା ପଡିଛି। ଜବତ ତିନିଗୋଟି ପିକଅପଭ୍ୟାନ ଓଡି- ୧୧ୟୁ-୩୭୦୪, ଓଡି-୧୧ଏଫ-୧୫୫୭ ଏବଂ ଓଡି-୧୧୩ -୩୭୯୨ରୁ ମୋଟ ୧୩ଟି ବିଭିନ୍ନ ବୟସର ଗାଈ ଏବଂ ୮ଟି ବଳଦ ଏହିପରି ସର୍ବମୋଟ ୨୧ଟି ଗୋରୁଗାଈଙ୍କୁ ଉଦ୍ଧାର ଥାନା କୁ ଅଣାଯାଇଥିଲା। ସେହିଭଳି ୩ଗୋଟି ଗୋରୁ ବୋଝେଇ ପିକଅପଭ୍ୟାନକୁ ସୁରକ୍ଷା ଯୋଗାଉଥିବା ଓଡି-୦୨ଏଏକ୍ସ-୯୬୫୬ ନମ୍ବର ବିଶିଷ୍ଟ ମୋଟରସାଇକେଲ ମଧ୍ୟ ଜବତ କରାଯାଇଛି। ଉଦ୍ଧାର ୨୧ଟି ଗୋରୁ ଗାଈଙ୍କୁ ବେତନଟୀ ଶ୍ରୀରାମ ସେନା ସଭାପତି ସନ୍ଦୀପ କୁମାର ମିଶ୍ର ଓ ତାଙ୍କ ସଂଘ ର କର୍ମକର୍ତ୍ତା ମାନେ ବେତନଟୀ ଥାନା ରେ ପହଞ୍ଚି ସେହି ଗୋରୁ ର ଖାଇବା ବ୍ୟବସ୍ଥା ଓ ଚିକିତ୍ସା କରି ବାଲେଶ୍ୱରସ୍ଥିତ ଗୋଶାଳାକୁ ହସ୍ତାନ୍ତର କରାଯାଇଛି। ଏନେଇ ବେତନଟୀ ପୁଲିସ ୩୩୨/୨୫ ରେ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛନ୍ତି।

## କଷାଫଳ ଏବଂ ପରିଖିରୁ ଦୁବୁଲାଗଡି ପର୍ଯ୍ୟନ୍ତ ସୁଦୀର୍ଘ ସାମୁଦ୍ରିକ ବନ୍ଧ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧପତ୍ର ଦେଲେ ସଦର ବିଧାୟକ

ବାଲେଶ୍ୱର, ୨୪/୯ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ସମୁଦ୍ରକୂଳିଆ ଅଞ୍ଚଳରେ ବର୍ଷ ବର୍ଷ ଧରି ଲୁଣା ପାଣି ମାଡ଼ି ଯିବାର ଭୟ ମଧ୍ୟରେ କାଳାତିପାତ କରୁଛନ୍ତି ଲକ୍ଷାଧିକ ଲୋକ। ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ସାର୍ଥା ପଞ୍ଚାୟତରେ ଲୁଣା ବନ୍ଧ ପ୍ରକଳ୍ପକୁ ବାସ୍ତବତାର ରୂପ ଦେବାରେ ସକ୍ଷମ ହେବା ପରେ ଏବେ କଷାଫଳ ଓ ଦୁବୁଲାଗଡିରେ ମଧ୍ୟ ଅନୁରୂପ ଲୁଣା ପଥର ବନ୍ଧ ନିର୍ମାଣ ପାଇଁ ଅଣ୍ଟା ଭିଡିଛନ୍ତି ସଦର ବିଧାୟକ ମାନସ କୁମାର ଦତ୍ତ। ପରିଖିରୁ ଦୁବୁଲାଗଡି ଏବଂ କଷାଫଳ ବେଳାଭୂମିରେ ଅନୁରୂପ ପଥର ଲୁଣା ବନ୍ଧ ନିର୍ମାଣ ଉଦ୍ଦେଶ୍ୟରେ ବିଧାୟକ ଶ୍ରୀ ଦତ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ ପୂର୍ବକ ଏକ ଅନୁରୋଧ ପତ୍ର ମାଧ୍ୟମରେ ପ୍ରସ୍ତାବ ଦେଇଛନ୍ତି। ଲୋକଙ୍କ ସରକାର ପ୍ରତ୍ୟେକ ମୁହୂର୍ତ୍ତରେ ଲୋକଙ୍କ ଆବଶ୍ୟକତା ପୂରଣକୁ ପ୍ରାଥମିକତା ଦେଉଥିବା ବେଳେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ଦୀର୍ଘ ଦିନର ଦାବି ଉପରେ ସରକାର ବିଚାର କରିବେ ବୋଲି ବିଧାୟକ ଶ୍ରୀ ଦତ୍ତ ଆଶା ପ୍ରକାଶ କରିଛନ୍ତି । ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ସମୁଦ୍ରକୂଳିଆ ଅଞ୍ଚଳରେ ଜୁଆରିଆ ପାଣି ମାଡ଼ିବା ସାଧାରଣ କଥା। ପୂର୍ଣ୍ଣିମା ବା ଅମାବାସ୍ୟାରେ ଉଚ୍ଚ ଜୁଆରର ପ୍ରକୋପରେ ଏଠାକାର ଧନ ଜୀବନକୁ ଅସ୍ତବ୍ୟସ୍ତ କରିପକାଏ। ସମୁଦ୍ରର ଲୁଣା ପାଣି ମାଡ଼ିଯାଏ ମାଇଲ ମାଇଲ ବାଟ । ଜମିଜମା ଲୁଣା ପାଣିରେ ଏକାକାର ହୋଇଯାଏ। ଏହାକୁ ନେଇ ଲୁଣା ଜୁଆରରୁ ରକ୍ଷା ଦେବାକୁ ସମୁଦ୍ର ଉପକୂଳରେ ବନ୍ଧ ନିର୍ମାଣ ପାଇଁ କାହିଁ କେତେ କାଳରୁ ଲୋକେ ଦାବି କରି ଆସୁଛନ୍ତି। ୨୦୨୨ ମସିହାର ୟାସ୍ ବାତ୍ୟାରେ ୧୦ଫୁଟ ଉଚ୍ଚର ସମୁଦ୍ର ଜୁଆର ମାଡ଼ି ଯାଇଥିଲା ସ୍ଥଳଭାଗକୁ। ସମତଳ ଉପକୂଳ ହୋଇଥିବାରୁ ଲୁଣା ଜୁଆର ପାଣି ପଶି ଯାଇଥିଲା ସ୍ଥଳଭାଗରେ ପ୍ରାୟ ୬ କିଲୋମିଟର ପର୍ଯ୍ୟନ୍ତ । ସେତେବେଳେ ଗାଁ ଗଣ୍ଡା ବୁଡ଼ି ଯାଇଥିଲା ଲୁଣା ପାଣିରେ। ଏମିତିକି ପିଇବା ପାଣି ପାଇବା ଲୋକଙ୍କ ପାଇଁ କଷ୍ଟକର ପରିସ୍ଥିତି ସୃଷ୍ଟି କରିଥିଲା। ବାତ୍ୟା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ ପାଇଁ ସେ ସମୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପହଞ୍ଚି ସାର୍ଥାରେ ଲୁଣାବନ୍ଧ ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟରେ ନୂତନ ସରକାର ଗଠନ ହେବା ପରେ ଲୋକଙ୍କ ଦାବି ପୂରଣ ନେଇ ଆଶା ସଂଚାର ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ଆବଶ୍ୟକୀୟ ଅର୍ଥ ଅନୁଦାନ ମଞ୍ଜୁର ପରେ ସାର୍ଥାରେ ଲୁଣା ବନ୍ଧର ନିର୍ମାଣ କାର୍ଯ୍ୟ ବାସ୍ତବ ରୂପ ନେବାର ସକ୍ଷମ ହୋଇପାରିଥିବା ବେଳେ କଷାଫଳ ଓ ପରିଖୀ ଠାରୁ ଦୁବୁଲଗଡି ପର୍ଯ୍ୟନ୍ତ ପଥର ବନ୍ଧ ନିର୍ମାଣ ପାଇଁ ବିଧାୟକ ପ୍ରୟାସ ଆରମ୍ଭ କରିଛନ୍ତି। ତାଙ୍କର ଏହି ସାଧୁ ଉଦ୍ୟମକୁ ସମଗ୍ର ନିର୍ବାଚନମଣ୍ଡଳୀର ଜନସାଧାରଣ ଭୂୟସୀ ପ୍ରଶଂସା କରିଛନ୍ତି।

## ପଂଚାୟତ ନିର୍ବାହୀ ଅଧିକାରୀ ମାନଙ୍କର ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର

ପୁରୀ, ୨୪/୯ (ନି.ପ୍ର): ପ୍ରାକୃତିକ ବିପର୍ଯ୍ୟୟକୁ ରୋକାଯାଇ ପାରିବା ନାହିଁ କିନ୍ତୁ ଏହାର ସଫଳ ମୁକାବିଲା କରି ଧନ ଜୀବନ ଓ କ୍ଷୟକ୍ଷତିକୁ ହ୍ରାସ କରାଯାଇ ପାରିବ।ଏଥିପାଇଁ ଉପଯୁକ୍ତ ପ୍ରଶିକ୍ଷଣ ଓ ସଚେତନତା ର ଆବଶ୍ୟକତା ରହିଛି ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ପୁରୀ ଜିଲ୍ଲାର ଅସ୍ତରଙ୍ଗ, ଗୋପ, ପିପିଲି ଓ ଡେଲାଙ୍ଗ ବ୍ଲକର ପଂଚାୟତ ନିର୍ବାହୀ ଅଧିକାରୀ ମାନଙ୍କର ଦୁଇ ଦିନିଆ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ର ରେ ୨୩ ଓ ୨୪ ସେପ୍ଟେମ୍ବର ରେ ଅନୁଷ୍ଠିତ ହୋଇଥିଲା।

## ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲେ ବିଧାୟକ ସନାତନ



ବେତନଟୀ, ୨୪/୯ (ନି.ପ୍ର): ଦୀର୍ଘଦିନ ଧରି ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ଅବସ୍ଥାରେ ପଡିରହିଥିବା ବ୍ୟସ୍ତବହୁଳ ବେତନଟୀ- ମାଣତ୍ରୀ ଏବଂ ବେତନଟୀ-ଦହିକୋଟି-ମେର୍ଦା-ଅଁଳା ରାସ୍ତାର ହସ୍ତାନ୍ତର ପୂର୍ବକ ଉନ୍ନତୀକରଣ ବାବଦରେ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସାକ୍ଷାତକରି ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ଲିଖତଭାବେ ଦୃଷ୍ଟିଆକର୍ଷଣ କଲେ ମାନ୍ୟବର ଲୋକପ୍ରିୟ ବିଧାୟକ ସନାତନ ବିଜୁଳି।ବେତନଟୀ ଗ୍ରାମ୍ୟ ଉନ୍ନୟନ ବିଭାଗ ନୀରିକ୍ଷଣରେ ଥିବା ବ୍ୟସ୍ତବହୁଳ ବେତନଟୀ- ମାଣତ୍ରୀ ୧୨କିଲୋମିଟର ରାସ୍ତା ଏବଂ ବେତନଟୀ- ଦହିକୋଟି- ମେର୍ଦା- ଅଁଳା ୧୮କିଲୋମିଟର ରାସ୍ତା ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ଅବସ୍ଥାରେ ପଡିରହିଥିବା ବେଳେ ଯାତାୟାତ ଏକପ୍ରକାର ଦୁର୍ବିସହ ହୋଇପଡିଥିଲା । ଗ୍ରାମ୍ୟ ଉନ୍ନୟନ ବିଭାଗ ନୀରିକ୍ଷଣରେ ଦୈନିକ ହଜାର ହଜାର ଯାନବାହନ ଏହି ଦୁଇଟି ବ୍ୟସ୍ତବହୁଳ ରାସ୍ତାରେ ଯାତାୟାତ କରୁଥିବା ବେଳେ ଅର୍ଥାଭାବରୁ ଆବଶ୍ୟକ ସମୟରେ ବିଭାଗ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ ଏବଂ ମରାମତି ପୂର୍ବକ ଉନ୍ନତୀକରଣ କରିବାରେ ବାଧା ଉପୁଜୁଥିଲା । ଫଳରେ ବିପର୍ଯ୍ୟସ୍ତ ରାସ୍ତାରେ ହଜାର ହଜାର ଲୋକ ଦୈନିକ ଯାତାୟାତ କରିବାକୁ ବାଧ ହେଉଥିଲେ। ବେତନଟୀ ଏବଂ ବଡସାହି ସମେତ ଆଖପାଖ ବ୍ଲକର ଲକ୍ଷଲକ୍ଷ ଲୋକଙ୍କ ସାମୁହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମାନ୍ୟବର ବିଧାୟକ ସନାତନ ବିଜୁଳି ମଙ୍ଗଳବାର ଭୁବନେଶ୍ୱର ଠାରେ ବିଭାଗୀୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସଭାକ୍ଷାତକରି ଉପରୋକ୍ତ ରାସ୍ତା ଦୁଇଟି ବାବଦରେ ଆଲୋଚନା କରିଥିଲେ । ଗ୍ରାମ୍ୟ ଉନ୍ନୟନ ବିଭାଗରେ ପାଣ୍ଠି ଅଭାବରୁ କିଭଳି ଅବହେଳିତ ଏହି ରାସ୍ତାଦୁଇଟିରେ ଦୈନିକ ହଜାର ହଜାର ଗାଡ଼ିମୋଟର ଯାତାୟାତ କରୁଛନ୍ତି ସେନେଇ ମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ । ବଡସହି ନିର୍ବାଚନମଣ୍ଡଳୀର ଉପରୋକ୍ତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ରାସ୍ତା ଗୁଡିକୁ ପୂର୍ତ୍ତବିଭାଗକୁ ହସ୍ତାନ୍ତର କରିବାକୁ ଲିଖିତ ପ୍ରସ୍ତାବ ମଧ୍ୟ ଦେଇଥିଲେ । ତେବେ ଖୁବଶୀଘ୍ର ଏହି ରାସ୍ତା ଗୁଡିକୁ ସର୍ଵେ ପୂର୍ବକ ପୂର୍ଣବିଭାଗକୁ ସ୍ଥାନାନ୍ତର ପରେ ରାସ୍ତାର ସମ୍ପ୍ରସାରଣ ଠାରୁ ଆରମ୍ଭ କରି ଉନ୍ନତୀକରଣ କରାଯାଇ ପାରିବ ସେନେଇ ବିଭାଗୀୟ ଅଧିକାରୀଙ୍କୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ତ୍ତବିଭାଗକୁ ହସ୍ତାନ୍ତର ହେଲେ ଏହାର ସମ୍ପ୍ରସାରଣ ପୂର୍ବକ ଉନ୍ନତୀକରଣ କରାଯାଇ ରାସ୍ତାଗୁଡିକର ରୂପରେଖ ବଦଳିଯିବ। ବଡସାହି ନିର୍ବାଚନ ମଣ୍ଡଳୀରେ ଗମନାଗମନକ୍ଷେତ୍ରରେ ଏହି ରାସ୍ତା ଦୁଇଟି ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ବେଳେ ସମ୍ପ୍ରସାରଣର ଯତେଷ୍ଟ ଆବଶ୍ୟକତା ମଧ୍ୟ ରହିଛି। ମାନ୍ୟବର ବିଧାୟକ ଶ୍ରୀଯୁକ୍ତବିଜୁଳି ବଡସାହି ନିର୍ବାଚନ ମଣ୍ଡଳୀ ର ଭୌଗଳିକ ସ୍ଥିତି ବାବଦରେ ଅବଗତ କରିବା ସହିତ ପୂର୍ତ୍ତବିଭାଗକୁ ହସ୍ତାନ୍ତର ପୂର୍ବକ ରାସ୍ତା ଗୁଡିକର ସମ୍ପ୍ରସାରଣ ହେଲେ ଗମନାଗମନ କ୍ଷେତ୍ରରେ କିଭଳି ଲକ୍ଷ ଲକ୍ଷ ଜନସାଧାରଣ ଉପକୃତ ହୋଇପାରିବେ ସେନେଇ ମାନ୍ୟବର ମନ୍ତ୍ରୀଙ୍କୁ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଗୁରୁବାର, ସେପ୍ଟେମ୍ବର ୨୫, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜାତୀୟ ସେବା ଯୋଜନା ଦିବସ ପାଳିତ




ବାରିପଦା :- ୨୪/୦୯:- ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଜନ୍ମ ଶତବାର୍ଷିକୀ ପାଳନ ଅବସର ରେ ୧୯୬୯ ମସିହା ସେପ୍ଟେମ୍ବର ମାସ ୨୪ ତାରିଖ ରେ ଜାତୀୟ ସେବା ଯୋଜନା ର ଶୁଭାରମ୍ଭ କରାଯାଇଥିଲା। ସେହି ବର୍ଷଠାରୁ ଆଜିର ଦିନକୁ ଜାତୀୟ ସେବା ଯୋଜନା ଦିବସ ରୂପେ ପାଳନ କରାଯାଇ ଆସୁଛି। ଏହି ଉପଲକ୍ଷେ ସ୍ଥାନୀୟ ମହାରାଜପୁର ସ୍ଥିତ ମୟୁରଭଞ୍ଜ କଲେଜ ଅଫ ଏକା ଉଣ୍ଟେନସି ଆଣ୍ଡ ମ୍ୟାନେଜମେଣ୍ଟ ର ଜାତୀୟ ସେବା ଯୋଜନା ୟୁନିଟ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ର ଅଧକ୍ଷ ଶ୍ରୀ ପ୍ରଦୀପ କୁମାର ନାୟକ ଯୋଗ ଦେଇ ସେବା ଯୋଜନା ର ମୂଳ ଲକ୍ଷ୍ୟ ହାସଲ ପାଇଁ ଶୃଙ୍ଖଳା ଭିତରେ ରହି ନିଜର ହିତ ସାଧନ କରିବା ସହ ଗୋଷ୍ଠୀଗତ ସେବା ଓ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ବି ଏ ଏଲ ଏଲ ବି ବିଭାଗ ମୁଖ୍ୟ ଜ୍ଞାନରଞ୍ଜନ ପଣ୍ଡା ନିଜ ଭିତରେ ଥିବା ନେତୃତ୍ୱ ନେବାର ପରାକାଷ୍ଠା କୁ ସେବା ମାଧ୍ୟମରେ ହିଁ ଆରମ୍ଭ କରିବା ପାଇଁ ନିଜ ବକ୍ତବ୍ୟ ରେ କହିଥିଲେ। ଅଧ୍ୟାପିକା ମୀରା ସେନାପତି ଜାତୀୟ ସେବା ଯୋଜନା ଅନ୍ତର୍ଗତ ବିଭିନ୍ନ ଯୋଜନା ସମ୍ପର୍କ ରେ ଆଲୋକ ପାତ କରିଥିଲେ. ଅଧ୍ୟାପିକା ଦୀପଞ୍ଜଳି ପାତ୍ର ଜ୍ୟୋତିରେଖା ନାୟକ ଓ ରୀତିକା ଦାସ ନିଜ ର ମତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟ ର ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ନାୟକ ଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ହୋଇଥିଲା। ଶେଷରେ ଅଧ୍ୟାପକ ସମ୍ବିତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସାଢେ ୪ହେକ୍ଟର ଅଞ୍ଚଳରେ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ବନବିଭାଗ ସହାୟତାରେ ସ୍ଥାନ ନିରୂପଣ କଲା ଗ୍ୟାସ ଅଥୋରିଟି ଅଫ ଇଣ୍ଡିଆ ଲିମିଟେଡ(ଗେଲ୍)



ବେତନଟୀ, ୨୪/୯ (ନି.ପ୍ର): ଧାମରା- ହଳଦିଆ ଗ୍ୟାସ ପାଇପଲାଇନ ପ୍ରକଳ୍ପ କାର୍ଯ୍ୟ କେନ୍ଦ୍ରସରକାରଙ୍କ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟ ଦ୍ୱାରା ନିୟନ୍ତ୍ରଣାଧୀନ ଗ୍ୟାସ ଅଥୋରିଟି ଅଫ ଇଣ୍ଡିଆ ଲିମିଟେଡ(ଗେଲ୍) ପକ୍ଷରୁ ବେତନଟୀ ରେଞ୍ଜ ଇଲାକାରେ ସାଢେ ୪ହେକ୍ଟର ଅଞ୍ଚଳରେ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ବନବିଭାଗ ସହାୟତାରେ ସ୍ଥାନ ନିରୂପଣ କରାଯାଇଛି । ଧାମରା-ହଳଦିଆ ଗ୍ୟାସ ପାଇପଲାଇନ ପ୍ରକଳ୍ପଟି ବେତନଟୀ ବ୍ଲକର ୧୬କିଲୋମିଟର ଏରିଆ ଅତିକ୍ରମ କରି ଯାଉଛି । ବେତନଟୀ ବ୍ଲକର ୧୬କିଲୋମିଟର ମଧ୍ୟରେ ଅର୍ଦ୍ଧାଧିକ ରାସ୍ତା ଅତିକ୍ରମ କରିସାରିଥିବା ବେଳେ ବର୍ଷା ଏବଂ ଚାଷ କାମ ପାଇଁ ଏହାକୁ ସାମୟିକ ଭାବରେ ସ୍ଥଗିତ ରଖାଯାଇଛି । ଗେଲ୍ ଇଣ୍ଡିଆ ପକ୍ଷରୁ ବେତନଟୀ ଅଞ୍ଚଳରେ ସାମୁହିକ ଜନକଲ୍ୟାଣ ଉଦେଶ୍ୟରେ ନୂତନ ଜଙ୍ଗଲ ସୃଷ୍ଟି କରାଯିବାକୁ ଧାର୍ଯ୍ୟ କରାଯାଇଛି । ଏନେଇ ଗେଲ୍ ଇଣ୍ଡିଆର ଅଧୀକାରୀ ବିକାଶ ମିଶ୍ର ବେତନଟୀରେଞ୍ଜର ମନୁଓ୍ୱର ଖାଁଙ୍କ ସହିତ ସରଜମିନ ତଦନ୍ତ ପୂର୍ବକ ପ୍ରସ୍ତାବିତ ନୂତନ ଜଙ୍ଗଲ ସୃଷ୍ଟି ନିମନ୍ତେ ସ୍ଥାନ ନିରୂପଣ କରିଛନ୍ତି । ମୁକ୍ତାପୁର ପଞ୍ଚାୟତ ଅଧୀନ ନୂଆଗାଁ ଠାରେ ସାଢେ ୪ ହେକ୍ଟର ଜମିରେ ଗେଲ୍ ଇଣ୍ଡିଆ ପକ୍ଷରୁ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ପ୍ରାଥମିକ ପର୍ଯ୍ୟାୟରେ କ୍ଷେତ୍ରପରିଦର୍ଶନ କରାଯାଇଛି। ସାଢେ ୪ହେକ୍ଟର ଜମିରେ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଥିବା ନିୟମାବଳୀ ଏବଂ ନିର୍ଦ୍ଦେଶାବଳି ବାବଦରେ ବନବିଭାଗ ପକ୍ଷରୁ ଗେଲ୍ ଇଣ୍ଡିଆ ଅଧିକାରୀଙ୍କୁ ଅବଗତ କରାଯାଇଛି। ଖୁବଶୀଘ୍ର ଗେଲ୍ ଇଣ୍ଡିଆ ପକ୍ଷରୁ ମୁକ୍ତାପୁର ପଞ୍ଚାୟତ ଅଧୀନ ନୂଆଗାଁ ଠାରେ ସାଢେ ୪ହେକ୍ଟର ଜମିରେ ନୂତନ ଜଙ୍ଗଲ ସୃଷ୍ଟି ପାଇଁ କାମ ଆରମ୍ଭ ହେବାନେଇ ଅଧିକାରୀ ବିକାଶ ମିଶ୍ର ସୂଚନା ଦେଇଛନ୍ତି । ଗେଲ୍ ଇଣ୍ଡିଆ ଅଧିକାରୀ ଏବଂ ବେତନଟୀ ରେଞ୍ଜର ମନୁର ଖାଁଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ବନପାଲ ପ୍ରଦୀପ ଦେହୁରୀ, ବନରକ୍ଷୀ ଶିବଶଙ୍କର ଦାସ, ପ୍ରିୟଙ୍କା ସାହୁ, ତପୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ୧୦ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ: ୨ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, ୨୪/୯ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଅଧକ୍ଷ ବିପ୍ରମଣ୍ଡଳଙ୍କ ନେତୃତ୍ୱର ପଟ୍ଟାମୁଣ୍ଡାଇ ଟାଉନ ଓ ରୁରଲ ଥାନା ଅଧିନିସ୍ଥ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନିମପୁର ଗ୍ରାମର ରାଜେଶ କୁମାର ସେଠିଙ୍କ ପାଖରୁ ୫୦ ଗ୍ରାମ ବ୍ରାଉନ ସୁଗାର ଓ ପଟ୍ଟାମୁଣ୍ଡାଇ ନଗରପାଳିକା ୱାର୍ଡ଼ ନମ୍ବର-୧୩ ଅଂଚଳର ସଖାଓ୍ୱାତ ଅଲି ଖାନ୍ଙ୍କ ପାଖରୁ ୪୬ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଅଛି। ଜବତ ହେଇଥିବ ବ୍ରାଉନ ସୁଗାରର ମୂଲ୍ୟ ପାଖାପାଖି ୯.୬ ଲକ୍ଷ ହେବ ବୋଲି ଆକଳନ କରାଯାଉଅଛି। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି।

# ମନ୍ଦାରି ମଣ୍ଡଳ ପୋଖରିଠାରେ ରକ୍ତଦାନ ଶିବିର




ବାସୁଦେବପୁର, ୨୪/୯ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ମନ୍ଦାରି ମଣ୍ଡଳ ପୋଖରି ନିକଟସ୍ଥ କଲ୍ୟାଣ ମଣ୍ଡପ ପରିସରରେ ବିଜେପି ପକ୍ଷରୁ ଭାରତ ବର୍ଷର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ ଜନ୍ମଦିନ ଓ ସେବାପକ୍ଷ ପାଳନ ଅବସରରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଭଦ୍ରକ ଲୋକସଭାର ମାନନୀୟ ସାଂସଦ ଅଭିମନ୍ୟୁ ସେଠି ଏହି ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଶିବିର କୁ ଉଦଘାଟନ କରିଥିଲେ। ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଭରତୀୟ ଜନତା ପାର୍ଟିର ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଏହି ଶିବିରରେ ସମୁଦାୟ ୧୩୫ ୟୁନିଟ ରକ୍ତ ସଂଗୃହୀତ ହୋଇ ଥିଲା। ରକ୍ତଦାନ ମହାପୁଣ୍ୟ। ଏହି ଶିବିରରେ ଭାରତୀୟ ଜନତା ପାର୍ଟିର ଯୁବ ନେତା ଓ କର୍ମୀ ଜଗବନ୍ଧୁ ଦାସ, ପ୍ରତାପ ସେନାପତି,ମହେଶ୍ୱର ଧଳ, ହେମନ୍ତ କୁମାର ସନ୍ଧି ବିଗ୍ରହ, ଗୋବିନ୍ଦ ଭାଇ, ବିଦ୍ୟାଧର ମୁଦୁଲି, ରାଜେନ୍ଦ୍ର ବାରିକ୍, ସୁବାସ ଚନ୍ଦ୍ର ପ୍ରଧାନ, ବିଦ୍ୟାଧର ଭାଇ, ରମାକାନ୍ତ ସେଠୀ ଓ ବହୁ ସଂଖ୍ୟାରେ ବିଭିନ୍ନ ପଞ୍ଚାୟତ ରୁ କର୍ମୀ ମାନେ ଯୋଗ ଦେଇଥିଲେ। ରକ୍ତଦାତା ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରା ଯିବା ସହିତ ଫଳ ଓ ମିଠା ବଣ୍ଟନ କରା ଯାଇଥିଲା।

## ବାପର କଟୁରୀ ଚୋଟରେ ପୁଅର ମୃତ୍ୟୁ: ବାପ କୋର୍ଟ ଚାଲାଣ

ଧର୍ମଶାଳା, ୨୪/୯ (ନି.ପ୍ର): ନୃସଂଶ ବାପର କଟୁରୀ ଚୋଟରେ ପୁଅର ମୃତ୍ୟୁ। ଏଭଳି ଅଭାବନୀୟ ଘଟଣା ଘଟିଛି ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ଏଣ୍ଡଲବା ପଂଚାୟତସ୍ଥ ବିଛାଖଣ୍ଡି ଗ୍ରାମରେ । ମୃତକ ଜଣକ ହେଲେ ବିଛାଖଣ୍ଡି ଶବର ସାହି ଗ୍ରାମର କଣ୍ଣ ନାୟକଙ୍କ ପୁଅ ଶମ୍ଭୁ ବୋଲି ଜଣାପଡିଛି । ପୋଲିସ ଏକ ମାମଲା ରୁଜୁ କରି କଣ୍ଣକୁ ଆଜି କୋର୍ଟ ଚାଲାଣ କରିଛି । ଏଭଳି ଘଟଣା ଘଟିବା ପରେ ସ୍ଥାନୀୟ ଅଂଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ସୂଚନା ମୁତବାକ, ସୋମବାର ରାତିରେ ବିଛାଖଣ୍ଡି ଶବର ସାହି ଅଂଚଳର ବାପ ପୁଅଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡା ହୋଇଥିଲା ।

# ଭୁଗୁନି ଖାଇ ଆକ୍ରାନ୍ତ ହେଲେ ଗ୍ରାମବାସୀ: ୪୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ



ଜଳେଶ୍ୱର, ୨୪/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଦକ୍ଷିଣ ପ୍ରହରାଜପୁର ପଂଚାୟତ ର ପ୍ରହରାଜପୁର ଗ୍ରାମର ଭୁଗୁନି ଖାଇ ଆକ୍ରାନ୍ତ ହେଲେ ୧ ନମ୍ବର ୱାର୍ଡ଼ ର ୪୦ ରୁ ଉର୍ଦ୍ଧ ୱାର୍ଡବାସୀ। ଆକ୍ରାନ୍ତ ଉଭୟ ମହିଳା ଏବଂ ପୁରୁଷ ହାତୀଗଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜିକେ ଭଟ୍ଟର ହସ୍ପିଟାଲ୍ ରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ ପ୍ରହରାଜପୁର ଗ୍ରାମ ରେ ଗୁରୁବାର ସକାଳ ସମୟ ରେ ଗ୍ରାମ ର ଜୈନିକ ଭୁଗୁନୀ ବିକାଳୀ ଘର ଘର ବୁଲି ଭିଗୁନି ବିକି ପେଟ ପୋଷିଥାନ୍ତି। ସେ ମଧ ମଙ୍ଗଳବାର ସକାଳ ସମୟ ରେ ୱାର୍ଡ ନମ୍ବର ୧ ରେ ଭୂଗୁନି ବିକିଥିଲେ ପାଖାପାଖି ୫୦ ରୁ ଉର୍ଦ୍ଧ ଲୋକ ଭୁଗୁନି ଖାଇଥିଲେ ଏବଂ ଅପରାହ୍ନ ତିନିଟା ସମୟରେ ଭୁଗୁନି ଖାଇଥିବା ଲୋକଙ୍କର ଦେହ ଅସୁସ୍ଥ ହେବା କୁ ଲାଗିବା ସହିତ ଝାଡ଼ା ଏବଂ ବାନ୍ତି ହୋଇଥିଲା। ଆକ୍ରାନ୍ତ ଲୋକ ହାତୀଗଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଚମ୍ପା ମଙ୍ଗଳ (୭୦), ସପନ ମଙ୍ଗଳ (୩୦), ରଶ୍ମି ମଙ୍ଗଳ (୨୮), ବଙ୍କିମ ମଙ୍ଗଳ (୬୦), ନୋନିଗୋପାଲ୍ ଦାସ (୪୧)ଏବଂ ଗୋପିକିସନ୍ ହସ୍ପିଟାଲ୍ ଜଳେଶ୍ୱର ରେ ଚିକିତ୍ସିତ ସଞ୍ଜୁ ପାତ୍ର (୩୭), ଗଗନ ପାତ୍ର (୬୦), ରାଧାରାଣୀ ପାତ୍ର (୨୮), ସୁକ ଜେନା (୫୪), କ୍ଷୀର ମଙ୍ଗଳ (୬୨), ପୂର୍ଣ୍ଣିମା ମଙ୍ଗଳ (୧୮), ଖୁକୁମଣି ମଙ୍ଗଳ (୩୨) ଚିକିତ୍ସିତ ହେଉଛନ୍ତି ଏବଂ ରାଜ କୁମାର୍ ଜେନା (୧୦)ଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ଫକୀର ମୋହନ ମେଡ଼ିକାଲ କଲେଜ କୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଜଳେଶ୍ୱର ବରିଷ୍ଠ ବିଜେପି ନେତା ବ୍ରଜମୋହନ ପ୍ରଧାନ, ଯୁବନେତା କାଳୀଚରଣ ଦାସ ଜଳେଶ୍ୱର ଗୋପିକିସନ୍ ହସ୍ପିଟାଲ୍ ପହଞ୍ଚି ଲୋକଙ୍କୁ ଭେଟିବା ସହିତ ଏ ବାବଦରେ ବାଲେଶ୍ୱର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଇଥିଲେ ଏବଂ ବାଲେଶ୍ୱର ମୁଖ୍ୟଚିକିତ୍ସା ଅଧିକାରୀ ଗାଁ କୁ ଏକ ମେଡ଼ିକାଲ ଟିମ ପଠାଇଛନ୍ତି ବୋଲି ସୂଚନା ମିଳିଛି।

# ଉତ୍ତମ ପୋଷଣ ଓ ସୁସ୍ଥ ଜୀବନକୁ ଆଧାର କରି ପୋଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ




ବସ୍ତା , ୨୪/୯ (ନି.ପ୍ର): ବସ୍ତା ବ୍ଲକ ଶିଶୁ ସମନ୍ୱିତ ବିକାଶ ବିଭାଗ ପକ୍ଷରୁ ଆଜି ଶିଶୁର ସ୍ୱାସ୍ଥ୍ୟ ଓ ବିକାଶ ଉପରେ ମା'ର ଗର୍ଭାବସ୍ଥାରେ ରକ୍ତହୀନତା ଓ ଆନୁଷଙ୍ଗିକ ଅଭାବର କୁପ୍ରଭାବ ସାରା ଜୀବନ ପାଇଁ ରହେ ଏବଂ ମାନବ ସମ୍ପଦ ବିକାଶ ଲକ୍ଷ୍ୟକୁ ପ୍ରତିହତ କରିଦିଏ।ଶିଶୁ ଓ ମା'ର ପୋଷଣ, ସ୍ୱାସ୍ଥ୍ୟ ଓ ବିକାଶର ଗୁରୁତ୍ୱ ବିଷୟରେ ଏବେ ସମସ୍ତେ ଚିନ୍ତିତ।ପିଲାଙ୍କ ସ୍ୱାସ୍ଥ୍ୟ ଓ ବିକାଶର ମୌଳିକ ଦାୟିତ୍ୱ ମା' ର।କିନ୍ତୁ ମା'ପାଖରେ ପିଲାର ସ୍ୱାସ୍ଥ୍ୟ ବିଷୟରେ ବୈଷୟିକ ଜ୍ଞାନ ଓ ସାଧନର ଅଭାବ ହେତୁ ଏଭଳି ସ୍ଥିତି ଉପୁଜିଛି। ପରିବର୍ତ୍ତିତ ପରିସ୍ଥିତିରେ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ମା'ମାନଙ୍କୁ ଆବଶ୍ୟକୀୟ ସାଧନ ଯୋଗାଇବା। ପିଲାଙ୍କ ସ୍ୱାସ୍ଥ୍ୟ ଓ ବିକାଶ ପାଇଁ ଗର୍ଭଧାରଣ ପୂର୍ବରୁ ମା'ର ପୋଷଣ,ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ସୁଷମ ଖାଦ୍ୟ ଓ ଔଷଧ,ଡାକ୍ତରଖାନାରେ ପ୍ରସବ ଓ ନବଜାତ ଶିଶୁର ଟିକାକରଣ,ମାତୃ ସ୍ତନ୍ୟପାନ, ପୁଷ୍ଟିକର ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ,ଶୌଚାଳୟ ଆଦିର ବ୍ୟବସ୍ଥା ଶିଶୁକୁ ଛ' ବର୍ଷ ବୟସ ହେବା ପର୍ଯ୍ୟନ୍ତ ମା' ପାଖରେ ପହଞ୍ଚାଇବାକୁ ହେବ। ପ୍ରଶାସନରେ ଥିବା ଅଧିକାରୀମାନେ ରାଜ୍ୟର ଶିଶୁମାନଙ୍କୁ ନିଜ ପିଲା ବୋଲି ଭାବିଲେ ଅନ୍ୟ ସବୁ କଥା ସହଜ ହୋଇଯିବ। ଅଙ୍ଗନବାଡ଼ି କେନ୍ଦ୍ର ହେଉଛି ଗାଁ ଗହଳରେ ଥିବା ଏକମାତ୍ର ସାର୍ବଜନୀନ ପ୍ରତିଷ୍ଠାନ।ତେଣୁ ଆଜି ବସ୍ତା ବ୍ଲକ ପରିସର ରେ ସମସ୍ତ ଅଙ୍ଗନବାଡି କର୍ମୀ ମାନଙ୍କୁ ନେଇ ଉତ୍ତମ ପୋଷଣ ଓ ସୁସ୍ଥ ଜୀବନ ଗଠନ ପାଇଁ ପୋଷଣ କାର୍ଯ୍ୟକ୍ରମ ସିଡିପିଓ ସ୍ନେହଲତା ଦାସ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଅଞ୍ଜିଲୀ ଦାସ, ଜବାମଣି ହେମ୍ବ୍ରମ, ବୈଜୟନ୍ତ ମହାରଣା, ଲକ୍ଷ୍ମୀମଣୀ ସାହୁ। ଯୋଗଦେଇ ପ୍ରତ୍ୟେକ ପରିବାରର ମାଆ ମାନେ ନିଜ ପିଲା ମାନଙ୍କୁ ପୋଷଣ ସଂପର୍କରେ ସଚେତନ କରାଇବା ଉଚିତ ବୋଲି ବକ୍ତବ୍ୟରେ କହିଥିଲେ।ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର କିଶୋରି ବାଳିକାଙ୍କ ସହ ଅଭିଭାବିକା ମାନେ ଯୋଗ ଦେଇଥିଲେ।

# ଟାଉନହଲରେ ବିଜେପି ପକ୍ଷରୁ ରକ୍ତଦାନ ଶିବିର



ବାସୁଦେବପୁର, ୨୪/୯ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନନୀୟ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଳନ ଓ ସେବାପକ୍ଷ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଭଦ୍ରକର ମାନ୍ୟବର ସାଂସଦ ଅଭିମନ୍ୟୁ ସେଠି ମୁଖ୍ୟ ଅତିଥି ଭାବେ ଏହି ଶିବିରରେ ଯୋଗ ଦେଇଥିଲେ ଓ ଏହାକୁ ଉଦଘାଟନ କରିଥିଲେ। ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଧାନସଭା ନେତା ବାଣୀ କଲ୍ୟାଣ ମହାନ୍ତିଙ୍କ ନେତୃତ୍ୱରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ସମୁଦାୟ ୭୫ ୟୁନିଟ ରକ୍ତ ଏହି ଶିବିରରେ ସଂଗୃହୀତ ହୋଇଥିଲା। ଏହି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଯୁବ ନେତା ମଧୁସୁଦନ ପାଢୀ, ଲିଙ୍କୁନ ଦଳାଇ, ଅନାଦି ବେହେରା, ଅସିତ୍ କୁମାର ଦାଶ, ଉମାକାନ୍ତ ଡାଙ୍ଗୁଆ, ଅମରେନ୍ଦ୍ର ନାୟକ, ମାନସ କୁମାର ନାୟକ, ଅଜୟ ନାୟକ, କିଶୋର କୁମାର ଜେନା, ବଳରାମ ନାୟକ, ଶତ୍ରୁଘ୍ନ ବାରିକ୍, ଅଭୟ ଭାଇ, ବରଣ୍ଡୁଆ ଗ୍ରାମ ପଞ୍ଚାୟତର ସରପଞ୍ଚ ଗୋବିନ୍ଦ ଚନ୍ଦ୍ର ମଲ୍ଲିକ , କନକଲତା ପ୍ରଧାନ ଓ ବହୁ ସଂଖ୍ୟାରେ କର୍ମୀ ବନ୍ଧୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମସ୍ତ ରକ୍ତଦାତା ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରା ଯାଇଥିଲା। ସମସ୍ତେ ବିଶ୍ୱ ଗୁରୁ ତଥା ପ୍ରିୟ ପ୍ରଧାନ ମନ୍ତ୍ରୀ ମୋଦିଜୀ ଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ଏହି ଶିବିରରେ ପରିବେଶ ସୁରକ୍ଷା କରିବା,ବୃକ୍ଷ ରୋପଣ କରିବା, ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ଓ ରକ୍ତଦାନ କରି ଅନ୍ୟ ମାନଙ୍କ ଜୀବନ ବଞ୍ଚାଇବା ସମ୍ପର୍କରେ ଆଲୋଚନା କରା ଯାଇଥିଲା।

# ଭଦ୍ରକ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର -୨୦୨୫ ଅନୁଷ୍ଠିତ




ଭୁବନେଶ୍ୱର, ୨୪/୯ (ନି.ପ୍ର): ପିଏମ ଶ୍ରୀ ବିନ୍ଦୁ ମାଧବ ବାଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭଦ୍ରକ ଜିଲ୍ଲାସ୍ତରୀୟ ବିଜ୍ଞାନ ସେମିନାର -୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲାର ୦୭ଟି ବ୍ଲକରୁ ମନୋନୀତ ହୋଇଥିବା ୨୧ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମିନାରରେ ମୁଖ୍ୟ ଅତିଥିଭାବେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୋରୋଜ କୁମାର ଦତ୍ତ। ସଭାପତିତ୍ୱ କରିଥିଲେ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ଜଗବନ୍ଧୁ ସାହୁ। ମଞ୍ଚ ପରିଚାଳନା କରିଥିଲେ ଜିଲ୍ଲା ବିଜ୍ଞାନ ସଂଯୋଜକ ଶ୍ରୀମତୀ ହିମାଦ୍ରି ନନ୍ଦିନୀ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ପ୍ରଶାନ୍ତ କୁମାର ସାହୁ, ପ୍ରଧାନଶିକ୍ଷକ, ବିନ୍ଦୁମାଧବ ବାଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟ, ଡକ୍ଟର ସନ୍ତୋଷ କୁମାର ନନ୍ଦ, ଅଧ୍ୟାପକ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟ । ବିଚାରକ ଭାବେ ରମଣୀ ରଞ୍ଜନ ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କାର୍ଯ୍ୟ ସମ୍ପାଦନ କରିଥିଲେ । ସେମିନାରରେ ପ୍ରଥମ ସ୍ଥାନ ଅଂଶୁମାନ ପଣ୍ଡା, ବୈଭବ କୁମାର ସାହୁ, ଦ୍ୱିତୀୟ ସ୍ଥାନ, ସୁଶ୍ରୀ ତୁଳସୀ ନାୟକ, ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଭାକାର୍ଯ୍ୟ ପରିଚାଳନରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ସହାୟତା କରିଥିଲେ ଏବଂ ସଭାଶେଷରେ ଶିକ୍ଷକ ସୋନ୍ତୋଷ କୁମାର ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ।

# ସମସ୍ୟା ହିଁ ସମସ୍ୟାରେ କବଳିତ ୭୦ବର୍ଷର ପଞ୍ଚଲିଙ୍ଗେଶ୍ୱର ପ୍ରାଥମିକ ବିଦ୍ୟାଳୟ

ନୀଳଗିରି , ୨୪/୯ (ନି.ପ୍ର): ନା ଅଛି ବିଦ୍ୟାଳୟକୁ ରାସ୍ତା ନା ଅଛି ଶ୍ରେଣୀକୋଠରୀ। ପାଇଖାନାଟିଏ ନାହିଁ। ଏବେବି ନେଟଓ୍ୱର୍କ ଅପହଞ୍ଚ।ଦୀର୍ଘ ୭ଦଶକ ବିତିଯାଇଥିଲେ ମଧ ଏବେବି ସରକାରଙ୍କ ନଜର ଆଢୁଆଳରେ ଦେବାଗିରି ପାହାଡ ପାଦଦେଶରେ ଅବସ୍ଥିତ ପ୍ରସିଦ୍ଧ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ପୀଠର ନିମ୍ନଦେଶରେ ଅବସ୍ଥିତ ତଥା ଶ୍ୟାମସୁନ୍ଦରପୁର ପଞ୍ଚାୟତ କଣ୍ଟାବଣିଆ ଗ୍ରାମ ଅଧୀନ କଇଁମହୁଡ଼ିର ପଞ୍ଚଲିଙ୍ଗେଶ୍ୱର ପ୍ରାଥମିକ ବିଦ୍ୟାଳୟ। ୧୯୫୮ମସିହାରେ ନିର୍ମିତ ଉକ୍ତ ବିଦ୍ୟାଳୟକୁ ଯିବାପାଇଁ ଏବେବି କାଦ ପଚପଚ ପାଦଚଲା ରାସ୍ତାହିଁ ଉଭୟ ଶିକ୍ଷାର୍ଥୀ ଏବଂ ଶିକ୍ଷକଙ୍କ ଭରଷା।ଭଲରାସ୍ତାଟିଏ ନଥିବା ବେଳେ ୫ଗୋଟି ଶ୍ରେଣୀକୁ ଦୁଇଟି ଶ୍ରେଣୀଗୃହ। ପର୍ଯ୍ୟଟନର ବିକାଶପାଇଁ ରାଜ୍ୟସରକାର ଉକ୍ତ ପୀଠକୁ କୋଟିକୋଟି ଟଙ୍କା ବ୍ୟୟବରାଦ କରିଥିବା ବେଳେ ବାବାଙ୍କ ପୀଠର ମୁଖ୍ୟଦ୍ୱାର ସନ୍ନିକଟ ଉକ୍ତ ବିଦ୍ୟାଳୟ ପ୍ରତି ନଜର ଦେଇନଥିବା କ୍ଷୋଭର ସହ କହିଛନ୍ତି ଗ୍ରାମବାସୀ। ଉକ୍ତ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ସହିତ ମୋଟ ୩ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ଚଳିତବର୍ଷ ପ୍ରଥମରୁ ପଞ୍ଚମପର୍ଯ୍ୟନ୍ତ ମୋଟ ୪୫ଜଣ ବିଦ୍ୟାର୍ଥୀ ପାଠ ପଢୁଥିବା ବେଳେ ସମସ୍ୟାଘେରରେ ଉକ୍ତ ବିଦ୍ୟାଳୟ ନାହିଁନାହିଁରେ ଚାଲିଥିବାରୁ ଏହି ବିଦ୍ୟାଳୟ ଉପରେ କେବେ ପ୍ରଶାସନର ଦୃଷ୍ଟି ପଡ଼ିବ ତାକୁ ଅଞ୍ଚଳବାସୀଙ୍କ ଅପେକ୍ଷା।

# ନଭେମ୍ବର ୧୨ରୁ ଚାରିଦିନିଆ ସଂସ୍କାର ଶିଶୁ ମହୋତ୍ସବ ମୟୂରୀ

ବାରିପଦା, ୨୪/୯ (ନି.ପ୍ର): ଆସନ୍ତା ନଭେମ୍ବର ରେ ହେବାକୁ ଥିବା ସଂସ୍କାର ଶିଶୁ ମହୋତ୍ସବ ମୟୂରୀ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଆଭାସୀ ଜରିଆରେ ଅନୁଷ୍ଠିତ ହୋଇ ଯାଇଛି । ମହୋତ୍ସବ ର ପ୍ରତିଷ୍ଠାତା ସାମ୍ବାଦିକ ସଞ୍ଜୟ କୁମାର ଚୌଧୁରୀଙ୍କ ଆହ୍ୱାନ କ୍ରମେ ମୟୂରୀ ସହ ଜଡିତ ଥିବା ଶୁଭେଚ୍ଛୁ, କର୍ମକର୍ତ୍ତା ଓ ଉପଦେଷ୍ଟା ମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇ ନିଜ ନିଜର ଖୋଲା ମତ ବ୍ୟକ୍ତ କରିଥିଲେ । ନିଷ୍ପତ୍ତି ଅନୁଯାୟୀ ଏହି ମହୋତ୍ସବ ପୂର୍ବ ବର୍ଷ ମାନଙ୍କ ଅପେକ୍ଷା ଆହୁରି ସରସ ସୁନ୍ଦର ଆକର୍ଷଣୀୟ କରି ଗଢି ତୋଳିବାକୁ ଯୋଜନା ହୋଇଥିବା ବେଳେ ଚଳିତ ବର୍ଷ ୧୨ ରୁ ୧୫ ଯାଏଁ ଚାରିଦିନ ଧରି ସ୍ଥାନୀୟ ଶିଶୁ ଉଦ୍ୟାନ, ମ୍ୟୁନିସି ପାଲଟି ଗେଷ୍ଟ ହାଉସ ଏବଂ ମ୍ୟୁନିସି ପାଲଟି କଲ୍ୟାଣ ମଣ୍ଡପ ରେ ଆୟୋଜିତ ହେବ । ଚଳିତ ବର୍ଷ ଏହି ମହୋତ୍ସବରେ ପିଲାଙ୍କ ବ୍ୟକ୍ତିତ୍ୱ ବିକାଶ ପାଇଁ ଜ୍ଞାନ, ବିଜ୍ଞାନ, ଆଧ୍ୟାତ୍ମ ସଂସ୍କୃତି, ଐତିହ୍ୟ ଚର୍ଚ୍ଚା ଠୁ ଆରମ୍ଭ କରି ଚିତ୍ରକଳା, ନୃତ୍ୟ, ଗୀତ, ଅଭିନୟ, ନାଟକ ମନୋରଞ୍ଜନ ସହିତ ଅନ୍ତର୍ନିହିତ ପ୍ରତିଭା ଅନ୍ୱେଷଣର ଭରପୁର ସୁଯୋଗ ସୃଷ୍ଟି କରାଯିବ । ପୂର୍ବବର୍ଷ ପରି ବାଲୁକା ଶିଳ୍ପୀଙ୍କ ବାଲୁକା କଳା, ପିଲାଙ୍କ ଶେଲଫି ଷ୍ଟାଣ୍ଡ ଆଦି ରହିବ । ଏଥି ସହ ଆହୁରି ଅନେକ କିଛି କରିବାର ଯୋଜନା କରା ଯାଇଛି । ଦ୍ୱେ ଉଦଘାଟନୀ କାର୍ଯ୍ୟକ୍ରମ ଅବସରରେ ପ୍ରଥମ ଦିନ ସକାଳେ ପଥ ଉତ୍ସବ ଆୟୋଜିତ ହେବ । ଶିଶୁ ଉଦ୍ୟାନ ଫାଟକ ସମ୍ମୁଖରେରୁ ଆରମ୍ଭ କରି ସଂସ୍କୃତି ଭବନ ସମ୍ମୁଖ ଯାଏ ରାସ୍ତାରେ ଏହି ପଥ ଉତ୍ସବ ପ୍ରଦର୍ଶନୀ ସହ ରଙ୍ଗରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ କ୍ଷ ଏହା ଛଡା ଚାରିଦିନ ଧରି ପିଲା ଓ ଅଭିଭାବକ ଙ୍କ ପାଇଁ ବିଶେଷ କାର୍ଯ୍ୟକ୍ରମ ର ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ହୋଇଥିବା ବେଳେ ଆସନ୍ତା ଅକ୍ଟୋବର ୫ ତାରିଖ ରହିବାର ବୈଠକରେ ଏ ସମ୍ପର୍କରେ ପୁଙ୍ଖାନୁ ପୁଙ୍ଖ ଆଲୋଚନା ହେବ ବୋଲି ନିଷ୍ପତ୍ତି ହୋଇଛି । ବୈଠକ ରେ ପରିବେଶବିତ ବିବେକାନନ୍ଦ ପଟ୍ଟନାୟକ , ଇଂ ସୁନୀଲ ପ୍ରଧାନ, ଡ଼ ପୁଷ୍ପା ପାତ୍ର, ଆଡ଼ ଭୋକେଟ କ୍ଷେତ୍ର ମୋହନ ପଣ୍ଡା, ପ୍ରୀତିସୁଧା ତ୍ରିପାଠୀ, ସୁଧାମୟୀ ଦାସ, ପ୍ରଦୀପ ଦାସ, ବୈଜୟନ୍ତୀ ମାଳା ପାଲ, ଲକ୍ଷ୍ମୀଧର ଜେନା, ଡ଼ ଅଳକା ମଞ୍ଜରୀ ଭୂୟାଁ, ପୂର୍ଣ୍ଣିମା ପଣ୍ଡା, ଦର୍ଶନା ଭଞ୍ଜଦେଓ, ତଥାଗତ ଉପାଧ୍ୟାୟ, ଶ୍ରୁତି ମାଇତି, ଚିନ୍ମୟ ଷଡ଼ଙ୍ଗୀ, ପ୍ରାଚୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida